


▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-30 ◆FRIDAY ◆24 JULY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୩୦ ◆ଶୁକ୍ରବାର ◆୨୪ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



Aakash
Medical | IIT-JEE | Foundations

## Aakash = NEET LEADERSHIP

NEET (UG) 2026 Results

PUNJAB TOPPER — AIR 1 — ARYAN GUPTA — DLP Program

RAJASTHAN TOPPER — AIR 3 — UPLAKSHYA GOYAL — Classroom Program

UP TOPPER — AIR 7 — ARYAN DUBEY — Classroom Program

AIR 8 — GEETANSH SARIN — Classroom Program

and many more...

Results that speak for themselves

17 Students — State Toppers
04 Students — in Top 10 AIR
18 Students — in Top 50 AIR
41 Students — in Top 100 AIR

*Includes students of classroom, digital & distance across all categories.

## OUR STAR PERFORMERS FROM ODISHA CLASSROOM PROGRAM

| AIR | Score | Name | Program |
|---|---|---|---|
| 80 | 695/720 | AMAAN K NAYAK | Classroom Program |
| 225 | 682/720 | ABHILASHA PANDA | Classroom Program |
| 273 | 680/720 | DEBESH K SAHOO | Classroom Program |
| 462 | 671/720 | RAJIV RAIGURU | Classroom Program |
| 515 | 670/720 | PIYUSH PRIYAMBAD | Classroom Program |
| 637 | 666/720 | PRAYASH P MOHANTY | Classroom Program |
| 949 | 659/720 | SREYAN KHUNTIA | Classroom Program |

and many more...

07 Students in Top 1000 AIR | 18 Students in Top 2000 AIR | 38 Students in Top 5000 AIR | 72 Students in Top 10000 AIR | 106 Students in Top 15000 AIR

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

## ADMISSIONS OPEN
REPEATER / DROPPER BATCHES
for NEET | JEE 2027 (XII Passed Students)

SCAN TO ENROLL

APPEAR FOR iACST
Get Up to 90% SCHOLARSHIP*
T & C Apply

Batch Commencement Dates: 27th & 30th July, 2026

Call Your Nearest Branch: Bhubaneswar (Bhoumanagar): 8800852494, 9337870700 (Chandrasekharpur): 8800874104, 9311734469 (Khandagiri): 8093201814, 9938896677 (Lewis Road): 8093083567 Cuttack: 8800849243, 9337355230 Cuttack (Shelter Chaak): 8093083568 Baleswar: 8800538720, 7008000100 Berhampur: 8800502470, 9078884998 Sambalpur: 8448693770, 9338170700 Rourkela: 8093083553, 8093201810 Angul: 8093083557, 8093201822 Balangir: 7008112665, 8093083552 Jajpur Road: 9078677290 Jeypore: 8093083564, 9778980373

CALL (TOLL-FREE): 1800-102-2727 | VISIT: aakash.ac.in

Aakash
Medical | IIT-JEE | Foundations



ସଂସଦର ମକର ଦ୍ୱାର ସମ୍ମୁଖରେ ଏନ୍‌ଡିଏ ଓ ବିରୋଧୀ ସାଂସଦ ମୁହାଁମୁହିଁ



ଯନ୍ତରମନ୍ତରରେ ଆନ୍ଦୋଳନ ଜାରୀ

# ବାତିଲ ହେବ ଆନ୍ଦୋଳନକାରୀଙ୍କ ପାସ୍‌ପୋର୍ଟ !

ନୂଆଦିଲ୍ଲୀ,୨୩।୭ (ଏଜେନ୍ସି): ଛାତ୍ର ଆନ୍ଦୋଳନ ବେଳେ ହିଂସାକାଣ୍ଡରେ ଯେଉଁମାନେ ସଂପୃକ୍ତ ଅଛନ୍ତି, ସେମାନଙ୍କୁ ଚିହ୍ନଟ କରି ସେମାନଙ୍କର ପାସପୋର୍ଟ ବାତିଲ କରାଯିବ। ଏହି ଛାତ୍ରମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍‌ର ସହାୟତା ନେଉଛି ଦିଲ୍ଲୀ ପୁଲିସ। ଏହି ଖବର ମିଳିବା ପରେ ଆନ୍ଦୋଳନକାରୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନଶନ ଚଳାଇଥିବା ବିଶିଷ୍ଟ ଶିକ୍ଷାବିତ ସୋନମ୍ ୱାଙ୍ଗଚୁକ୍ ଗତକାଲି ଏଭଳି ଆଶଙ୍କା କରି କହିଥିଲେ ଯେ, ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦିଲ୍ଲୀ ପୁଲିସ ଯୋଜନା ଚଳାଇଛି। ଏଥିରୁ ବିରତ ରହିବା ଲାଗି ସେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ।

ଦିଲ୍ଲୀରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ଦୃଷ୍ଟିରେ ରଖି ଯନ୍ତରମନ୍ତରର ୧.୫ କିଲୋମିଟର ପରିଧି ମଧ୍ୟରେ ଆଜି ମଧ୍ୟରାତ୍ରି ପର୍ଯ୍ୟନ୍ତ ମୋବାଇଲ୍ ଇଣ୍ଟରନେଟ୍ ସେବା ସାମୟିକ ଭାବେ ବନ୍ଦ ରଖାଯାଇଛି। ଗୃହମନ୍ତ୍ରୀ ଅମିତ ଶାହଙ୍କ ବାସଭବନ ବାହାରେ ସଭାସମିତି ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି। ଆନ୍ଦୋଳନ ବେଳେ କାର୍ଯ୍ୟାନୁଷ୍ଠାନ ଲାଗି ପୁଲିସ ଯୋଜନା କରୁଥିବା ନେଇ ଆଶଙ୍କା ପ୍ରକାଶ ପାଇଥିବା ବେଳେ ପୁଲିସ ଖଣ୍ଡନ କରି କହିଛି ଯେ ଆଜି ରାତିରେ କାର୍ଯ୍ୟାନୁଷ୍ଠାନ ହେବନାହିଁ।




## ଦିଲ୍ଲୀ ମେଟ୍ରୋର ୧୬ଟି ପ୍ରମୁଖ ଷ୍ଟେସନ ବନ୍ଦ

ନୂଆଦିଲ୍ଲୀ,୨୩।୭ (ଏଜେନ୍ସି):

ସେଣ୍ଟ୍ରାଲ ଦିଲ୍ଲୀର ୧୬ଟି ଗୁରୁତ୍ୱପୂର୍ଣ୍ଣ ମେଟ୍ରୋ ଷ୍ଟେସନକୁ ଗୁରୁବାର ସକାଳୁ ସୁରକ୍ଷା କାରଣରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଦେଶର ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଯନ୍ତର ମନ୍ତରଠାରେ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନରେ ଜନସମାଗମ ବୃଦ୍ଧି ପାଇବା ପରେ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ (ଡିଏମ୍‌ଆର୍‌ସି) ଏହି ନିଷ୍ପତ୍ତି ନେଇଛି। ବନ୍ଦ ରହିଥିବା ମେଟ୍ରୋ ଷ୍ଟେସନଗୁଡ଼ିକ ମଧ୍ୟରେ ରାଜୀବ ଚୌକ, ସେଣ୍ଟ୍ରାଲ ସେକ୍ରେଟାରିଏଟ, ମାଣ୍ଡି ହାଉସ, ଆଇଟିଓ, ଖାନ ମାର୍କେଟ, ଲୋକ କଲ୍ୟାଣ ମାର୍ଗ, ପଟେଲ ଚୌକ, ରାମକୃଷ୍ଣ ଆଶ୍ରମ ମାର୍ଗ, ବାରାଖମ୍ବା ରୋଡ, ସୁପ୍ରିମ କୋର୍ଟ, ସେବା ତୀର୍ଥ, ଜନପଥ, ଦିଲ୍ଲୀ ଗେଟ, ଇନ୍ଦ୍ରପ୍ରସ୍ଥ, ଜୋର ବାଗ ଏବଂ ଶିବାଜୀ ଷ୍ଟାଡିୟମ ଅନ୍ତର୍ଭୁକ୍ତ। ତେବେ ରାଜୀବ ଚୌକ, ମାଣ୍ଡି ହାଉସ ଏବଂ ସେଣ୍ଟ୍ରାଲ ସେକ୍ରେଟାରୀଏଟ୍ ଷ୍ଟେସନଗୁଡ଼ିକରେ ଟ୍ରେନ ବଦଳାଇବା (ଇଣ୍ଟରଚେଞ୍ଜ) ସୁବିଧା ପୂର୍ବପରି ଚାଲୁ ରହିଛି। ସୂଚନାଯୋଗ୍ୟ, ଜୁଲାଇ ୨୦ରେ ହୋଇଥିବା 'ସଂସଦ ଚଲୋ' ଅଭିଯାନ ପରଠାରୁ ଛାତ୍ରଛାତ୍ରୀ ଏବଂ ଆନ୍ଦୋଳନକାରୀମାନେ ଲଗାତାର ଧାରଣାରେ ବସିଛନ୍ତି। ପରୀକ୍ଷା ପରିଚାଳନାରେ ସୁଧାର, ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଏବଂ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଆତ୍ମହତ୍ୟା କରିଥିବା ପରୀକ୍ଷାର୍ଥୀଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଏହି ସଂଗ୍ରାମ ଜାରୀ ରହିଛି। ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ନ କରିବାକୁ ସରକାର ଆଶ୍ୱାସନା ଦେଲେ ସେ ଅନଶନ ଭାଙ୍ଗିବେ ବୋଲି ସୂଚନା ଦେଇଛନ୍ତି।

# ଆନ୍ଦୋଳନକାରୀଙ୍କୁ ଛର୍‌ରା-ବନ୍ଧୁକ ମାଡ଼: ଦେହସାରା କ୍ଷତ ଚିହ୍ନ, ଆଖି ନଷ୍ଟ!

ନୂଆଦିଲ୍ଲୀ,୨୩।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟର ପ୍ରତିବାଦ ଏବଂ ଏଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କକ୍ରୋଚ୍ ପାର୍ଟିର ଆନ୍ଦୋଳନ ଚାଲିଥିବା ବେଳେ ସେମାନଙ୍କ ବିରୋଧରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ ୨୦ ତାରିଖରେ 'ସଂସଦ ଚଲୋ' ଅଭିଯାନ ବେଳେ ନିରସ୍ତ୍ର ଆନ୍ଦୋଳନକାରୀଙ୍କ ବିରୋଧରେ ଦିଲ୍ଲୀ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିବା ବେଳେ ଆଜି ପୁଲିସ ବିରୋଧରେ ଆଉ ଏକ ସାଂଘାତିକ ଅଭିଯୋଗ ଆସିଛି। ଅଭିଯୋଗ ହୋଇଛି ଯେ ପୁଲିସ କେବଳ ଲାଠିମାଡ଼ କରିନାହିଁ, ଆନ୍ଦୋଳନକାରୀଙ୍କ ବିରୋଧରେ ଛରା ବନ୍ଧୁକ (ପେଲେଟ୍ ଗନ୍) ମାଡ଼ ମଧ୍ୟ କରିଛି। ଅନେକ ଯୁବ ଆନ୍ଦୋଳନକାରୀଙ୍କ ଦେହରେ କ୍ଷତ ଚିହ୍ନ ରହିଛି। ପେଲେଟ୍ ଗନ୍ କେବଳ ଜମ୍ମୁ-କଶ୍ମୀରରେ ବ୍ୟବହାର ହେଉଥିବା ବେଳେ ଦିଲ୍ଲୀ ପୁଲିସ କାହିଁକି ଏହାର ପ୍ରୟୋଗ ଆନ୍ଦୋଳନକାରୀଙ୍କ ଉପରେ କଲା ବୋଲି ପ୍ରଶ୍ନ ଉଠିଲାଣି। ଦିଲ୍ଲୀ ପୁଲିସ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ ମଧ୍ୟ ଆନ୍ଦୋଳନକାରୀଙ୍କ ଦେହରେ ଛରା କ୍ଷତ ଏବଂ ମେଡିକାଲ ରିପୋର୍ଟ ଦିଲୀ ପୁଲିସର ବର୍ବରତାକୁ ପଦାରେ ପକାଇଦେଇଛି।







'ଇଣ୍ଡିଆ ଟୁଡେ' ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଅନେକ ଛାତ୍ରଛାତ୍ରୀଙ୍କ ଦେହରେ ଉତ୍ତପ୍ତ ଛରା ପଶିଯାଇଥିଲା। ମେଡିକାଲରେ ଛରାଗୁଡ଼ିକୁ ବାହାର କରାଯାଇଛି। କିନ୍ତୁ ଦେହରେ ଛରାମାଡ଼ ଚିହ୍ନ ରହିଛି। ଛରା ବାହାର କରାଯିବା ପରେ ସେମାନଙ୍କୁ ହସପିଟାଲରୁ ଡିସଚାର୍ଜ କରାଯାଇଛି। କେତେକ ଆନ୍ଦୋଳନକାରୀଙ୍କ ଆଖିରେ ମଧ୍ୟ ଛରାମାଡ଼ ହୋଇଥିବାରୁ ସେମାନଙ୍କର ଆଖି ନଷ୍ଟ ହେବାର ସମ୍ଭାବନା ରହିଛି। ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି ଯେ ପୁଲିସ ସେମାନଙ୍କୁ ଅତି ନିକଟରୁ ପେଲେଟ୍ ଗନ୍ ମାଡ଼ କରିଥିଲା।



## ଆନ୍ଦୋଳନକାରୀ ଯୁବତୀଙ୍କ ଭିଡିଓ ଭାଇରାଲ

ମୁମ୍ବାଇ,୨୩।୭ (ଏଜେନ୍ସି): ଦିଲ୍ଲୀରେ ଚାଲିଥିବା 'କକ୍ରୋଚ ଜନତା ପାର୍ଟି'ର ଆନ୍ଦୋଳନକୁ ସମର୍ଥନ ଜଣାଇ ମୁମ୍ବାଇରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇଛନ୍ତି। ପ୍ରବଳ ବର୍ଷା ମଧ୍ୟରେ ଜଣେ ଯୁବତୀ ନିଜର ଦୁଇ ହାତରେ ପୁଲିସ ଭ୍ୟାନ୍‌କୁ ଅଟକାଉଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଅଭିନେତ୍ରୀ ତଥା ମଡେଲ୍ ରିୟା ଆନ୍ଦୋଳନକାରୀଙ୍କୁ ନେଇ ଯାଉଥିବା ପୁଲିସ ଗାଡ଼ି ଆଗରେ ଛିଡ଼ା ହୋଇ ପ୍ରତିବାଦ ଜଣାଇଥିଲେ। କେଉଁ ଆଇନ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ। ପୁଲିସ ଏହାର ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲା। ଶେଷରେ ଆନ୍ଦୋଳନକାରୀ ଛାତ୍ରମାନଙ୍କୁ ପୁଲିସ ଛାଡ଼ି ଦେଇଥିଲା। ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ରିୟା କହିଛନ୍ତି ଯେ, ନାଗରିକଙ୍କ ଅଧିକାର ଓ ସୁରକ୍ଷା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଏହାବ୍ୟତୀତ ଅନ୍ୟ ଏକ ଭିଡିଓରେ କିଛି ଯୁବକ ଗତିଶୀଳ ପୁଲିସ ଗାଡ଼ିର ପଛପଟ କବାଟ ଖୋଲି ଅଟକ ଆନ୍ଦୋଳନକାରୀଙ୍କୁ ମୁକ୍ତ କରୁଥିବା ଦେଖିବାକୁ ମିଳିଛି। ମୁମ୍ବାଇରେ ଆନ୍ଦୋଳନ ବ୍ୟାପିବାରେ ଲାଗିଛି।

**ପୁଲିସ ଗାଡ଼ି ଆଗରେ ଛିଡ଼ା ହୋଇ ଅଟକାଇଲେ**

**ଆନ୍ଦୋଳନକାରୀଙ୍କୁ ଛାଡ଼ିଲା ପୁଲିସ**

## ଛାତ୍ରୀଙ୍କ ମୃତ୍ୟୁ ଖବରକୁ ଖଣ୍ଡନ କଲା ଦିଲ୍ଲୀ ପୁଲିସ, ଗୁଜବ ବିରୋଧରେ ଚେତାବନୀ

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଯନ୍ତରମନ୍ତରରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ଆନ୍ଦୋଳନ ସମୟରେ ପୁଲିସ ଲାଠିଚାଳନାରେ ଜଣେ ମହିଳା ଆନ୍ଦୋଳନକାରୀଙ୍କ ମୃତ୍ୟୁ ଘଟିଥିବା ନେଇ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଖବରକୁ ଦିଲ୍ଲୀ ପୁଲିସ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ସ୍ପଷ୍ଟ କରିଛି। ନୂଆଦିଲ୍ଲୀ ଡିସିପି ସଚିନ୍ ଶର୍ମା କହିଛନ୍ତି ଯେ, ଅନ୍ଦୋଳନ ସମୟରେ କୌଣସି ପରୀକ୍ଷାର୍ଥୀ କିମ୍ବା ଆନ୍ଦୋଳନକାରୀଙ୍କ ମୃତ୍ୟୁ ହୋଇନାହିଁ। ପୁଲିସ ବିରୋଧରେ ଅସନ୍ତୋଷ ସୃଷ୍ଟି କରିବା ଏବଂ ଭୟର ବାତାବରଣ ସୃଷ୍ଟି କରିବା ପାଇଁ ଏହିପରି ମିଥ୍ୟା ଗୁଜବ ପ୍ରଚାର କରାଯାଉଛି। ଗୁଜବ ପ୍ରସାରଣ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ନିଜ ବକ୍ତବ୍ୟରେ ସ୍ପଷ୍ଟ କରିଛି। ଏହାସହ କୌଣସି ମିଥ୍ୟା କିମ୍ବା ଅସତ୍ୟ ଖବର ସେୟାର ନ କରିବାକୁ ଏବଂ ଶାନ୍ତି ବଜାୟ ରଖିବାକୁ ଦିଲ୍ଲୀ ପୁଲିସ ଜନସାଧାରଣଙ୍କୁ ନିବେଦନ କରିଛି।

ନୀଟ୍-ୟୁଜି ୨୦୨୪ ପ୍ରଶ୍ନପତ୍ର ଲିକ୍ ମାମଲା


## ସଞ୍ଜୀବ ମୁଖିଆଙ୍କୁ ସିବିଆଇର କ୍ଲିନ୍ ଚିଟ୍

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ନିଟ୍-ୟୁଜି ୨୦୨୪ ପ୍ରଶ୍ନପତ୍ର ଲିକ୍ ମାମଲାର ମୁଖ୍ୟ କାର୍ପଟଦାର କୁହାଯାଉଥିବା ସଞ୍ଜୀବ କୁମାର ଓରଫ୍ ସଞ୍ଜୀବ ମୁଖିଆଙ୍କ ବିରୋଧରେ କୌଣସି ପ୍ରମାଣ ମିଳିନଥିବା ସିବିଆଇ ସ୍ପଷ୍ଟ କରିଛି। ସଂସ୍ଥା ପକ୍ଷରୁ ତାଙ୍କୁ ଏହି ମାମଲାରେ କ୍ଲିନ୍ ଚିଟ୍ ପ୍ରଦାନ କରାଯାଇଛି। ବିହାର ପୁଲିସ ଦ୍ୱାରା ରୁଜୁ ହୋଇଥିବା ପ୍ରାରମ୍ଭିକ ମାମଲାରେ ସଞ୍ଜୀବଙ୍କ ନାମ ରହିଥିଲା। ମାତ୍ର ସିବିଆଇ ଘଟଣାର ପଟନା କୋର୍ଟରେ ୪୫ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ ହେଁ, ସଞ୍ଜୀବଙ୍କ ସଂପୃକ୍ତି ନେଇ କୌଣସି ପ୍ରମାଣ ପାଇନଥିଲା। ପୁଲିସ ହେପାଜତରେ ନେଇ ପଚରାଉଚୁରା କରାଯିବା ପରେ ମଧ୍ୟ ପ୍ରଶ୍ନପତ୍ର ଚୋରି କିମ୍ବା ବଣ୍ଟନରେ ତାଙ୍କର ଭୂମିକା ପ୍ରମାଣିତ ହୋଇପାରିନଥିଲା। ସିବିଆଇ ଚାର୍ଜସିଟ୍‌ରେ ନାମ ନଥିବାରୁ ସଞ୍ଜୀବ ନିଟ୍-ୟୁଜି ମାମଲାରେ ଜାମିନ ପାଇସାରିଛନ୍ତି। ତେବେ ବିହାର ପୁଲିସ ଦ୍ୱାରା ତଦନ୍ତ ଚାଲିଥିବା ଅନ୍ୟାନ୍ୟ ମାମଲାରେ ସେ ଏବେ ବି ଜେଲ୍‌ରେ ଅଛନ୍ତି।

## ଇସ୍ତଫା ଦେବେ ବାଂଲାଦେଶ ରାଷ୍ଟ୍ରପତି ଶାହାବୁଦ୍ଦିନ୍



ଢାକା,୨୩।୭ (ଏଜେନ୍ସି): ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ୍ କାର୍ଯ୍ୟକାଳ ଶେଷ ହେବାର ପ୍ରାୟ ଦୁଇ ବର୍ଷ ପୂର୍ବରୁ ପଦରୁ ଇସ୍ତଫା ଦେବାର ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନର ଶାସକ ଦଳ ବାଂଲାଦେଶ ଜାତୀୟତାବାଦୀ ପାର୍ଟି (ବିଏନ୍‌ପି) ଏବଂ ସରକାର ତାଙ୍କ କାର୍ଯ୍ୟଶୈଳୀକୁ ନେଇ ଅସନ୍ତୁଷ୍ଟ ଥିବାରୁ ଏହି ଚର୍ଚ୍ଚା ଜୋର ଧରିଛି। ୨୦୨୪ ଜୁଲାଇ-ଅଗଷ୍ଟର ଛାତ୍ର ଅନ୍ଦୋଳନ ପରେ ଶେଖ୍ ହସିନାଙ୍କ ସରକାର ଭାଙ୍ଗିଯାଇଥିଲେ ମଧ୍ୟ ପୂର୍ବତନ ସରକାରଙ୍କ ସମ୍ବିଧାନିକ ପଦବୀରେ ଶାହାବୁଦ୍ଦିନ୍ ଏକାକୀ ରହିଥିଲେ। ହସିନା ଭାରତରେ ରହୁଥିବା ବେଳେ ତାଙ୍କ ସହ ରାଷ୍ଟ୍ରପତି ପୁନର୍ବାର ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରିଥିବା ଏବଂ ଉଭୟଙ୍କ ମଧ୍ୟରେ ଫୋନ୍‌ରେ କଥାବାର୍ତ୍ତା ହୋଇଥିବା ଖବର ପରେ ସରକାରଙ୍କ ଅସନ୍ତୋଷ ବୃଦ୍ଧି ପାଇଛି। ଏହା ବ୍ୟତୀତ ହସିନା ଆସନ୍ତା ଡିସେମ୍ବରରେ ଦେଶକୁ ଫେରିବା ପାଇଁ କରିଥିବା ଘୋଷଣା ପରେ ଦେଶର ରାଜନୈତିକ ପରିସ୍ଥିତି ଅଧିକ ସଂବେଦନଶୀଳ ହୋଇପଡ଼ିଛି। ଯଦି ରାଷ୍ଟ୍ରପତି ଇସ୍ତଫା ଦିଅନ୍ତି, ତେବେ ସମ୍ବିଧାନ ଅନୁଯାୟୀ ନୂଆ ରାଷ୍ଟ୍ରପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ସଂସଦର ବାଚସ୍ପତି ହାଫିଜୁଦ୍ଦିନ୍ ଅହମ୍ମଦ ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇବେ।



## ପିଓକେ ପ୍ରଧାନମନ୍ତ୍ରୀ ହେବାକୁ ସରିଫ୍ ଆଗ୍ରହୀ

ଇସଲାମାବାଦ,୨୩।୭ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରୀଫ ପାକ୍ ଅଧିକୃତ କାଶ୍ମୀର (ପିଓକେ)ର ପ୍ରଧାନମନ୍ତ୍ରୀ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ମୁଜାଫରାବାଦରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ସେ କହିଛନ୍ତି ଯେ ଅଞ୍ଚଳର ବିକାଶ କାର୍ଯ୍ୟର ସିଧାସଳଖ ତଦାରଖ ପାଇଁ ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ତଥା ନିଜ ଭାଇ ଶାହବାଜ ଶରୀଫଙ୍କୁ ଏହି ଦାୟିତ୍ୱ ଦେବା ପାଇଁ ଅନୁରୋଧ କରିବେ। ପିଓକେକୁ ନିଜର ଦ୍ୱିତୀୟ ଘର ବୋଲି ବର୍ଣ୍ଣନା କରି ନୱାଜ କହିଛନ୍ତି ଯେ ତାଙ୍କ ପୂର୍ବପୁରୁଷମାନେ କାଶ୍ମୀରରୁ ଆସିଥିଲେ। ଜୁଲାଇ ୨୭ରୁ ଅଗଷ୍ଟ ୧୦ ମଧ୍ୟରେ ପିଓକେରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହି ବୟାନ ସାମ୍ନାକୁ ଆସିଛି। ଅନ୍ୟପଟେ, ନିୟନ୍ତ୍ରଣହୀନ ମୁଦ୍ରାସ୍ଫୀତି, ବିଜୁଳି ଶୁଳ୍କ ବୃଦ୍ଧି ଏବଂ ସରକାରୀ ନୀତି ବିରୋଧରେ ପିଓକେରେ ଜନଆନ୍ଦୋଳନ ଜାରି ରହିଛି। ଭାରତ ସଦାସର୍ବଦା ପିଓକେକୁ ନିଜର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିବା ସହ ସେଠାରେ ପାକିସ୍ତାନ ଦ୍ୱାରା କରାଯାଉଥିବା ନିର୍ବାଚନକୁ ବେଆଇନ ବୋଲି ଦର୍ଶାଇ ଆସିଛି।

## ମାତ୍ର ୨୪ ଜଣ ସ୍ଥାୟୀ କର୍ମଚାରୀଙ୍କ ଭରସାରେ ଚାଲିଛି 'ଏନ୍‌ଟିଏ'

ନୂଆଦିଲ୍ଲୀ,୨୩।୭ (ଏଜେନ୍ସି): ଦେଶର ସବୁଠାରୁ ବଡ଼ ପରୀକ୍ଷା ପରିଚାଳନା ସଂସ୍ଥା 'ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି' (ଏନ୍‌ଟିଏ) କେବଳ ୨୪ ଜଣ ସ୍ଥାୟୀ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଛି। ରାଜ୍ୟସଭାରେ ପ୍ରଶ୍ନୋତ୍ତର କାଳରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ମନ୍ତ୍ରଣାଳୟ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୧୮ ମସିହାରୁ ଏପର୍ଯ୍ୟନ୍ତ ନିଟ୍-ୟୁଜି, ଜେଇଇ ଏବଂ ୟୁଜିସି-ନେଟ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ୬.୬ କୋଟିରୁ ଅଧିକ ପରୀକ୍ଷାର୍ଥୀଙ୍କ ପଞ୍ଜୀକରଣ ନିୟନ୍ତ୍ରଣ କରିଥିବା ଏହି ସଂସ୍ଥାରେ ୨୪ ଜଣ ସ୍ଥାୟୀ ଅଧିକାରୀଙ୍କ ସହ ୧୯୭ ଜଣ ଚୁକ୍ତିଭିତ୍ତିକ ଓ ବାହ୍ୟ ସଂସ୍ଥା (ଆଉଟସୋର୍ସ) ଜରିଆରେ ନିୟୋଜିତ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସଂସ୍ଥାରେ ୭୩ ଜଣ ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ୧୨୪ ଜଣ ବାହ୍ୟ ସଂସ୍ଥାର କର୍ମଚାରୀ (ଡାଟା ଆନାଲିଷ୍ଟ, ଆଇନ ସହାୟକ ଓ ଅନ୍ୟାନ୍ୟ) କାର୍ଯ୍ୟରତ ଅଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ନିକଟରେ ୧୬ଟି ନୂତନ ବରିଷ୍ଠ ପଦବୀ ସୃଷ୍ଟି କରିଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୮ ରୁ ଏପର୍ଯ୍ୟନ୍ତ ଏନ୍‌ଟିଏ ୨୭୦ରୁ ଅଧିକ ଜାତୀୟସ୍ତରୀୟ ପରୀକ୍ଷା ପରିଚାଳନା କରିସାରିଛି। ସଂସ୍ଥାରେ ୩୯ଟି ସ୍ଥାୟୀ ପଦବୀ ଥିଲେ ମଧ୍ୟ ୧୫ଟି ପଦବୀ ଫାଙ୍କା ପଡ଼ିଛି।

## ଆନ୍ଦୋଳନ ଭଣ୍ଡୁର ପାଇଁ ବିଜେପି ପଥର ମାଡ଼ କରୁଛି: ଅଭିଜିତ୍ ଦୀପ୍‌କେ



ନୂଆଦିଲ୍ଲୀ,୨୩।୭ (ଏଜେନ୍ସି): ଆନ୍ଦୋଳନ ସ୍ଥଳରେ ହିଂସା ସୃଷ୍ଟି କରିବା ପାଇଁ ବିଜେପି ବାହାରୁ ଲୋକ ପଠାଉଥିବା ଅଭିଯୋଗ କରିଛନ୍ତି କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ। ବିଜେପି କର୍ମୀମାନେ ପଥରମାଡ଼ କରି ଆନ୍ଦୋଳନକୁ ବଦନାମ୍ କରିବାକୁ ଚେଷ୍ଟା କରୁଛନ୍ତି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରୁ ସେମାନେ ଓହରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଅଭିଜିତ୍ କହିଛନ୍ତି ଯେ, ଗତ ଏକ ମାସ ଧରି ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ଏହି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସରକାରୀ ଦଳ ପକ୍ଷରୁ ଅସାମାଜିକ ତତ୍ତ୍ୱମାନଙ୍କୁ ପଠାଯାଉଛି। ପୋଲିସ ଦ୍ୱାରା ହୋଇଥିବା ଲାଠିଚାଳନାକୁ ସେ ଅତ୍ୟନ୍ତ ନିର୍ଦ୍ଦୟ ବୋଲି ଅଭିହିତ କରିବା ସହ ସମ୍ପୃକ୍ତ ପୋଲିସ ଅଧିକାରୀମାନଙ୍କ ବିରୋଧରେ ଆଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।


**ଶ୍ୱାସରୁଦ୍ଧ କରୁଛନ୍ତି ଆମ ସହର**

# ମୃତ୍ୟୁମୁଖରେ ଭାରତର ପ୍ରମୁଖ ନଦୀ

ନୂଆଦିଲ୍ଲୀ,୨୩।୭ (ଏଜେନ୍ସି):



ଦିଲ୍ଲୀରୁ ମୁମ୍ବାଇ, ଚେନ୍ନାଇରୁ ହାଇଦ୍ରାବାଦ ଏବଂ ବେଙ୍ଗାଲୁରୁ-ଦେଶର ପ୍ରାୟ ସବୁ ବଡ଼ ସହରର ନଦୀଗୁଡ଼ିକ ଆଜି ବିଲୁପ୍ତ ହେବା ଦ୍ୱାରରେ ଅର୍ଥାତ୍ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଯେଉଁ ନଦୀଗୁଡ଼ିକ କେବେ ସଭ୍ୟତାର ପାଳନକର୍ତ୍ତା ଥିଲେ, ସେଗୁଡ଼ିକ ଆଜି ସହରର ଆବର୍ଜନା ଏବଂ ଦୂଷିତ ଜଳ ନିଷ୍କାସନର ମାଧ୍ୟମ ପାଲଟିଯାଇଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀ ଦେଇ ପ୍ରବାହିତ ହେଉଥିବା ଯମୁନା ନଦୀର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନ (ଆଇଆଇଏସ୍‌ଇଆର, ଭୋପାଳ) ର ଗବେଷକମାନଙ୍କ ଅନୁଯାୟୀ, ଗତ ୨୨୦ ବର୍ଷ ମଧ୍ୟରେ ଯମୁନାର ଓସାର ପ୍ରାୟ ୬୮ ପ୍ରତିଶତ କମିଯାଇଛି। ୧୭୯୯ ମସିହାରେ ନଦୀର ହାରାହାରି ଓସାର ୬୫୮ ମିଟର ଥିବା ବେଳେ ଆଜି ତାହା ମାତ୍ର ୨୧୦ ମିଟରରେ ସୀମିତ ରହିଛି। ବିଭିନ୍ନ ବ୍ୟାରେଜ୍ ଏବଂ ଜଳ ନିଷ୍କାସନ ପ୍ରକଳ୍ପ ଯୋଗୁଁ ନଦୀର ଜଳପ୍ରବାହ ପ୍ରାୟ ୯୦ ପ୍ରତିଶତ ହ୍ରାସ ପାଇଛି। ଦିଲ୍ଲୀର ପଶ୍ଚିମ ଭାଗରେ ବହୁଥିବା ସାହିବୀ ନଦୀ ଆଜି 'ନଜଫଗଡ଼ ନାଳ' ନାମରେ ପରିଚିତ ହୋଇ କେବଳ କଳା ବର୍ଜ୍ୟଜଳ ବହୁଛି। କେବଳ ଦିଲ୍ଲୀ ନୁହେଁ, ମୁମ୍ବାଇର ୧୭.୮ କିଲୋମିଟର ଦୀର୍ଘ ମିଠି ନଦୀ ଆଜି ଏକ ନାଳରେ ପରିଣତ ହୋଇଛି। ୨୬ ଜୁଲାଇ ୨୦୦୫ରେ ଭୟଙ୍କର ବନ୍ୟା ଏହି ନଦୀର ବିନାଶକାରୀ ରୂପକୁ ସାମ୍ନାକୁ ଆଣିଥିଲା। ସେହିପରି ହାଇଦ୍ରାବାଦର ମୁସି, ଚେନ୍ନାଇର କୁଭମ୍ ଏବଂ ବେଙ୍ଗାଲୁରୁର ବୃଷଭାବତୀ ନଦୀଗୁଡ଼ିକ ପ୍ରାକୃତିକ ଜଳ ପରିବର୍ତ୍ତେ ନଗର ନିଗମର ବର୍ଜ୍ୟଜଳ ବହନ କରୁଛନ୍ତି। ପୂର୍ବୋତ୍ତର ଭାରତର ଶକ୍ତିଶାଳୀ ବ୍ରହ୍ମପୁତ୍ର ନଦୀ ମଧ୍ୟ ଜଳବାୟୁ ପରିବର୍ତ୍ତନ ଏବଂ ନଗରୀକରଣ ଯୋଗୁଁ କ୍ରମାଗତ ନଦୀକୂଳ ଖାଇବାରେ ଲାଗିଛି। ଯମୁନା ନଦୀ ସଦାସର୍ବଦା ଦିଲ୍ଲୀ ରାଜନୀତିର ମୁଖ୍ୟ ପ୍ରସଙ୍ଗ ରହିଆସିଛି। ପ୍ରତି ନିର୍ବାଚନରେ ନଦୀର ସଫେଇ ପାଇଁ ପ୍ରତିଶ୍ରୁତି ଦିଆଯାଏ, କିନ୍ତୁ ବାସ୍ତବରେ ଏହା ଜୈବିକ ଭାବେ ମୃତ ହେବାକୁ ବସିଛି। ଆଗ୍ରାର ତାଜମହଲ ନିକଟ ଦେଇ ବହିଯାଉଥିବା ଯମୁନାର ପୂତନ ଗନ୍ଧ ଓ ଦୂଷିତ ଜଳ ଭାରତର ପରିବେଶ ସଙ୍କଟର ନଗ୍ନ ରୂପକୁ ପଦାରେ ପକାଉଛି। ଭାରତର ସହରଗୁଡ଼ିକ ନିଜର ବିକାଶ ପାଇଁ ନଦୀଗୁଡ଼ିକର ସ୍ଥାନକୁ ସଂକୁଚିତ କରିଚାଲିଛନ୍ତି। ଅବାଧ ନଗରୀକରଣ, ନଦୀକୂଳ ଜବରଦଖଲ ଏବଂ ଅପରିଷ୍କୃତ ଆବର୍ଜନା ନିଷ୍କାସନ ଯୋଗୁଁ ଆମର ଜୀବନ ରେଖାଗୁଡ଼ିକ ଆଜି ମୃତ୍ୟୁମୁଖରେ।



ଆଜି ବାହୁଡ଼ିବେ ଦାରୁବ୍ରହ୍ମ


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-30 ♦FRIDAY ♦24 JULY 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୩୦ ♦ଶୁକ୍ରବାର ♦୨୪ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



Excellence is a habit @ VIKASH / Admission Open for 2026-27 Courses Offered: PG, UG & DIPLOMA

The Legacy of GOLD Continues ...



Aradhana Pradhan 9.62 CGPA | Sanskruti Hota 9.42 CGPA | N. Jhansi Rani 8.97 CGPA

BCA Final Sambalpur University Results 2026: 1st Rank 9.62 CGPA ARADHANA PRADHAN | 2nd Rank 9.48 CGPA ADYASHA RANA | 5th Rank 9.10 CGPA TANMAYA MAHARANA | 8th Rank 8.87 CGPA K SAI MANISHA | 9th Rank 8.84 CGPA KHUSI KUMARI

BBA Final Sambalpur University Results 2026: 1st Rank 8.97 CGPA N. JHANSI RANI | 4th Rank 8.76 CGPA ANISHA GUPTA | 5th Rank 8.59 CGPA SIMRAN GUPTA | 7th Rank 8.23 CGPA PALLAVI SHARMA | 7th Rank 8.23 CGPA ROHIT SHARMA | 8th Rank 8.17 CGPA SHRUTI AGRAWAL | 10th Rank 8.12 CGPA PRACHI PANDA

+3 Final Sambalpur University Results 2026

M.Com (2024-26) 8.64 CGPA Priyaranjan Bhoi

MBA | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A. | BBA | BCA | B.A. LL.B
M.Sc. (N) | P.B. B.Sc. (N) | B.Sc. (N) | GNM | ANM | DMLT | DMRT | B. Pharm | D. Pharm

Vikash Higher Educational Institutions, Barahaguda, Bargarh (Odisha) | Visit us@ www.odishavikash.com 94393 49333 / 82800 08111 / 92372 70045 / 94380 85817


## ତୀବ୍ର ହେଉଛି ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପ୍ରତିବାଦ

# ଆଜି ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ

■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟକୁ ନେଇ ତୀବ୍ର ହେବାରେ ଲାଗିଛି କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ। ଆଲୋଚନା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଆମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଆନ୍ଦୋଳନକାରୀ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଅଟଳ ଥିବା ଆନ୍ଦୋଳନକାରୀ ଆସନ୍ତାକାଲି ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅନ୍ୟପକ୍ଷରେ ନିଟ୍ ପରୀକ୍ଷା ବିଭ୍ରାଟ ନେଇ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ଅମାନୁଷିକ ଲାଠିମାଡ଼ ପାଇଁ ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ଚତୁର୍ଥ ଦିନ ଧରି ସଂସଦ ଅଚଳ ରହିଛି।

### କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ

ପ୍ରଶ୍ନପତ୍ର ବିଭ୍ରାଟ ପ୍ରତିବାଦରେ ଯନ୍ତରମନ୍ତରରେ ସିଜେପିର ଆନ୍ଦୋଳନ ଆଜି ୩୪ତମ ▶ପୃଷ୍ଠା-୭

## ଚତୁର୍ଥ ଦିନ ବି ସଂସଦ ଅଚଳ

■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ଏବଂ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସଂସଦ ଆଜି ଚତୁର୍ଥ ଦିନ ଧରି ଅଚଳ ରହିଛି। ବିରୋଧୀ ଦଳର ସଭ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ରାଜ୍ୟସଭା ଏବଂ ଲୋକସଭା ଗୋଟିଏ ମିନିଟ ବି ଚାଲି ପାରିନଥିଲା। ବାରମ୍ବାର ମୁଲତବୀ ପରେ ଉଭୟ ଗୃହକୁ ଆଜି ଦିନକ ପାଇଁ ମୁଲତବୀ କରି ନିଆଯାଇଛି। କେବଳ ଶିକ୍ଷା ମନ୍ତ୍ରୀଙ୍କର ଇସ୍ତଫା ନୁହେଁ,




ଆନ୍ଦୋଳନକାରୀଙ୍କ ବିରୋଧରେ ଅମାନୁଷିକ ଓ ବର୍ବରୋଚିତ କାଣ୍ଡ ପାଇଁ ଦିଲ୍ଲୀ ପୁଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ବିରୋଧୀ ଦଳର ସଭ୍ୟମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଅଭିଯୋଗ କରିଛନ୍ତି ଯେ ସରକାର ସମସ୍ତ ▶ପୃଷ୍ଠା-୭

## ଗଠନ ହେବ ଫାଷ୍ଟଟ୍ରାକ୍ କୋର୍ଟ: ପ୍ରଧାନମନ୍ତ୍ରୀ



■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଦେଶସାରା ଛାତ୍ର ଅନ୍ଦୋଳନ ଏବଂ ସଂସଦରେ ହଙ୍ଗାମା ମଧ୍ୟରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଦେଶର ଯୁବବର୍ଗଙ୍କୁ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଶ୍ନପତ୍ର ଲିକ୍ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ତ୍ୱରିତ ବିଚାର ଆଦାଲତ (ଫାଷ୍ଟଟ୍ରାକ୍ କୋର୍ଟ) ଗଠନ କରାଯିବ ▶ପୃଷ୍ଠା-୭

## ଆନ୍ନାଙ୍କ 'ମୌନ ପ୍ରତିବାଦ'



■ ନୂଆଦିଲ୍ଲୀ/ଅହଲ୍ୟାନଗର, ୨୩।୭ (ଏଜେନ୍ସି): ଦେଶର ପରୀକ୍ଷା ବ୍ୟବସ୍ଥାରେ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ମୁଦ୍ଦାକୁ ନେଇ ଦିଲ୍ଲୀରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ବିଶିଷ୍ଟ ସମାଜସେବୀ ତଥା ଗାନ୍ଧୀବାଦୀ ନେତା ଆନ୍ନା ହଜାରେ ସମର୍ଥନ ଜଣାଇଛନ୍ତି।। ମହାରାଷ୍ଟ୍ରର ଅହଲ୍ୟାନଗରଠାରେ ଗୁରୁବାରଠାରୁ ଏକ ମୌନ ଆନ୍ଦୋଳନ (ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ) ଆରମ୍ଭ କରିଛନ୍ତି। ବିଭିନ୍ନ ପ୍ରତିଯୋଗିତାମୂଳକ ▶ପୃଷ୍ଠା-୭

### ବିଜେଡିର ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି

## ଜିଲ୍ଲା ସଭାପତିଙ୍କ ସହ ନବୀନଙ୍କ ବୈଠକ

■ ଭୁବନେଶ୍ୱର, ୨୩।୭ (ସମିସ): ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ପୂର୍ବଥର ପରି ଆଖିଦୃଶିଆ ସଫଳତା ପାଇବାକୁ ବିଜେଡି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି। ଏହିକ୍ରମରେ ବୁଧବାର ଦିଲ୍ଲୀରୁ ଫେରିବା ପରେ ଜିଲ୍ଲା ସଭାପତିମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାଙ୍ଗଠନିକ କାର୍ଯ୍ୟ, ପଞ୍ଚାୟତ ନିର୍ବାଚନ ଏବଂ ରାଜ୍ୟରେ ଜାରି ରହିଥିବା ଏସଆଇଆର ସମ୍ପର୍କରେ ଜିଲ୍ଲା ସଭାପତିମାନଙ୍କ ସହ ନବୀନ ଏହି ଅବସରରେ ବିସ୍ତୃତ ଆଲୋଚନା କରିଛନ୍ତି।



ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅଗଷ୍ଟ ୧୫ ସୁଦ୍ଧା ଜିଲ୍ଲା ଓ ବ୍ଲକ କମିଟି ଗଠନ କରିବାକୁ ନବୀନ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ରାଜ୍ୟରେ ଜାରି ରହିଥିବା ଏସଆଇଆରର ଦ୍ୱିତୀୟ ପର୍ଯ୍ୟାୟରେ ଯେପରି ଜଣେ ବି ଯୋଗ୍ୟ ଭୋଟରର ନାମ ବାଦ ନପଡେ ସେଥିପ୍ରତି ସଜାଗ ରହି ଦଳର ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କୁ ସଚେତନ କରାଯିବ। ଏହାକୁ ଗୁରୁତର ସହ ଗ୍ରହଣ କରି ଏସଆଇଆର ଉପରେ ଧ୍ୟାନ କେନ୍ଦ୍ରୀୟ କରିବାକୁ ନବୀନ ପରାମର୍ଶ ଦେଇଛନ୍ତି। ସମ୍ପ୍ରତି

### ଅଗଷ୍ଟ ୧୫ ସୁଦ୍ଧା ଜିଲ୍ଲା ଓ ବ୍ଲକ କମିଟି ପୁନର୍ଗଠନ ନିର୍ଦ୍ଦେଶ

### ଏସ୍ଆଇଆର୍‌ରେ ଯୋଗ୍ୟଙ୍କ ନାମ ନ କଟିବା ଉପରେ ଗୁରୁତ୍ୱ

ରାଜ୍ୟରେ ବିଜେପି ସରକାରଙ୍କ ବିରୋଧରେ ସାଧାରଣରେ ବ୍ୟାପକ ଜନ ଅସନ୍ତୋଷ ରହିଛି। ଚାଷୀ ଠାରୁ ଆରମ୍ଭ କରି ମହିଳା, ଯୁବକ ସମସ୍ତେ ନିରାଶା ମଧ୍ୟରେ ରହିଛନ୍ତି। ତେଣୁ ଏପରି ସମୟରେ ସାଧାରଣ ଲୋକଙ୍କର ସୁବିଧା, ଅସୁବିଧାରେ ଛିଡ଼ା ହୋଇ ସେମାନଙ୍କୁ ସହାୟତା ପ୍ରଦାନ ସହ ରାଜ୍ୟ ▶ପୃଷ୍ଠା-୭


ଓସିପିଏଲ୍ ପରିବାର ତରଫରୁ ବାହୁଡ଼ାଯାତ୍ରା ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା

OCPL Odisha Coal and Power Limited (A Government of Odisha Company)



Odisha Coal and Power Limited
Zone-A, 4th Floor, Fortune Towers, Chandrasekharpur, Bhubaneswar - 751023


### ଦୁର୍ଘଟଣାରେ ଗଲା ୧୦ ଜୀବନ

ଚମ୍ପୁଆ: ବାପାଙ୍କୁ ଡାକ୍ତରଖାନା ନେବାବେଳେ ଗଛରେ ପିଟି ହେଲା ଥାର୍; ୩ ମୃତ

ଢେଙ୍କାନାଳ: ପୋଖରୀରେ ପଶିଗଲା କାର୍; ୫ ବରଯାତ୍ରୀ ମୃତ

ବାରିକ୍‌ପୁର: ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

### ବିଶୋଇରେ ଲଜ୍ଜା

## ଶିଶୁକନ୍ୟାକୁ ଦୁଷ୍କର୍ମ !

■ ବିଶୋଇ, ୨୩।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅଞ୍ଚଳରୁ ଆସିଛି ଏକ ଅତ୍ୟନ୍ତ ଲଜ୍ଜାଜନକ ଓ ହୃଦୟବିଦାରକ ଘଟଣା। ଚକୋଲେଟ୍ ଲୋଭ ଦେଖାଇ ମାତ୍ର ସାଢ଼େ ଚାରିବର୍ଷର ଶିଶୁକନ୍ୟାକୁ ଜଣେ ଯୁବକ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ପୁଲିସ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ,ବିଶୋଇ ଥାନା ଅଞ୍ଚଳର ସାଢ଼େ ଚାରିବର୍ଷର ଶିଶୁକନ୍ୟା ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ସମୟରେ ଜଗନ୍ନାଥପୁର ପଞ୍ଚାୟତ ବଡାଯୋଡ଼ି ଗ୍ରାମର ଚମକା ପାଲେୟା (୨୧) ନାମକ ଜଣେ ଯୁବକ ତାକୁ ଚକୋଲେଟ୍ ଦେବା ପ୍ରଲୋଭନ ଦେଖାଇ ଅଙ୍ଗନବାଡିରୁ ନିଜ ଘରକୁ ଡାକି ନେଇଥିଲା। ସେଠାରେ ଶିଶୁ କନ୍ୟାକୁ ଉକ୍ତ ଯୁବକ ଦୁଷ୍କର୍ମ କରିଥିଲା। ଘଟଣା ପରେ ଶି ଶୁ ଟି ▶ପୃଷ୍ଠା-୭


NIIS GROUP OF INSTITUTIONS BHUBANESWAR, KHORDHA-752054
Celebrating 26 of NIIS "Transforming Lives, Building Futures"
Accredited by NAAC, Approved by AICTE, Govt. of India & Affiliated to BPUT, Utkal University, SCTE&VT & CHSE
GROOMING TO EXCEL..... SINCE THE YEAR 2000



ENGINEERING PROGRAMS
- B.TECH
  - EE
  - EEE
  - CSE
  - ETC
  - Civil
  - AI & ML
  - Mechanical
  - Data Science
- DIPLOMA
  - Civil
  - Electrical
  - Mechanical
  - Comp. Sc.

P.G. PROGRAMS
- MBA
- MCA
- Executive MBA
- MSW
- MPMIR
- M.Com.(F&C)
- M.Com.(Traditional)
- M.Sc.(Comp.Sc.)
- M.Sc.(Physics)
- M.Sc.(Chemistry)
- M.Sc.(Biotechnology)

U.G. PROGRAMS
- BBA
- BCA
- B.Sc.(ITM)
- B.Sc. (Comp.Sc.)
- B.Sc. (Biotechnology)
- +3 Arts (Hons.)
- +3 Science (Hons.)
- +3 Commerce (Hons.)


+2 PROGRAMS
- Science
- Commerce



Contact: 9778899990 / 9778899991
E-mail: contactus@niisgroup.org
Visit us: www.niisgroup.org
Scan the Code for Admission Enquiry



10001/398/2627



"ବିଶ୍ୱ ଭ୍ରାତୃତ୍ୱ ଓ ସର୍ବ ଧର୍ମ ସମନ୍ୱୟର ପ୍ରତୀକ ପବିତ୍ର ଘୋଷ ଯାତ୍ରା ଅବସରରେ ସୁସ୍ଥ ଓଡ଼ିଶା ଓ ବିକଶିତ ଓଡ଼ିଶା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା"

ରଥଯାତ୍ରା-୨୦୨୬

ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା

- ବିଶୁଦ୍ଧ ପାଣି ପିଅନ୍ତୁ ଏବଂ ଖାଇବା ପୂର୍ବରୁ ହାତ ଭଲଭାବେ ଧୁଅନ୍ତୁ
- ଖୋଲା ବିକ୍ରି ହେଉଥିବା ଖାଦ୍ୟ, କୃତ୍ରିମ ରଙ୍ଗ ଦିଆ ଖାଦ୍ୟ, ବାସି ଓ ଦୁର୍ଗନ୍ଧ ଯୁକ୍ତ ଖାଦ୍ୟ, ମାଛି ବସୁଥିବା ଖାଦ୍ୟ କିମ୍ବା ପଚାସଢ଼ା ଫଳ ଓ ପନିପରିବା ଖାଆନ୍ତୁ ନାହିଁ
- ଅଂଶୁଘାତରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି କିମ୍ବା ଓଦା କପଡ଼ା ବ୍ୟବହାର କରନ୍ତୁ ଏବଂ ଓ.ଆର୍.ଏସ୍. ପିଅନ୍ତୁ
- ସମୁଦ୍ର ସ୍ନାନ ସମୟରେ କୌଣସି ଅଘଟଣ ଏଡ଼ାଇବା ପାଇଁ ସୁରକ୍ଷାକର୍ମୀଙ୍କ ପରାମର୍ଶ ମାନନ୍ତୁ ଏବଂ ସତର୍କ ରୁହନ୍ତୁ
- ରାତ୍ରି ରହଣି କରୁଥିଲେ ମଶାରି/ ମଶାନିବାରକ ବ୍ୟବହାର କରନ୍ତୁ
- ବୟସ୍କ/ ଭିନ୍ନକ୍ଷମ ବ୍ୟକ୍ତି ଓ ପିଲାମାନଙ୍କୁ ଭିଡ଼ ଠାରୁ ଦୂରେଇ ରଖନ୍ତୁ
- ଅସୁସ୍ଥ ଅନୁଭବ କଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରରେ ତୁରନ୍ତ ପରାମର୍ଶ କରନ୍ତୁ

ସର୍ଦ୍ଦି, ଜ୍ୱର, କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଥିବା ବ୍ୟକ୍ତି ଜନଗହଳି ସ୍ଥାନକୁ ଯାଆନ୍ତୁ ନାହିଁ

ଜରୁରୀ ଫୋନ୍ ନମ୍ବର :
ପୁରୀ ହସ୍ପିଟାଲ କଣ୍ଟ୍ରୋଲ ରୁମ୍ : ୦୬୭୫୨-୨୨୨୧୭୫
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍ : ୧୦୪, ଆମ୍ବୁଲାନ୍ସ : ୧୦୮

OIPR-10001/10003/2/26-27/0040

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha

### ଝରକା ଭାଙ୍ଗି ଚୋରି ଘଟଣାର ପର୍ଦ୍ଦାଫାସ

# ଜୁଏଲର୍ସ ମାଲିକଙ୍କ ସମେତ ୪ ଗିରଫ; ସୁନା, ଟଙ୍କା ଉଦ୍ଧାର

**ରାଉରକେଲା, ୨୩।୭ (ସମିସ)**

ଗତ ୧୨ ଜୁଲାଇ ରାତିରେ ଦରଗାହୀ ମହଲ୍ଲାରେ ଘଟିଥିବା ବହୁ ଚର୍ଚ୍ଚିତ ଚୋରି ମାମଲାର ପର୍ଦ୍ଦାଫାଶ କରିଛି ପ୍ଲାଣ୍ଟସାଇଟ ଥାନା ପୁଲିସ। ଏହି ଘଟଣାରେ ଜୁଏଲର୍ସ ମାଲିକଙ୍କ ସମେତ ୪ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଜଣେ ନାବାଳକକୁ ଅଟକ ରଖି ପଚରାଉଚରା କରୁଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୁଏଲର୍ସର ମାଲିକ କପିଳ ଦେବ ଶର୍ମା (୫୪), ଜୁନୈଦ ଖାନ (୨୧), ବିଶାଳ ସାହୁ ଓରଫ ବିଶୁ (୨୧) ଏବଂ ଅରମାନ ଅନସାରୀ ଓରଫ ବଲ୍ଲି (୨୩)। କପିଳ ଦେବ ଶର୍ମା ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ମୁଖ୍ୟ ରାସ୍ତାରେ ଥିବା କଳାବତୀ ଫ୍ୟାନ୍ସି ଜୁଏଲର୍ସର ମାଲିକ ବୋଲି ପୁଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କ ନିକଟରୁ ଚୋରି ହୋଇଥିବା ଗୋଟିଏ ସୁନା ହାର, ଗୋଟିଏ ସୁନା ବିନ୍ଦି, ଗୋଟିଏ ସୁନା ନାକଫୁଲ, ଗୋଟିଏ ଯୋଡ଼ା ସୁନା କାନଫୁଲ, ୫ଟି ସୁନା ମୁଦି ଓ ନଗଦ ୭୦ ହଜାର ଟଙ୍କା ସମ୍ପୂର୍ଣ୍ଣ ଉଦ୍ଧାର କରାଯାଇଛି।



ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୧୨ ରାତିରେ ଦରଗାହୀ ମହଲ୍ଲାର ବାସିନ୍ଦା ସମିମ ଅଖତରଙ୍କ ଘରର ଝରକା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରିନେଇଥିଲେ। ଅଭିଯୋଗ ପରେ ପ୍ଲାଣ୍ଟସାଇଟ ଥାନାରେ ପୁଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ତଦନ୍ତ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ମୁଖ୍ୟ ଅଭିଯୁକ୍ତ ଅରମାନ ଅନସାରୀ (ବଲ୍ଲି)ଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଏକାଧିକ ଅପରାଧିକ ମାମଲା ରହିଛି। ସେଥିମଧ୍ୟରେ ପ୍ଲାଣ୍ଟସାଇଟ ଥାନା, ଉଦିତନଗର ଥାନାରେ ଚୋରି, ଡକାୟତି, ଆର୍ମସ ଆକ୍ଟ ଭଳି ମାମଲା ରହିଛି।

# ଗୁରୁଣ୍ଡିଆ-ରାଇକେଲା ପୋଷ ସେତୁରେ ଫାଟ

**ବଣାଇ, ୨୩।୭ (ସମିସ):** ଗୁରୁଣ୍ଡିଆ-ରାଇକେଲା ପୋଷ ରାସ୍ତାର ୩ନଂ. ସେତୁର ଉଭୟ ପାର୍ଶ୍ୱରେ ୬ ଫାଟ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଗୁରୁଣ୍ଡିଆ ତହସିଲ କାର୍ଯ୍ୟାଳୟଠାରୁ ରାଇକେଲା ପୋଷ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ଦୂରତା ବିଶିଷ୍ଟ ରାସ୍ତା ଉପରେ ନିର୍ମିତ ୩ ନଂ. ସେତୁର ଉଭୟ ପାର୍ଶ୍ୱରେ ଫାଟ ଯୋଗୁଁ କେତେବେଳେ ଯେ ଅଘଟଣ ଘଟିବ କହିହେବନାହିଁ। ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ଏବଂ ସେତୁ ବର୍ତ୍ତମାନ ମରଣଯନ୍ତା ପାଲଟିଛି।



ସୂଚନା ଯୋଗ୍ୟ ଯେ, ଆଜି ବଣାଇ ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ ଚିକିତ୍ସକ ଡାକ୍ତର ଭୋଲେଶ୍ୱର ପ୍ରଧାନ, ଆଇନଜୀବୀ କର୍ମବୀର ଦାଶ, ସୁଦ୍ୟୁମ୍ନ ସାହୁ ମେଡିକାଲ କାମରେ ରାଇକେଲାପୋଷ ଯାଇଥିବା ବେଳେ ରାସ୍ତା ଏବଂ ସେତୁର ଶୋଚନୀୟ ଅବସ୍ଥା ସେମାନଙ୍କ ଦୃଷ୍ଟିକୁ ଆସିଥିଲା। ଏନେଇ ସେମାନେ ସ୍ଥାନୀୟ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବର ପାଇ ସରପଞ୍ଚ ପ୍ରଭାକର ମୁଣ୍ଡା, ସମିତି ସଭ୍ୟ ଦଶରଥ ଓରାମ ଘଟଣାସ୍ଥଳ ପରିଦର୍ଶନ କରି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସେତୁ ଏବଂ ରାସ୍ତା ମରାମତି କରିବାକୁ ଦାବି କରିଛନ୍ତି।

# ଆର୍‌ଏମ୍‌ସି ପକ୍ଷରୁ କୋଏଲନଗରରେ ଜବରଦଖଲ ଉଚ୍ଛେଦ



**ରାଉରକେଲା, ୨୩।୭ (ସମିସ):** ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ସହରବ୍ୟାପୀ ଜବରଦଖଲ ଉଚ୍ଛେଦ ଅଭିଯାନକୁ ଜୋରଦାର କରାଯାଇଛି। ସିଭିଲ ଟାଉନସିପ୍, ଛେଣ୍ଡ କଲୋନୀ ଏବଂ ବାସନ୍ତୀ କଲୋନୀ ପରେ ଏହି ଅଭିଯାନ କୋଏଲନଗରରେ ଚାଲିଛି। ପ୍ରାୟ ୨୦ଟି ଘର ସମ୍ମୁଖରେ ରାସ୍ତାକଡ଼ ନାଳ ଉପରେ ନିର୍ମିତ ବେଆଇନ ନିର୍ମାଣଗୁଡ଼ିକୁ ଭଙ୍ଗାଯାଇଥିଲା।

ଆର୍‌ଏମ୍‌ସି ଅଧିକାରୀମାନଙ୍କ କହିବାନୁସାରେ, ନାଳ ଉପରେ ହୋଇଥିବା ଜବରଦଖଲ ଯୋଗୁଁ ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାସହ ବର୍ଷାଜଳର ସ୍ୱାଭାବିକ ନିଷ୍କାସନରେ ବାଧା ଯୋଗୁଁ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ନିଗମ ପକ୍ଷରୁ କୁହାଯାଇଛି ଯେ, ସହରର ଡ୍ରେନେଜ୍ ବ୍ୟବସ୍ଥାକୁ ସୁଚାରୁ ରଖିବା ଏବଂ ବର୍ଷାଜନିତ ଜଳବନ୍ଦୀ ସମସ୍ୟାକୁ ରୋକିବା ଉଦ୍ଦେଶ୍ୟରେ ଏହି ଉଚ୍ଛେଦ ଅଭିଯାନ ଜାରି ରହିଛି। ଆରଏମସି ପକ୍ଷରୁ ସହରବାସୀଙ୍କୁ ଦାୟିତ୍ୱବାନ ନାଗରିକ ଭାବେ ନାଳଗୁଡ଼ିକୁ ଜବରଦଖଲମୁକ୍ତ ରଖିବା ସହ ଏକ ସ୍ୱଚ୍ଛ, ସୁନ୍ଦର ଓ ସୁଦୃଢ଼ ନିଷ୍କାସନ ବ୍ୟବସ୍ଥା ଗଠନରେ ନିଗମକୁ ସହଯୋଗ କରିବା ପାଇଁ ଅପିଲ କରାଯାଇଛି।

# ବଣାଇଁ ଗୁଣ୍ଡିଚା ମନ୍ଦିରରେ ଜମୁଛି ଭକ୍ତଙ୍କ ଭିଡ଼

**ବଣାଇଁ, ୨୩।୭ (ସମିସ):** ବଣାଇଁ ଗୁଣ୍ଡିଚା ମନ୍ଦିର ପରିସରରେ ଗୁରୁବାର ନବମୀ ତିଥି ଅବସରରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ସେବାପୂଜା ସମ୍ପନ୍ନ ପରେ ଶ୍ରୀଜୀଉଙ୍କ ସନ୍ଧ୍ୟା ବେଶ ଦର୍ଶନ ପାଇଁ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଭଜନ, କୀର୍ତ୍ତନ ଓ ହରିବୋଲ ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ମନ୍ଦିର ପ୍ରଶାସନ, ସେବାୟତ ଓ ସ୍ୱେଚ୍ଛାସେବୀମାନେ ସକ୍ରିୟ ଭାବେ କାର୍ଯ୍ୟ କରିଥିଲେ।



# ବଣାଇଁ ନୂତନ କୋର୍ଟ ସାଇଡ୍ କଂକ୍ରିଟ ରାସ୍ତାରେ କୃତ୍ରିମ ପୋଖରୀ

**ବଣାଇଁ, ୨୩।୭ (ସମିସ):** ବଣାଇଁ କୋର୍ଟ ପାଚେରି କଡ଼ରେ ଥିବା କଂକ୍ରିଟ ରାସ୍ତା ଉପରେ ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି କୃତ୍ରିମ ପୋଖରୀ ସୃଷ୍ଟି ହେଉଛି। ପାଣି ନିଷ୍କାସନର ସୁବିଧା ନଥିବାରୁ ଏପରି ହେଉଥିବାବେଳେ ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗର ଦୃଷ୍ଟି ପଡୁନାହିଁ। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ରାସ୍ତା ଦେଇ ପ୍ରତିଦିନ କୋର୍ଟର ବିଚାରପତିମାନଙ୍କ ସମେତ ପିଏଆଇଟିଡିଏର ଅଧିକାରୀ ଓ ବିଭିନ୍ନ ସରକାରୀ ବିଭାଗର କର୍ମଚାରୀମାନେ ଯାତାୟାତ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ।



ପାଣି ଜମୁଥିବା ସ୍ଥାନ ନିକଟରେ ଅନେକ ଦୋକାନ ରହିଥିବାରୁ ବ୍ୟବସାୟୀ ଓ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନରେ ଏହି ଅଞ୍ଚଳ

### ଡ୍ରେନ୍ ନିର୍ମାଣ ଦାବି

ଦେଇ ଯାତାୟାତ କରିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ଉକ୍ତ ରାସ୍ତାରେ ଶୀଘ୍ର ଡ୍ରେନ ନିର୍ମାଣ କରି ପାଣି ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରିବାକୁ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

# ତଳସରା ବିଧାନସଭା କ୍ଷେତ୍ରସ୍ତରୀୟ ଉନ୍ନୟନ କମିଟିର ସମୀକ୍ଷା

**ରାଉରକେଲା, ୨୩।୭ (ସମିସ):** ଆଜି ସବଡେଗା ପଞ୍ଚାୟତ ସମିତି ପରିସରରେ ଥିବା ସଭାଗୃହଠାରେ ଜିଲ୍ଲା ପ୍ରଶାସନ ତରଫରୁ ତଳସରା ବିଧାନସଭା କ୍ଷେତ୍ରସ୍ତରୀୟ ଉନ୍ନୟନ କମିଟିର ଏକ ସମୀକ୍ଷା ବୈଠକ ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ସଭାପତିତ୍ୱରେ ତଥା ଜିଲ୍ଲା ପରିଷଦର ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଉପ-ଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଯାଇଛି। ସମୀକ୍ଷା ବୈଠକରେ ତଳସରା ବିଧାନସଭା କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅଧିକାରୀ, ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

ପ୍ରମୁଖ ବିଭାଗମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସାଧାରଣ ବଣ୍ଟନ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମାନଙ୍କର ଜିଲ୍ଲାସ୍ତରରେ ପ୍ରାପ୍ତ ହୋଇଥିବା ବାର୍ଷିକ ଅନୁଦାନ ଏବଂ କାର୍ଯ୍ୟକାରିତା ତଥା ଆଗାମୀ ଆର୍ଥିକ ବର୍ଷର ଯୋଜନାର ରୂପରେଖ ଉପରେ ବିଧାୟକ ସମୀକ୍ଷା କରିବା ସହିତ ଜିଲ୍ଲାରେ ସୁଶାସନ ଓ ସାଧାରଣ ଅଭିଯୋଗର ତ୍ୱରିତ ଶୁଣାଣି ଉପରେ ଜିଲ୍ଲା ପ୍ରଶାସନକୁ କହିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ ନିଜର ବକ୍ତବ୍ୟରେ ଉପସ୍ଥିତ ଚାରି ତହସିଲଦାର ଓ ବିଡିଓଙ୍କୁ ନିଜ ନିଜ ସ୍ତରରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ। ଉପ-ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ଆଲୋଚନାରେ ଭାଗ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଧିକ ଜନକୈନ୍ଦ୍ରିକ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଶ୍ରୀ ଭୋଇ ନିଜର ବକ୍ତବ୍ୟରେ ବିଭିନ୍ନ ସରକାରୀ ଯୋଜନା କିପରି ଉପଯୁକ୍ତ ହିତାଧିକାରୀଙ୍କୁ ସହଜରେ ଉପଲବ୍ଧ ହେବା ସହିତ କୌଣସି ବି ସମ୍ଭାବ୍ୟ ହିତାଧିକାରୀ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଅନ୍ତିମ ପର୍ଯ୍ୟାୟରେ ବିଧାୟକ ଭୋଇ ଏବଂ ଉପସ୍ଥିତ ଲୋକପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ବିଭାଗୀୟ ଅଧିକାରୀମାନେ ଦେଇଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ତିର୍କୀ ବୈଠକ ପରିଚାଳନା କରିଥିବାବେଳେ ଅନ୍ୟ ଅଧିକାରୀଙ୍କ ମଧ୍ୟରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପ-ନିର୍ଦ୍ଦେଶିକା ସୁଶୀଳା ଟପ୍ପୋ ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସବଡେଗା ପଞ୍ଚାୟତ ସମିତି ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଅଧିକାରୀ ସହାୟତା କରିଥିଲେ।

### କାନ୍‌ଭାସର ସପ୍ତାହବ୍ୟାପୀ ଚାରାରୋପଣ କାର୍ଯ୍ୟକ୍ରମ ଉଦ୍‌ଯାପିତ


# ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାରା ରୋପଣ




**ରାଉରକେଲା, ୨୩।୭ (ସମିସ):** ରାଉରକେଲା ସହରର ଜଣାଶୁଣା ସାମାଜିକ ସଂଗଠନ 'କାନ୍‌ଭାସ' ପକ୍ଷରୁ ଗତ ୧୫ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ସପ୍ତାହବ୍ୟାପୀ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଗତକାଲି ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଛି। 'କାନ୍‌ଭାସ'ର ଆବାହକ ସୁରେଶ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସସ୍ମିତା ସାମଲ ଓ ବିଶିଷ୍ଟ ଅତିଥି ରୂପେ ଉଦିତନଗର ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ବିଜୟ ପ୍ରଧାନ, ଜନସେବାର ସଭାପତି ପ୍ରକାଶ ମହାନ୍ତି, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜ କିଶୋର ସାହୁ, ସମାଜସେବୀ ସମୀର ଭୋଇ, ସୁଶାନ୍ତ ପ୍ରଧାନ, ରୋଶନ ସାହୁ, କମଲେଶ ଶାହା, ରମେଶ ଅଗ୍ରୱାଲ, ଅନିଲ ମହାନନ୍ଦିଆ, ରଞ୍ଜିତ ନାୟକ, ନିରୁପମା ବଳିୟାରସିଂହ ଏବଂ ଭବାନୀ କବି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କାନଭାସର ସହରର ବିଭିନ୍ନ ୮ଟି ସ୍ଥାନରେ ହୋଇଥିବା ଏହି ସପ୍ତାହବ୍ୟାପୀ ବୃକ୍ଷରୋପଣ ଅଭିଯାନକୁ ପ୍ରଶଂସା କରିଥିଲେ। ଶେଷରେ ଲଲାଟେନ୍ଦୁ ଚୌଧୁରୀ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରାମ ଶ୍ରୀଚନ୍ଦନ, ହିରଣ୍ୟ ପ୍ରସାଦ ସାହୁ, ହିରୋଜ ରାୟ, ରନ୍ଧିର ଲେଙ୍କା ଓ ଦିଲ୍ଲୀପ ଦାସ ପରିଚାଳନା କରିଥିବା ବେଳେ ମୋନାଲିସା ସାହୁ ସଂଯୋଜନା କରିଥିଲେ। ଆବାହକ ସୁରେଶ ଚନ୍ଦ୍ର ପ୍ରଧାନ କାନ୍‌ଭାସ ପ୍ରତି ରାଉଲକେଲାରେ ଯେପରି ଜନସମର୍ଥନ ମିଳୁଛି ଓ ସାଧାରଣରେ ବିଶ୍ୱାସଭାଜନ ହୋଇପାରିଛି ସେଥିପାଇଁ ସେ କାନ୍‌ଭାସର ସଭାପତି ନଚିକେତା ମହାପାତ୍ର, ସାଂଗଠନିକ ସମ୍ପାଦକ ପ୍ରଶାନ୍ତ ନାୟକ, ରଜତ ଜେନା, କାର୍ଯ୍ୟାଳୟ ସମ୍ପାଦକ ଅଜୟ ମହାନ୍ତି, କୋଷାଧ୍ୟକ୍ଷ ପ୍ରମୋଦ ସାମଲ ଓ ସମସ୍ତ ସଭ୍ୟ, ଶୁଭେଚ୍ଛୁମାନଙ୍କୁ ସାଧୁବାଦ ଜଣାଇଥିଲେ।

# ଶିକ୍ଷାବିତ୍ ଶ୍ରୀଚରଣ ମହାନ୍ତିଙ୍କ ବିୟୋଗରେ ଶୋକସଭା

**ରାଉରକେଲା, ୨୩।୭ (ସମିସ):** ପ୍ରଗତି ଉତ୍କଳ ସଂଘର ପୂର୍ବତନ ଉପସଭାପତି ତଥା ପ୍ରକାଶନ ଉପଦେଷ୍ଟା, ରାଉରକେଲାର ଜଣାଶୁଣା ଶିକ୍ଷାବିତ୍, ସୁସାହିତ୍ୟିକ ଡଃ ଶ୍ରୀଚରଣ ମହାନ୍ତିଙ୍କର ଭୁବନେଶ୍ୱର ଠାରେ ଗତ ୨୨ ତାରିଖ ରାତିରେ ୭୩ ବର୍ଷ ବୟସରେ ପରଲୋକ ଘଟିଛି।



ଆଜି ସନ୍ଧ୍ୟାରେ ପ୍ରଗତି ଉତ୍କଳ ସଂଘ ସଭାଗୃହରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଦିବଂଗତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରତାପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ରାଧାମୋହନ ନାୟକ, ରଶ୍ମି ରଞ୍ଜନ ବୋଇତାଇ, ଘନଶ୍ୟାମ ଦଳ, ଅଶୋକ କୁମାର ପଟ୍ଟନାୟକ, ଲକ୍ଷ୍ମଣ ନାଥ ଦାସ, ଚିତ୍ତରଞ୍ଜନ ମହାନ୍ତି, ନାରାୟଣ ଚନ୍ଦ୍ର ମହନ୍ତ, ବରୁଣ କୁମାର ନାହାକ, ଲୋପାମୁଦ୍ରା ମହାନ୍ତି, କିଶୋରୀ ମୋହନ କର, ଅରବିନ୍ଦ ପାତ୍ର, ଇନ୍ଦ୍ରମଣି ମହାପାତ୍ର, ପରୀକ୍ଷିତ ଗୁରୁ ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

ପ୍ରକାଶ ଯେ, କେନ୍ଦ୍ରାପଡ଼ା ଜିଲ୍ଲାର ମୂଳ ନିବାସୀ ଡଃ ମହାନ୍ତି ରାଉରକେଲାରୁ ଅଧ୍ୟାପନା ଜୀବନ ଆରମ୍ଭ କରି କଟକ ଜେକେବିକେ କଲେଜରୁ ବରିଷ୍ଠ ପ୍ରାଧ୍ୟାପକ ଭାବେ ଅବସର ନେଇଥିଲେ। ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତବେଳେ ତାଙ୍କ ସହଧର୍ମିଣୀଙ୍କର ଦେହାନ୍ତ ପରେ ସେ ଦୀର୍ଘଦିନରୁ ଭୁବନେଶ୍ୱର ସ୍ଥିତ ନିଜ ବାସଗୃହରେ ରହୁଥିଲେ। ମାତ୍ର ବିଭିନ୍ନ ସମୟରେ ପ୍ରଗତି ଉତ୍କଳ ସଂଘର ସାରସ୍ୱତ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରାଉରକେଲା ଆସୁଥିଲେ। ରାଉରକେଲାରେ ଥିବାବେଳେ ସେ ପ୍ରଗତି ଉତ୍କଳ ସଂଘ ସହ ବହୁ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ସହ ଜଡ଼ିତ ଥିଲେ।

# ବ୍ଲାଷ୍ଟ ଫର୍ନେସ୍-୪ର 'ବ୍ଲୋଇଂ-ଇନ୍' ସହିତ ଆର୍‌ଏସ୍‌ପିର ନୂତନ କାର୍ଯ୍ୟ ଅଧ୍ୟାୟର ଶୁଭାରମ୍ଭ

**ରାଉରକେଲା, ୨୩।୭ (ସମିସ)**

ରାଉରକେଲା ଇସ୍ପାତ କାରଖାନା ଆଜି ବ୍ଲାଷ୍ଟ ଫର୍ନେସ୍-୪ର 'ବ୍ଲୋଇଂ-ଇନ୍' (ପୁନଃ କାର୍ଯ୍ୟକ୍ଷମ) ସହିତ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଧ୍ୟାୟ ଆରମ୍ଭ କରିଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହାକୁ ଉଦ୍‌ଘାଟନ କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ (ଖଣି ବିକାଶ) ବି. କେ ଗିରି, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବି. ଆର. ପାଲାଇ, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଅନୀଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଏମ୍. ପି. ସିଂ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଏସ୍. ପାଲ ଚୌଧୁରୀ, ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ) ଆର୍. ଦାସଗୁପ୍ତା, ଅନ୍ୟାନ୍ୟ ମୁଖ୍ୟ ମହାପ୍ରବନ୍ଧକ, ଆରଏସପିର ବରିଷ୍ଠ ଅଧିକାରୀ, ସମ୍ପୃକ୍ତ ସଂସ୍ଥାର ପ୍ରତିନିଧି ଏବଂ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ ଯେ, ବିଏଫ୍-୪ ରିଲାଇନିଂ ପରେ ୮ ସେପ୍ଟେମ୍ବର ୨୦୨୦ରେ ତାହାର ଷଷ୍ଠ ଅଭିଯାନ ଆରମ୍ଭ କରିଥିଲା ଏବଂ ପରବର୍ତ୍ତୀ ସମୟରେ ୫ ଜୁଲାଇ ୨୦୨୪ରେ ଏହାକୁ ବନ୍ଦ କରାଯାଇଥିଲା।




ଦୀର୍ଘଦିନର ଅବ୍ୟାହତ ପରେ, ଫର୍ଣ୍ଣେସ ସଟ୍ କ୍ରିଟିଂ ଏବଂ ଆନୁଷଙ୍ଗିକ ମରାମତି କାର୍ଯ୍ୟ କରାଯାଇ ଚଳିତ ଜୁଲାଇ ୨୦୨୬ ରେ ଏହାକୁ ପୁନରୁଦ୍ଧାର ପାଇଁ ପ୍ରସ୍ତୁତ କରାଯାଇଥିଲା। ବିଭିନ୍ନ ସମ୍ପୃକ୍ତ ବିଭାଗର ମୂଲ୍ୟବାନ ସହଯୋଗ ସହିତ ବ୍ଲାଷ୍ଟ ଫର୍ଣ୍ଣେସ ଗୋଷ୍ଠୀର ସୂକ୍ଷ୍ମ ଯୋଜନା, ସମନ୍ୱିତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ଠାପର ଉଦ୍ୟମର ପରିଣାମ ସ୍ୱରୂପ ଆଜିର ଏହି ସଫଳ 'ବ୍ଲୋଇଂ-ଇନ୍' ସମ୍ଭବ ହୋଇପାରିଛି।

ଏ ଅବସରରେ ସମାବେଶକୁ ସମ୍ବୋଧିତ କରି ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ବିଏଫ୍-୪ର ସୁରକ୍ଷିତ, ସ୍ଥିର ଏବଂ ସଫଳ କାର୍ଯ୍ୟାରମ୍ଭ ପାଇଁ ବ୍ଲାଷ୍ଟ ଫର୍ନେସ୍ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ସେ କାର୍ଯ୍ୟ ଦକ୍ଷତାରେ ସୁଧାର ଆଣିବା ଏବଂ ପ୍ରମୁଖ ବୈଷୟିକ-ଅର୍ଥନୈତିକ ମାନଦଣ୍ଡଗୁଡ଼ିକର ସଠିକ୍ ବିନିଯୋଗ କରି ହଟ୍ ମେଟାଲ୍‌ର ଉତ୍ପାଦନ ଖର୍ଚ୍ଚ କମାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଫର୍ନେସ୍‌ର ସମଗ୍ର ପ୍ରଦର୍ଶନ ଏବଂ ପ୍ରତିଯୋଗିତାମୂଳକ ଦକ୍ଷତା ବୃଦ୍ଧି ପାଇଁ କୋକ୍ ହାର ହ୍ରାସ କରିବା, ପଲଭରାଇଜଡ୍ କୋଇଲା ଇଞ୍ଜେକ୍ସନ୍ (ପିସିଆଇ) ହାର ବୃଦ୍ଧି କରିବା ଏବଂ ଉଚ୍ଚ ହଟ୍-ବ୍ଲାଷ୍ଟ ତାପମାତ୍ରା ହାସଲ କରିବାର ଗୁରୁତ୍ୱକୁ ରେଖାଙ୍କିତ କରିଥିଲେ।

ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ ହୋଇଥିବାରୁ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପାଲାଇ ବ୍ଲାଷ୍ଟ ଫର୍ନେସ୍ ଟିମ୍ ଏବଂ ସମସ୍ତ ସହଯୋଗୀ ବିଭାଗଗୁଡ଼ିକୁ ଅଭିନନ୍ଦନ ଜଣାଇଥିଲେ। ବ୍ଲାଷ୍ଟ ଫର୍ନେସେସ୍‌ର ମୁଖ୍ୟ ମହାପ୍ରବନ୍ଧକ ସୁମିତ କୁମାର, ସେମାନଙ୍କ ମାର୍ଗଦର୍ଶନ ଉତ୍ସାହ ଏବଂ ଶୁଭକାମନା ପାଇଁ ଭାରପ୍ରାପ୍ତ ନିର୍ଦ୍ଦେଶକ ନିର୍ବାହୀ ନିର୍ଦ୍ଦେଶକ ବୃନ୍ଦ ଏବଂ ଅନ୍ୟାନ୍ୟ ବରିଷ୍ଠ ଅତିଥିମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରି ସମଗ୍ର ବ୍ଲାଷ୍ଟ ଫର୍ନେସ୍ ଗୋଷ୍ଠୀକୁ ଅଭିନନ୍ଦନ ଜଣାଇବା ସହ ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିବାରେ ସମସ୍ତ ସମ୍ପୃକ୍ତ ବିଭାଗର ଅମୂଲ୍ୟ ଯୋଗଦାନକୁ ସ୍ୱୀକାର କରିଥିଲେ।

**୩ଦିନ ହେଲା ଜିଦ୍‌ରେ ଅଟଳ କୁମିଆପାଲିର ୮୪ ପରିବାର**

# ୭ ଆନ୍ଦୋଳନକାରୀଙ୍କୁ ଉଠାଇନେଲା ପୁଲିସ

ବଲାଙ୍ଗିର, ୨୩।୭ (ସମିସ)

ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ ପାଇଁ ଏବେ କୁମିଆପାଲି ବାସିନ୍ଦାଙ୍କ ଖୋଲା ଚ୍ୟାଲେଞ୍ଜ। ଉଚିତ ଥଇଥାନ ଓ କ୍ଷତିପୂରଣ ନ ଦେଲେ ଭିଟାମାଟି ଛାଡିବେ ନାହିଁ ବୋଲି ସେମାନେ ନିଷ୍ପତ୍ତି ନେଇଛନ୍ତି। ନିଜ ଜିଦରେ ଅଟଳ ଥିବା ଗ୍ରାମବାସୀ ୩ ଦିନ ହେଲା ଆନ୍ଦେଳନରେ ବସିଛି। ସେମାନଙ୍କୁ ଗାଁରୁ ହଟାଇବା ପାଇଁ ପ୍ରଶାସନ ସବୁ ପ୍ରକାର ବଳ ଲଗାଇଛି। ବୁଝାସୁଝା, ଆଲୋଚନା, କ୍ଷତିପୂରଣ ଲୋଭ ଦେଖାଇବା ପରେ ଶେଷରେ ଗ୍ରାମବାସୀ ଯାହା ଆଶଙ୍କା କରିଥିଲେ ପ୍ରଶାସନ ତାହାହିଁ କଲା। ଆନ୍ଦୋଳନର ଦ୍ୱିତୀୟ ଦିନ ବିଳମ୍ବିତ ରାତିରେ ପୁଲିସ ଗାଁକୁ ଯାଇଥିଲା। ଆନ୍ଦୋଳନର ନେତୃତ୍ୱ ନେଉଥିବା ୬/୭ଜଣ ବ୍ୟକ୍ତିଙ୍କୁ ଉଠାଇ

## ଅସନ୍ତୋଷ ବଢ଼ାଉଛି ପ୍ରଶାସନିକ ପଦକ୍ଷେପ

ନେଇ ଥାନାରେ ଅଟକ ରଖିଛି। କେବଳ ଏତିକି ନୁହଁ; ଗୁରୁବାର ପ୍ରଶାସନିକ ଅଧିକାରୀ ପୁଲିସ ସହ ଗାଁରେ ପହଞ୍ଚି ଥିଲେ। ଆନ୍ଦୋଳନ ସ୍ଥଳ ସରକାରୀ ମଣ୍ଡପ ହୋଇଥିବାରୁ ଛାଡିଦେବାକୁ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗ୍ରାମବାସୀ ମରିଯିବେ ପଛେ ଆନ୍ଦେଳନ ସ୍ଥଳ ଛାଡିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଏହାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା।

ବଲାଙ୍ଗିର ଜିଲ୍ଲା ଲୋୟର ସୁକତେଲ ପ୍ରକଳ୍ପ ପ୍ରଭାବିତ କୁମିଆପାଲି ଗାଁର ୮୪ ପରିବାର କ୍ଷତିପୂରଣ ପାଇ ନ ଥିବାରୁ ଭିଟାମାଟି ଛାଡି ବିସ୍ଥାପିତ ହେବାକୁ ମନା କରିଦେଇଛନ୍ତି। ଗୋଟିଏ ପଟେ ସୁକତେଲ ପାଣି ଗାଁ ମାଡି ସାରିଛି। ଅନ୍ୟପଟେ ଏହି ପରିବାରଙ୍କ ଜିଦ ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପଲଟିଛି। ଏହି ପରିବାରକୁ ହଟାଇବା ପାଇଁ ପ୍ରଶାସନ ସମସ୍ତ ପ୍ରକାର କୌଶଳ ଆପଣାଇବା ପାଇଁ ଉଦ୍ୟମ ଆରମ୍ଭ କରିଛି। ମଙ୍ଗଳବାର ଯେତେବେଳେ ପ୍ରଶାସନ ଗାଁ ଖାଲି କରିବାକୁ ଯାଇଥିଲା ସେହି ସମୟରେ ଏହି ୮୪ ଆଦିବାସୀ ପରିବାର



କ୍ଷତିପୂରଣ ଗ୍ରହଣ କରି ନ ଥିବାରୁ ଗାଁ ଛାଡିବେ ନାହିଁ ବୋଲି କହିଥିଲେ। ଗାଁ ମଣ୍ଡପରେ ବସି ଆନ୍ଦେଳନ ଆରମ୍ଭ କରିଥିଲେ। ଅଖିଆ, ଅପିଆ ରହି ୮୪ ପରିବାର ସଦସ୍ୟ ଆନ୍ଦୋଳନ ଆରମ୍ଭ କରିଥିଲେ। ପ୍ରଥମ ଦିନରେ ପ୍ରଶାସନ ବୁଝାସୁଝା କରି ଫେରିଆସିଥିଲା। ଦ୍ୱିତୀୟ ଦିନରେ ବି ଅଧିକାରୀ ପୁଲିସ ସହ ପହଞ୍ଚି ଆଲୋଚନା କରିଥଲେ। ଗ୍ରାମବାସୀ ତାଙ୍କ ଦାବି ମୁତାବକ ବିସ୍ଥାପନ ଓ ଥଇଥାନ କରିବାକୁ କହିଥିଲେ; କିନ୍ତୁ ଅଧିକାରୀମାନେ କୌଣସି ପ୍ରତିଶ୍ରୁତି ଦେଇପାରି ନ ଥିଲେ। ଏହାଫଳରେ ଗ୍ରାମବାସୀ ସରକାରୀ ବନ୍ଧନରୁ ନିଜକୁ ମୁକ୍ତି କରିଥିବା ଓ ସରକାରଙ୍କ ପକ୍ଷରୁ ପାଇଥିବା ଭୋଟର ପରିଚୟ ପତ୍ରଠାରୁ ଆରମ୍ଭ କରି ଆୟୁଷ୍ମାନ କାର୍ଡ ପର୍ଯ୍ୟନ୍ତ ସବୁ ଫେରାଇ ଦେଇଥିଲେ। ତେବେ ଦିନକୁ ଦିନ ଡ୍ୟାମ୍ ପାଣି ବଢ଼ିଚାଲିଛି। ଏହା ପ୍ରଭାବରେ ବେଳେ ଗାଁ ମୁଣ୍ଡ ପର୍ଯ୍ୟନ୍ତ ପାଣି ମାଡି ସାରିଛି। କ୍ଷତିପୂରଣ ପାଇଥିବା ଲୋକେ ଗାଁ ଛାଡିଛନ୍ତି; କିନ୍ତୁ କ୍ଷତିପୂରଣ ପାଇ ନ ଥିବା ଏହି ୮୪ ପରିବାର କେମିତି ଭିଟାମାଟି ଛାଡିବେ ବୋଲି କହିଥିଲେ। ଜିଦରେ ଅଟଳ ଥିବା ଗ୍ରାମବାସୀଙ୍କ ଆନ୍ଦୋଳନକୁ ଭାଙ୍ଗିବା ପାଇଁ ପୁଲିସ ବୁଧବାର ରାତିରେ ଗାଁକୁ ପଶି ଥିଲା। କିଛି ବ୍ୟକ୍ତିଙ୍କୁ ଉଠାଇ ଆଣି ଅଟକ ରଖିଛି। ରାତିରେ ଯେତେବେଳେ ଗାଁର କିଛି ନେତୃତ୍ୱ ନେଉଥିବା ବ୍ୟକ୍ତି ମଣ୍ଡପରେ ଶୋଇଥିଲେ ସେହି ସମୟରେ ପୁଲିସ ପହଞ୍ଚି ଗୋଟି ଗୋଟି କରି ଆନ୍ଦୋଳନର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କୁ ଉଠାଇ ଥାନାକୁ ନେଇଯାଇଥିବା ସକାଳୁ ଜଣାପଡ଼ିଥିଲା। ସକାଳୁ ପୁଣି ପ୍ରଶାସନ ପୁଲିସ ସହ ପହଞ୍ଚି ଆନ୍ଦୋଳନ କରୁଥିବା ମଣ୍ଡପ ସରକାରୀ ଅର୍ଥରେ ନିର୍ମାଣ କରାଯାଇଛି ବୋଲି କହି ଖାଲି କରିବାକୁ କହିଥଲା; କିନ୍ତୁ ଗ୍ରାମର ମହିଳା ଓ ଆଦିବାସୀ କଲ୍ୟାଣ ସଂଘର ଯୁବକ ମାନେ ମନା କରି ଦେଇଥିଲେ। ମରିଯିବେ ପଛେ ଆନ୍ଦୋଳନ ସ୍ଥଳ ଛାଡିବେ ନାହିଁ ବୋଲି ମହିଳାମାନେ କହିଥିଲେ। ତେବେ ଏହିଭଳି ବିସ୍ଥାପନକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଯଦି ଏହି ଗ୍ରାମକୁ ଖାଲି କରିବାର ଥିଲା ଓ ୮୪ ଆଦିବାସୀ ପରିବାରର ସମସ୍ୟା ଥିଲା ତେବେ ଆଗରୁ କାହିଁକି ସମାଧାନ କରାଗଲା ନାହିଁ? ଯେତେବେଳେ ବର୍ଷା ସମୟରେ କୌଣସି ପ୍ରକାର ବିସ୍ଥାପନ ନ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି ସେତେବେଳେ ବର୍ଷାରେ ଗ୍ରାମବାସୀଙ୍କୁ ଅନ୍ୟତ୍ର ବିସ୍ଥାପନ କରିବାକୁ ପ୍ରଶାସନ କେମିତି ସାହସ କରୁଛି? ଜଳଭଣ୍ଡାରକୁ ପୂର୍ଣ୍ଣଗର୍ଭା କରିବା ପାଇଁ ପୂର୍ବ ନିଷ୍ପତ୍ତି ରହିଛି; କିନ୍ତୁ ଏତେଦିନ ପ୍ରଶାସନ ଗାଁକୁ ଯାଇ କାହିଁକି ସମସ୍ୟା ସମାଧାନ କରିଲା ନାହିଁ ବୋଲି ସାମାଜିକ କର୍ମୀମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ପ୍ରଶାସନ ଏହି ପରିବାରକୁ ବିସ୍ଥାପନ କରିବା ପାଇଁ ଯେଉଁ କଲୋନୀ ତିଆରି କରିଛି ତାହା ନ କହିବା ଭଲ। ଛୋଟିଆ ଗୋଟିଏ କୋଠାରେ ଆଜବେଷ୍ଟସ ଲଗା ଯାଇଛି। ସେଠାକୁ ଯିବା ରାସ୍ତା କାଦୁଅ ପଚପଚ ରହିଛି। ଏହିଭଳି ବର୍ଷା ସମୟରେ ସେଠାରେ ରହିବା ଅସମ୍ଭବ। ଗ୍ରାମବାସୀଙ୍କ ବିରୋଧରେ ଏବେ ପ୍ରଶାସନିକ ଜୁଲମ ଆରମ୍ଭ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଆଇନ ଅନୁସାରେ ସମସ୍ତ ବ୍ୟବସ୍ଥା କରାଯାଇଥିବା କହି ଯେମିତି ସେମିତି ଆଦିବାସୀ ପରିବାରଙ୍କୁ ଗାଁରୁ ଉଚ୍ଛେଦ କରିବାକୁ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ ଉଦ୍ୟମ ଚଳାଇଥିବା ଦେଖିବାକୁ ମିଳିଛି।

## କିଡ୍‌ନୀ ରୋଗୀଙ୍କ ସ୍ୱାମୀଙ୍କୁ ମଧ୍ୟ ଛାଡିଲାନି

ଆନ୍ଦୋଳନରେ ସାମିଲ ହୋଇଥିବା ଡୋଳାମଣି ବରିହାଙ୍କୁ ବୁଧବାର ରାତି ପ୍ରାୟ ଅଢେଇଟାରେ ପୁଲିସ ଉଠାଇ ନେଇ ଅଟକ ରଖିଛି। ରାତିରେ ପୁଲିସ ପହଞ୍ଚି ଗାଁକୁ ପାଣି ଆସୁଛି କହି କବାଟ ବାଡେଇଥିଲା। ନିଜ କିଡ଼ନୀ ରୋଗୀ ସ୍ତ୍ରୀଙ୍କ ପାଖରେ ଶୋଇଥିବା ଡୋଳାମଣି କବାଟ ଖୋଲିବା ପରେ ପୁଲିସ କିଛି ନ କହି ତାଙ୍କୁ ଘୋଷାଡ଼ି ନେଇ ଯାଇଥିବା ତାଙ୍କ ପୁଅ ଅଭିଯୋଗ କରିଛନ୍ତି। ସ୍ତ୍ରୀ ବିଛଣାରେ ମୃତ୍ୟୁ ସହ ଲଢେଇ କରୁଥିବା ବେଳେ ତାହାକୁ ମଧ ଗୁରୁତ୍ୱ ନ ଦେଇ ପୁଲିସ ତାଙ୍କୁ ନେଇ ଯାଇଥିଲା। ସକାଳୁ ଏହା ଜଣାପଡ଼ିବା ପରେ ଏକ ଡାକ୍ତରୀ ଟିମ୍ ଆସି ରୋଗୀଙ୍କ ପରୀକ୍ଷା କରିଥିଲେ। ତାଙ୍କ ଅବସ୍ଥା ସଂକଟପନ୍ନ ଥିବା ଡାକ୍ତର କହିବା ପରେ ପ୍ରଶାସନ ତାଙ୍କୁ ଡାକ୍ତରଖାନା ନେବା ପାଇଁ କହିଥିଲା; କିନ୍ତୁ ପାରିବାର ଓ ଗ୍ରାମବାସୀ ମନା କରିଥିଲେ। ପ୍ରଶାସନ କିନ୍ତୁ କିଛି ନ ଶୁଣି ରୋଗୀଙ୍କୁ ଡାକ୍ତରଖାନା ପଠାଇଥିଲା।

## ପୁଲିସ ଦମନଲୀଳାକୁ ନିନ୍ଦା, ଆନ୍ଦୋଳନ ଚାଲୁ ପାଇଁ ଆହ୍ୱାନ

**ବଲାଙ୍ଗୀର, ୨୩।୭ (ସମିସ):** ଲୋୟର ସୁଖତେଲ ଅଞ୍ଚଳରେ ବିସ୍ଥାପିତ ହେବାକୁ ଥିବା କୁମିଆପାଲି ଗ୍ରାମର ଲୋକଙ୍କ ଦାବିକୁ ପ୍ରଶାସନ ସହୃଦୟତା ସହ ପୂରଣ କରିବା ଉଚିତ। ଏସୟୁସିଆଇ (କମ୍ୟୁନିଷ୍ଟ )ବଲାଙ୍ଗୀର ଜିଲ୍ଲା କମିଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଉଛି। ପୁଲିସ-ପ୍ରଶାସନ ଗ୍ରାମବାସୀଙ୍କ ସହିତ ମୁକାବିଲାମୂଳକ ମନୋଭାବ ପରିହାର କରି ଲୋକଙ୍କ ଦାବିକୁ



ମାନିନେବା ଓ ପୁଲିସ ଆତଙ୍କରାଜ ବନ୍ଦ କରିବା ପାଇଁ ଦଳ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଦଳର ଜିଲ୍ଲା ସମ୍ପାଦକ ସୁନୀଲ ଭୋଇ ଓ ଏଆଇଡ଼ିଏସଓ ଜିଲ୍ଲା ସଭାପତି ମଧୁସୂଦନ ବାଗଙ୍କ ନେତୃତ୍ୱରେ ଏକ ଟିମ୍ କୁମିଆପାଲି ଗ୍ରାମ ଗସ୍ତ କରି ବିସ୍ଥାପିତ ଲୋକଙ୍କୁ ଭେଟିଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରଖିବାକୁ ଆହ୍ୱାନ ଦେଇଛନ୍ତି। କ୍ଷତିପୂରଣ ଦେବା ଓ ଥଇଥାନ କରିବା ପରିବର୍ତ୍ତେ ରାତିଅଧିଆ ପୁଲିସ ଆତଙ୍କ ସୃଷ୍ଟି କରିଛି। ୭ ଜଣ ଲୋକଙ୍କୁ ବଳପୂର୍ବକ ଉଠାଇ ନେଇଛି। ଏହାକୁ

## ସ୍ତ୍ରୀକୁ ଟାଙ୍ଗିଆରେ ହାଣିଦେଲା ସ୍ୱାମୀ

**କଣ୍ଟାବାଞ୍ଜି, ୨୩।୭ (ସମିସ):** ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ଥାନା ଚଟୁଅନକା ଗାଁର



ମାଝିପଡ଼ାରେ ହତ୍ୟାକାଣ୍ଡ ଘଟିଛି। ଗାଁର ଦେବଚନ୍ଦ ମାଝୀ ନିଜ ସ୍ତ୍ରୀ କିଆଫୁଲ ମାଝୀଙ୍କୁ ଘର ପଛ ପଟେ ଟାଙ୍ଗିଆରେ ହାଣି ହତ୍ୟା କରିଛି। ପୁଲିସ ଖବର ପାଇ ଦେବଚନ୍ଦକୁ ଥାନାକୁ ନେଇ ତଦନ୍ତ କରୁଛି। ପରିବାର ଲୋକଙ୍କ କହିବା ଅନୁସାରେ ସେମାନେ ଆଜି ତାଙ୍କ ଘର ନିର୍ମାଣ କାର୍ଯ୍ୟ କରୁଥିଲେ। ସନ୍ଧ୍ୟା ୫ଟାରେ କାମ ଶେଷ କରିଥିଲେ। ସେମାନଙ୍କ ମଧ୍ୟରେ ପୂର୍ବରୁ କୌଣସି ଗଣ୍ଡଗୋଳ ନ ଥିଲା; କିନ୍ତୁ କାହିଁକି ଏହି ହତ୍ୟାକାଣ୍ଡ ଘଟିଛି ତାକୁ ନେଇ ଏବେ ସେମାନେ ମଧ ସନ୍ଦେହ ଘେରରେ ରହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ସାଇକଲ ଆରୋହୀ ମୃତ

**ଶଗଡ଼ା, ୨୩।୭ (ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଦମକଳ କେନ୍ଦ୍ର ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଉଁଶୁଣୀ ଥାନା ଥପାପାଲି ଗ୍ରାମର ପୁରନ୍ଦର ରାଜହଂସ। ସେ ସାଇକଲ ଯୋଗେ ଦମକଳ କେନ୍ଦ୍ର ନିକଟରେ ରାସ୍ତା ପାରି ହେଉଥିଲେ। ଏତିକି ବେଳେ ବୌଦ୍ଧ ପଟୁ ଆସୁଥିବା ମନମୁଣ୍ଡା ଥାନା ଚଉରିଆ ପଦର ଗ୍ରାମର ପଦ୍ମନାଭ ଭାଇନାଙ୍କ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଦମକଳ ବାହିନୀ ସଙ୍ଗେ ସଙ୍ଗେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ପୁରନ୍ଦରଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ବାଉଁଶୁଣୀ ପୁଲିସ ପହଞ୍ଚି ଉଭୟ ସାଇକଲ ଓ ବାଇକ୍ ଜବତ କରଛି। ଏହାସହ ସହ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲାପାଳଙ୍କୁ ଭେଟିଲେ ବେସରକାରୀ ଅଧ୍ୟାପକ, କର୍ମଚାରୀ

**ବୀରମହାରାଜପୁର, ୨୩।୭ (ସମିସ):** ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନ ମହାବିଦ୍ୟାଳୟରେ ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଦରମା ଦେବାକୁ ମହାବିଦ୍ୟାଳୟ ଅସମର୍ଥ ହୋଇପଡ଼ିଛି। ତେଣୁ ଏହି ଅଧ୍ୟାପକ କର୍ମଚାରୀଙ୍କୁ ରାଜ୍ୟ ସରକାର ଅନୁଦାନ ପରିସରଭୁକ୍ତ କରିବା ଜରୁରି ହୋଇପଡ଼ିଛି। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ପକ୍ଷରୁ ଦୀର୍ଘ ଦିନ ଧରି ଦାବି ମଧ ରହିଛି। ତେବେ ସରକାର




ସେମାନଙ୍କ ଦାବି ଶୁଣୁନି। ଶେଷରେ ପୁଣି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଦିଆଯାଇଛି। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ ସୁବର୍ଣ୍ଣପୁର ଜିଲ୍ଲା ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଭେଟି ନିଜର ଦାବି ଜଣାଇଛନ୍ତି। ସେମାନଙ୍କ ଦାବି ପୂରଣ ନ କଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅଧ୍ୟାପକ ଉଦ୍ଧବ ପଧାନ, ବିଶ୍ୱନାଥ ମିଶ୍ର, ସୁଶାନ୍ତ ଦେହୁରୀ, ସନ୍ତୋଷିନୀ ନାୟକ, ବାଳମକୁନ୍ଦ ବାରିକ, ରାଜୀବ ମହାପାତ୍ର, ଶରତ କହ୍ନର, ସନ୍ଧ୍ୟାଦୀପା ଗୁରୁ, ଭୁବନେଶ୍ୱର ବେହେରାଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

## ଡାକ୍ତରୀ ପ୍ରବେଶିକା ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବୀରମହାରାଜପୁର, ୨୩।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରସ୍ଥିତ ମୈତ୍ରୀ ସଦନଠାର ଏକ ସମ୍ବର୍ଦ୍ଧନା ସଭା ନାରାୟଣ ଲୁହା ଫ୍ୟାନ୍ କ୍ଲବ୍ ତରଫରୁ ଅନୁଷ୍ଠିତ ହୋଇଯାଇଅଛି। ଚଳିତ ୨୦୨୬ ସର୍ବଭାରତୀୟ ନିଟ୍ ୟୁଜି ପରୀକ୍ଷାରେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଆବାହକ ନାରାୟଣ ଲୁହା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଲବ ସାହୁ, ବରିଷ୍ଠ ନାଗରିକ ସଂଗଠନର ସଭାପତି ଦୟାନିଧି ହୋତା, କୋଷାଧକ୍ଷ ଅକ୍ଷୟ ମିଶ୍ର, ସରପଞ୍ଚ ସୂର୍ଯ୍ୟ ନନ୍ଦ, କିଶୋର ହୋତା, ସୁରୁ ନାରାୟଣ ମହାକୁର ପ୍ରମୁଖ ମଞ୍ଚାସୀନ ଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ସୁପ୍ରିୟା ପ୍ରିୟଦର୍ଶିନୀ ମିଶ୍ର, ମୁକ୍ତେଶ୍ୱର ନନ୍ଦ, ବିସ୍ମୟ ପଧାନ, ମହାବୀର ମେହେର, ଅଭିନନ୍ଦନ ରାଜ୍ ପଣ୍ଡା, ଯତିନ୍ ମେହେର, ଅନୁତ୍ତମ ପାଣିଗ୍ରାହୀ, ଚିନ୍ମୟାନନ୍ଦ ମିଶ୍ର, ଆଶିଷ ମିଶ୍ର, ଆରୋଶିଷ ପଣ୍ଡାଙ୍କୁ ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟନାରାୟଣ ନାୟକ, ଯୁଗଳ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀକୃଷ୍ଣ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଧୀରେନ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**କପିଲାଭଟାରେ ଚାଷୀ ସଙ୍ଗଠନର ବୈଠକ**

## ୨୭ରେ ବଙ୍ଗୋମୁଣ୍ଡା ତହସିଲ ଅଫିସ ଘେରଉ

**କଣ୍ଟାବାଞ୍ଜି, ୨୩।୭ (ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ପଞ୍ଚାୟତ ମୁଖ୍ୟାଳୟରେ ଆଜି ଚାଷୀ ସଂଗଠନର ବୈଠକ ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀସ୍ତରୀୟ କୃଷକ ସଂଗଠନର ସଭାପତି ଅଜିତ ଯୋଶୀ ଏଥିରେ ସଭାପତିତ୍ୱ କରିଥିଲେ। ଅଞ୍ଚଳର ଚାଷୀଙ୍କ ବିଭିନ୍ନ ଦାବି ନେଇ ଆସନ୍ତା ଜୁଲାଇ ୨୭ରେ ବଙ୍ଗୋମୁଣ୍ଡା ତହସିଲ ଅଫିସ ଘେରଉ କରାଯିବା ପାଇଁ ଏଥିରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପଞ୍ଚାୟତର କୃଷକ ମାନେ ଏକଜୁଟ ହୋଇଥିଲେ। ଏହି ବୈଠକରେ କପିଲାଭଟା ପଞ୍ଚାୟତର ଶତାଧିକ ଚାଷୀ ସାମିଲ ଥିଲେ।



## କଣ୍ଟାବାଞ୍ଜି ଡାକ୍ତରଖାନା ସମସ୍ୟା ନେଇ ୨୭ରୁ ଓଜିସିର ଅନଶନ

**କଣ୍ଟାବାଞ୍ଜି, ୨୩।୭ (ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏ ନେଇ ୨୭ ତାରିଖରୁ କଣ୍ଟାବାଞ୍ଜି ଡାକ୍ତରଖାନା ପରିସରରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିବାରାତ୍ରି ଅନଶନ କରାଯିବ। ଡାକ୍ତରଖାନାରେ ସମସ୍ତ ପ୍ରକାର ଆନୁଷ୍ଠାନିକ ସୁବିଧା ଥିଲେ ମଧ ଗର୍ଭବତୀଙ୍କୁ ପ୍ରସବ ନ କରାଇ ଅନ୍ୟତ୍ର ରେଫର କରି ଦିଆଯାଉଛି। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଥାଇ ମଧ ସେମାନେ ନିର୍ଦ୍ଧାରିତ ସମୟରେ ଓପିଡି ଆସୁନାହାନ୍ତି। ବୁଧବାର ଏହାର ପ୍ରମାଣ ମିଳିଛି। ଜଣେ ବ୍ୟକ୍ତି ତାଙ୍କ ପୁଅର ମୃତଦେହକୁ କାନ୍ଧରେ



ବୋହି ଡାକ୍ତରଖାନାରୁ ପ୍ରାୟ ୧ କିଲୋମିଟର ପର୍ଯ୍ୟନ୍ତ ଚାଲି ଚାଲି ଯିବା ଏହାର ପ୍ରମାଣ। ଏହି ଘଟଣା କଣ୍ଟାବାଞ୍ଜି ଡାକ୍ତରଖାନାର ସ୍ୱାସ୍ଥ୍ୟସେବା ଏବଂ ମାନବିକତାର ବିଫଳତାକୁ ସ୍ପଷ୍ଟ ପ୍ରମାଣ କରୁଛି। ଏହିସବୁ ଗୁରୁତର ସମସ୍ୟାର ସ୍ଥାୟୀ ସମାଧାନ ତଥା ଜନସାଧାରଣଙ୍କ ହକ୍ ପାଇଁ ୨୭ରୁ ଡାକ୍ତରଖାନା ସମ୍ମୁଖରେ ଅନଶନରେ ବସିବାକୁ ନିଷ୍ପତ୍ତି ହୋଇଛି। ଯେଉଁ ପର୍ଯ୍ୟନ୍ତ ଏହି ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ଲାଗି ପ୍ରଶାସନ ତରଫରୁ ଦୃଢ଼ ପ୍ରତିଶ୍ରୁତି ନ ଦେଇଛି ବା ପଦକ୍ଷେପ ନିଆଯାଇ ନାହିଁ ସେ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଚାଲିବ ବୋଲି ଓଡ଼ିଶା ଜନତା କଂଗ୍ରେସର ବଲାଙ୍ଗୀର ଜିଲ୍ଲା ସଭାପତି ରୂପେଶ ବେହେରା କହିଛନ୍ତି। ଏନେଇ ଗୁରୁବାର ଟିଟିଲାଗଡ଼ ଉପ ଜିଲ୍ଲାପାଳ ଓ କଣ୍ଟାବାଞ୍ଜି ପୁଲିସକୁ ଲିଖିତ ଭାବେ ଅବଗତ କରାଯାଇଛି।

## ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ ବଲାଙ୍ଗିର ଗସ୍ତ

**ବଲାଙ୍ଗିର, ୨୩।୭ (ସମିସ):** ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ଅତିରିକ୍ତ ଉପ ନିର୍ଦ୍ଦେଶକ, ପଶ୍ଚିମାଞ୍ଚଳ, ସମ୍ବଲପୁର କଲ୍ୟାଣୀ ଦାସ ଗୁରୁବାର ବଲାଙ୍ଗିର



ଜିଲ୍ଲା ଗସ୍ତ କରିଛନ୍ତି। ଏହି ଗସ୍ତ କାଳରେ ସେ ଜିଲ୍ଲାରେ ବିଭାଗୀୟ କାର୍ଯ୍ୟକ୍ରମ, ସରକାରୀ ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମୀକ୍ଷା କରିଛନ୍ତି। ଗସ୍ତ ସମୟରେ ଶ୍ରୀମତୀ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଗାନ୍ଧୀ ଭବନ ପାଠାଗାର ପରିଦର୍ଶନ କରିବା ସହ ଅଫିସର ବିଭିନ୍ନ କାର୍ଯ୍ୟଶୈଳୀ ଓ ନଥିପତ୍ରର ଯାଞ୍ଚ କରିଥିଲେ। ଜନସାଧାରଣଙ୍କ ନିକଟରେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୂଚନା ଠିକ୍ ଓ ସମୟାନୁବନ୍ଧିତ ଭାବେ ପହଞ୍ଚାଇବା ପାଇଁ ସେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗଣମାଧ୍ୟମ ସହ ସୁସମ୍ପର୍କ ରକ୍ଷା କରିବା ଏବଂ ଜିଲ୍ଲାର ପ୍ରସାର କାର୍ଯ୍ୟକ୍ରମକୁ ଆହୁରି କ୍ରିୟାଶୀଳ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ, ବରିଷ୍ଠ ରାଜସ୍ୱ ସହାୟକ ପ୍ରଭାତ ମଲ୍ଲିକ, କନିଷ୍ଠ ରାଜସ୍ୱ ସହାୟକ ପୁରୁଷୋତ୍ତମ ମୁନାଙ୍କ ସମେତ ବିଭାଗର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

**ରାଜେନ୍ଦ୍ର ୱାର୍ଡେନଙ୍କ କାର୍ଯ୍ୟାଳୟ ଘେରଉ**

# ୭ ହଷ୍ଟେଲରେ ମେସ୍ ବନ୍ଦକୁ ନେଇ ଉତ୍ତେଜନା

ବଲାଙ୍ଗିର, ୨୩।୭ (ସମିସ)

ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସମସ୍ତ ୭ ହଷ୍ଟେଲରେ ହଠାତ୍ ମେସ୍ ବନ୍ଦ ହୋଇଯାଇଛି। ଏହାକୁ ନେଇ ଶତାଧିକ ଆବାସିକ ଛାତ୍ରଛାତ୍ରୀ ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏହାର ପ୍ରତିବାଦରେ ଆଜି ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟର ହଷ୍ଟେଲ ୱାର୍ଡେନଙ୍କ କାର୍ଯ୍ୟାଳୟ ଘେରଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁସାରେ, ଗତ କିଛି ଦିନ ଧରି ମେସ୍ ପରିଚାଳନାରେ ଲଗାତାର ଅବ୍ୟବସ୍ଥା ଲାଗି ରହିଥିଲା। ଟେଣ୍ଡର ପାଇଥିବା ସମ୍ପୃକ୍ତ ଏଜେନ୍ସି ଠିକ୍ ଭାବେ ମେସ ପରିଚାଳନା କରିବାରେ ବିଫଳ ହୋଇଥିବାରୁ ନିମ୍ନମାନର ଖାଦ୍ୟ ପରିବେଷଣ, ଖାଦ୍ୟରେ ପୋକ ମିଳିବା ଏବଂ ମଦ୍ୟପ ଅବସ୍ଥାରେ କର୍ମଚାରୀଙ୍କ ଦ୍ୱାରା ଖାଦ୍ୟ ପରିବେଷଣ କରାଯାଉଥିବା ଭଳି ଗୁରୁତର ଅଭିଯୋଗ ସାମ୍ନାକୁ ଆସିଥିଲା। ଏହି ସମସ୍ୟା ସମ୍ପର୍କରେ ପୂର୍ବରୁ ବିଶ୍ୱବିଦ୍ୟାଳୟ ପ୍ରଶାସନଙ୍କୁ ଅବଗତ କରାଯାଇଥିଲେ ମଧ ସ୍ଥାୟୀ ସମାଧାନ ହୋଇ ନ ଥିବା ଛାତ୍ରଛାତ୍ରୀ କହିଛନ୍ତି। ପ୍ରତିବାଦ ସମୟରେ ଛାତ୍ର ନେତା ସୁମନ ନନ୍ଦ ଏଜେନ୍ସିର କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରି କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟ ସହ କୌଣସି ପ୍ରକାର




ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ମେସ୍ ପରିଚାଳନାରେ ସୃଷ୍ଟି ହୋଇଥିବା ଏହି ଅବ୍ୟବସ୍ଥା ପାଇଁ ସମ୍ପୃକ୍ତ ଏଜେନ୍ସି ଦାୟୀ ବୋଲି ସେ ଅଭିଯୋଗ କରିବା ସହ ତୁରନ୍ତ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ସେହିପରି ବିଶ୍ୱବିଦ୍ୟାଳୟ ପ୍ରଶାସନ ଅତିଶୀଘ୍ର ବିକଳ୍ପ ବ୍ୟବସ୍ଥା କରି ସମସ୍ତ ହଷ୍ଟେଲରେ ସ୍ୱଚ୍ଛ, ସୁରକ୍ଷିତ ଓ ଉନ୍ନତମାନର ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବାକୁ ମଧ ସେ ଦାବି କରିଥିଲେ। ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି ଯେ, ଶୀଘ୍ର ସମସ୍ୟାର ସମାଧାନ ନ ହେଲେ ସେମାନେ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ଜୋରଦାର କରିବେ।

## ଖୁଣ୍ଟିଗୋରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ପାଣି ଝରୁଛି

**ଶଗଡ଼ା, ୨୩।୭ (ସମିସ):** ଗୋଟିଏ ପଟେ ସରକାର ସ୍ୱାସ୍ଥ୍ୟ ସେବାର ବିକାଶ ଓ ନବୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ଦାବି କରୁଥିବା ବେଳେ ଅନ୍ୟପଟେ ଗ୍ରାମାଞ୍ଚଳରେ ଚିକିତ୍ସା ସେବାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକଖୁଣ୍ଟିଗୋରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଦେଖି ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବର୍ଷା ଦିନ ଆରମ୍ଭ ହେଉଣୁ ସ୍ୱାସ୍ଥ୍ୟକେନ୍ଦ୍ରର ଛାତରୁ ପାଣି ଗଳୁଥିବାରୁ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୩୦ ବର୍ଷର ପୁରୁଣା ଛାତ ହେତୁ ସିମେଣ୍ଟ ଛାଡି ଗଲାଣି। ଏହାଫଳରେ ଲଗାଣ ବର୍ଷା ଯୋଗୁଁ ସ୍ୱାସ୍ଥ୍ୟକେନ୍ଦ୍ରର ଆଉଟଡୋର୍, ଇନଡୋର୍ ୱାର୍ଡ ଏବଂ ଔଷଧ ସଂରକ୍ଷଣ କକ୍ଷର ଛାତରୁ ପାଣି ଝରୁଛି। ବେଡ୍ ଉପରେ ପାଣି ଗଳୁଥିବାରୁ ରୋଗୀ ହଇରାଣ ହରକତ ହେଉଛନ୍ତି। ମହିଳା, ଶିଶୁ ଓ ବୃଦ୍ଧବୃଦ୍ଧା ସାମାନ୍ୟ ବିଶ୍ରାମ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତରୁ ପାଣି ଗଳୁଥିବାରୁ ଜରୁରୀକାଳୀନ ଔଷଧ, ମାନୁଆଲ୍ ରେକର୍ଡ ଏବଂ ମୂଲ୍ୟବାନ ମେଡିକାଲ୍ ଉପକରଣ ଓଦା ହୋଇ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଛାତରୁ ପାଣି ଲିକ୍ କରୁଥିବାରୁ ସମଗ୍ର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସାଞ୍ଝୁଆ ଓ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି; ଯାହା ରୋଗୀଙ୍କ ପାଇଁ ସଂକ୍ରମଣର କାରଣ ପାଲଟିପାରେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ୮ଟି ପଞ୍ଚାୟତ ସମେତ କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକର ୨ଟି ପଞ୍ଚାୟତ, କଳାହାଣ୍ଡି ଜିଲ୍ଲାର ମ.ରାମପୁର ବ୍ଲକର ୨ଟି ପଞ୍ଚାୟତ, ବଲାଙ୍ଗିର ଜିଲ୍ଲା ଗୁଡ଼ଭେଲା ବ୍ଲକର ୪ଟି ପଞ୍ଚାୟତର ଲୋକ ନିର୍ଭର କରନ୍ତି; କିନ୍ତୁ ବର୍ଷା ଦିନେ ଡାକ୍ତରଖାନା ଭିତରେ ଛତା ଫିଟାଇ ରହିବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ ବୋଲି ଆଦିବାସୀ ନେତା ପିତାମ୍ବର ଭୋଇ କହିଛନ୍ତି। ତେବେ ସ୍ୱାସ୍ଥ୍ୟକେନ୍ଦ୍ର କୋଠାର ମରାମତି ନିହାତି ଜରୁରୀ ହୋଇପଡ଼ିଛି। ଯଦି ଶୀଘ୍ର ଛାତର ସିଲିଂ ଓ ୱାଟରପ୍ରୁଫିଂ କାମ କରା ନ ଯାଏ ତେବେ କୌଣସି ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଖୁଣ୍ଟିଗୋରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମରାମତି ସହ ସ୍ୱାସ୍ଥ୍ୟସେବାକୁ ସୁବ୍ୟବସ୍ଥିତ କରିବାକୁ ଅଞ୍ଚଳବାସୀ ଦୃଢ ଦାବି କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



'ବିଶ୍ୱର ଯେକୌଣସି ଅଞ୍ଚଳର ଦାରିଦ୍ର୍ୟ ସମଗ୍ର ମାନବ ସଭ୍ୟତା ପାଇଁ ଚେତାବନୀ।
-କୋଫି ଆନନ୍

## ଦିଲ୍ଲୀ-ଦୋଳନ

ଭାରତର ସଂସଦୀୟ ଇତିହାସରେ ଚଳିତ ମୌସୁମୀ ଅଧିବେଶନ ଏକ ସ୍ୱତନ୍ତ୍ର ଅଧ୍ୟାୟ ଲେଖିବାକୁ ଯାଉଛି। ଆରମ୍ଭରୁ କ୍ରମାଗତ ଚାରିଦିନ ଧରି ଗୃହ କାର୍ଯ୍ୟ ଚାଲିପାରିନାହିଁ। ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ଏନ୍‌ଡିଏ ଶାସନର ବିଗତ ବାରବର୍ଷର ଶାସନ କାଳ ମଧ୍ୟରେ ପ୍ରଥମ ଥର ପାଇଁ ଏଭଳି ଆଭ୍ୟନ୍ତରୀଣ ଓ ବାହ୍ୟ ପ୍ରତିରୋଧ ଓ ବିକ୍ଷୋଭ ଦେଖିବାକୁ ମିଳିଛି, ଯେଉଁଥିରେ ସରକାରଙ୍କ ଦମ୍ଭ ଭାଙ୍ଗୁଥିବା ପ୍ରମାଣିତ ହୋଇଛି। ୨୦୨୧ରେ କୃଷକ ଆନ୍ଦୋଳନ ନିର୍ଣ୍ଣାୟକ ଥିଲା ଏବଂ ସରକାରଙ୍କୁ ଆଇନ ପ୍ରତ୍ୟାହାର କରିବାକୁ ବିବଶ କରିଥିଲା। କିନ୍ତୁ ତାହା କେବଳ ସଡ଼କ ପଥ ଏବଂ ଦେଶର କେତେକ ନିର୍ଦ୍ଦିଷ୍ଟ କୃଷକ ସଂଗଠନ ମଧ୍ୟରେ ସୀମିତ ଥିଲା। ଏବେ ସିଜେପି(କକ୍ରୋଚ୍ ଜନତା ପାର୍ଟି) ପକ୍ଷରୁ ଆରମ୍ଭ ହୋଇଥିବା ପ୍ରତିବାଦର ପ୍ରଭାବ ସଡ଼କ ପଥରୁ ସଂସଦ ପର୍ଯ୍ୟନ୍ତ ପଡ଼ିଛି। ବିରୋଧୀ ଦଳମାନଙ୍କୁ ଏକଜୁଟ୍ କରିଛି। ଏପରିକି ଏହି ପ୍ରତିବାଦ/ବିକ୍ଷୋଭର ପ୍ରଭାବ ସାରା ଦେଶକୁ ବ୍ୟାପିବାରେ ଲାଗିଛି। ଯେଉଁ ମୁଖ୍ୟଧାଡ଼ିର ଗଣମାଧ୍ୟମ ସଂସ୍ଥା ଏହାକୁ ପ୍ରଥମେ ଗୌଣ କରି ଦେଖାଇବାକୁ ଚେଷ୍ଟା କରିଥିଲେ ବା ଉଦ୍ଦେଶ୍ୟମୂଳକ ଭାବେ ଆଦୌ ଗୁରୁତ୍ୱ ଦେଉ ନ ଥିଲେ ସେମାନେ ଆଜି ଏହି ପ୍ରସଙ୍ଗକୁ ଶୀର୍ଷକ କରିବାକୁ ବାଧ ହୋଇଛନ୍ତି। ବିଶ୍ୱ ଗଣମାଧ୍ୟମର ସତର୍କ ଦୃଷ୍ଟି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ ଉପରେ ନିବଦ୍ଧ ରହିଛି।

ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଶାନ୍ତିପୂର୍ଣ୍ଣ ଭାବେ ଆରମ୍ଭ ହୋଇଥିବା ସିଜେପିର ଏହି ପ୍ରସ୍ତାବିତ ଆନ୍ଦୋଳନ ଅଭୂତପୂର୍ବ ଜନସମର୍ଥନ ଲାଭ କରିଛି। ଅପ୍ରତ୍ୟାଶିତ ଭାବେ ହଜାର ହଜାର ଛାତ୍ରଛାତ୍ରୀ ସ୍ୱଇଚ୍ଛାରେ ଏଥିରେ ଯୋଗ ଦେବାକୁ ଦେଶର ବିଭିନ୍ନ ପ୍ରାନ୍ତରୁ ଦିଲ୍ଲୀ ଧାଇଁ ଆସିଛନ୍ତି। ଅହିଂସା ପଥରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ପୁଲିସ ଓ ସୁରକ୍ଷା ବାହିନୀର ବର୍ବରୋଚିତ କାର୍ଯ୍ୟାନୁଷ୍ଠାନ ପରେ ଭିନ୍ନ ମୋଡ଼ ନେଇଛି। ନିର୍ଦ୍ଦଳୀୟ ଛାତ୍ରଛାତ୍ରୀଙ୍କ ଉପରେ ଏହି ଆକ୍ରମଣର ହଜାର ହଜାର ଦୃଶ୍ୟ-ଶ୍ରାବ୍ୟ ସମ୍ବଳିତ ଚିତ୍ର ସାମାଜିକ ଗଣମାଧ୍ୟମରେ ବିପୁଳ ସଂଖ୍ୟାରେ ପ୍ରସାରିତ ହେବା ପରେ ସିଜେପି ପ୍ରତି ଅକୁଣ୍ଠ ଜନସମର୍ଥନ ଓ ସମବେଦନା ବଢ଼ିବାରେ ଲାଗିଛି। ସରକାର ନିଜ ଜିଦ୍‌ରେ ଅଟଳ ରହିଥିବାରୁ ନିକଟ ଭବିଷ୍ୟତରେ ଏହାର ଆପୋସ ସମାଧାନ ଆଶା କ୍ଷୀଣ ହୋଇଛି। ଅପରପକ୍ଷରେ ଡାକ୍ତରଖାନାରେ ସୋନମ୍ ୱାଙ୍ଗଚୁକ୍‌ଙ୍କ ଅନଶନ ମଧ୍ୟ ଜାରି ରହିଛି।

ପ୍ରତିବାଦର ଏହି ଅପ୍ରତ୍ୟାଶିତ ମୌସୁମୀ ଦିଲ୍ଲୀ ଦରବାରକୁ ଦୋହଲାଇ ଦେଇଛି - ଏହା ସ୍ୱୀକାର କରିବାକୁ ହେବ। ନିଟ୍ ପ୍ରଶ୍ନପତ୍ର ପ୍ରଘଟ, ଦ୍ୱାଦଶ ବାର୍ଷିକ ପରୀକ୍ଷା ମୂଲ୍ୟାୟନରେ ବିଭ୍ରାଟ, ଶିକ୍ଷା ବ୍ୟବସ୍ଥାରେ ବିପର୍ଯ୍ୟୟ ଆଦି ପ୍ରତିବାଦରେ ସିଜେପି ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। କିନ୍ତୁ ସରକାର ଏହାକୁ ଗୌଣ ଦୃଷ୍ଟିରେ ଦେଖିଲେ। ସେତେବେଳେ ସରକାରଙ୍କ ଗୁଇନ୍ଦା ବାହିନୀ ଓ ବିଶେଷଜ୍ଞ 'ପ୍ରତିବାଦ-ମୌସୁମୀ' ସମ୍ପର୍କରେ କରିଥିବା ପୂର୍ବାନୁମାନ ଓ ଦେଇଥିବା ସୂଚନାକୁ ଯଦି ସରକାର ଗୁରୁତ୍ୱର ସହ ନେଇଥା'ନ୍ତେ ତେବେ ଆଜି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଏଭଳି ଅପ୍ରୀତିକର ସ୍ଥିତିର ସାମ୍ନା କରି ନ ଥା'ନ୍ତା। ସିଜେପିର ନ୍ୟାଯ୍ୟ ଦାବି ସମ୍ବଳିତ ଆନ୍ଦୋଳନକୁ ବିଦେଶୀ ଓ ବିଭାଜନକାରୀ ଶକ୍ତିର ପ୍ରାୟୋଜନ ଭାବେ ଆରୋପିତ କରିବାର ଅଗ୍ରହଣୀୟ ଓ ନିନ୍ଦନୀୟ ଉପକ୍ରମ ମଧ୍ୟ ଆରମ୍ଭ ହୋଇଛି। କିନ୍ତୁ ସରକାର ଏବଂ ତାଙ୍କ ସମର୍ଥକଙ୍କୁ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ବ୍ୟବସ୍ଥାଗତ ତ୍ରୁଟି ଓ ଅବହେଳାରୁ ଛାତ୍ରଛାତ୍ରୀ ଓ ବିଶାଳ ଯୁବବର୍ଗଙ୍କ ମଧ୍ୟରେ ଦିନକୁ ଦିନ ସୃଷ୍ଟି ହେଉଥିବା ଆକ୍ରୋଶ ଏବେ କେବଳ ଆଗ୍ନେୟଗିରିର ରୂପ ନେଇଛି। ଏହାକୁ ତୁରନ୍ତ ପ୍ରଶମିତ କରା ନ ଗଲେ ଏହାର ଲାଭା ସାରା ଦେଶକୁ ବ୍ୟାପି ଯାଇପାରେ। ଏବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସୀମିତ ଥିବା ଏହି ଆନ୍ଦୋଳନ ନେପାଳ ଓ ବାଂଲାଦେଶ ଭଳି ସରକାରଙ୍କ ଇସ୍ତଫା ଦାବି କରିପାରେ।

ବସ୍ତୁତଃ ସରକାରଙ୍କ ଅନେକ କୂଟନୈତିକ ଯୋଜନାକୁ ସିଜେପିର ଏହି ଆନ୍ଦୋଳନ ଓ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଫସର ଫଟାଇ ଦେଇଛି। 'ଅପରେସନ୍ ଲୋଟସ୍' ଜରିଆରେ ବିଭିନ୍ନ ଦଳୀୟ ସାଂସଦଙ୍କୁ ନିଜ ପକ୍ଷକୁ ଆଣିବାରେ ସମର୍ଥ ହୋଇଥିବା ବିଜେପି ଏହି ଅଧିବେଶନରେ ଏକାଧିକ ବିବାଦୀୟ ବିଲ୍‌କୁ ପାରିତ କରାଇ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାର ଦାମ୍ଭିକ ଯୋଜନାରେ ଥିଲା, ଯାହା ଆପାତତଃ ସାକାର ହେବା ଭଳି ଲାଗୁନାହିଁ। ସରକାର ଯଦି ପ୍ରଥମରୁ ଏ ସମ୍ପର୍କରେ ଆଲୋଚନା ପାଇଁ ପ୍ରସ୍ତୁତ ହୋଇଥା'ନ୍ତେ ତେବେ ଏଭଳି ସ୍ଥିତି ଉପୁଜି ନ ଥା'ନ୍ତା। ଏବେ ବିରୋଧୀ ଦଳ ନୂଆ ସର୍ତ୍ତ ଯୋଡ଼ିଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଆଲୋଚନା ହେବ ନାହିଁ ବୋଲି ବିରୋଧୀ ଦଳ ଜିଦ୍‌ରେ ଅଟଳ ଅଛନ୍ତି। ଯଦିବା ଚାପରେ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦିଅନ୍ତି ତେବେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି ପୁଣି ଉଠିବ। ତେଣୁ ଏତେ ଶୀଘ୍ର ଏହାର ସମାଧାନ ହେବାର ଆଶା ଦେଖାଯାଉ ନାହିଁ କି କେନ୍ଦ୍ର ସରକାରଙ୍କ ସଂଖ୍ୟାଗରିଷ୍ଠ ପ୍ରମାଣର ଈପ୍‌ସିତ ଆକାଂକ୍ଷା ଚରିତାର୍ଥ ହେବାର ସମ୍ଭାବନା ନାହିଁ।

ଏ ସବୁର ଊର୍ଦ୍ଧ୍ୱରେ ସିଜେପିର ଆନ୍ଦୋଳନରୁ ଅନେକ କିଛି ସକାରାତ୍ମକ ସନ୍ଦେଶ ମିଳିଛି। ଜୁଲାଇ ୨୧ ତାରିଖ ପର୍ଯ୍ୟନ୍ତ ସିଜେପିକୁ କାଁ ଭାଁ ଦଳୀୟ ଓ ବ୍ୟକ୍ତିସ୍ତରୀୟ ସମର୍ଥନ ମିଳୁଥିବା ବେଳେ ଏବେ ପ୍ରାୟ ସମସ୍ତ ବିରୋଧୀ ଦଳ ସମର୍ଥନ କରୁଛନ୍ତି। ଅନେକ ତାରକା, ବୁଦ୍ଧିଜୀବୀ, ନାଗରିକ ସମାଜ, ଏପରିକି ବିଜେପିର ସମର୍ଥକ ମଧ୍ୟ ଧୀରେ ଧୀରେ ସିଜେପି ସମର୍ଥନରେ ଏବଂ ସରକାରଙ୍କ ଆଭିମୁଖ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ଏଥିରୁ ଭାରତୀୟ ରାଜନୀତି ପାଣିପାଗରେ ଆଗକୁ କିଛି ନିର୍ଣ୍ଣାୟକ ପରିବର୍ତ୍ତନର ବାସ୍ନା ବାରି ହେଉଛି। ବିଶେଷକରି ଶାସକ ଦଳ ବିରୋଧରେ ବିରୋଧୀ ଦଳକୁ ଏକଜୁଟ୍ କରି ଆଗାମୀ ନିର୍ବାଚନମାନଙ୍କରେ ନିର୍ଣ୍ଣାୟକ ଲଢ଼େଇ କରିବାରେ ସିଜେପି ଆନ୍ଦୋଳନ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛି। ଏହାକୁ ବିରୋଧୀ ଦଳ ବା ଇଣ୍ଡିଆ ମେଣ୍ଟର ସଦସ୍ୟମାନେ କିଭଳି ଉପଯୋଗ କରିପାରିବେ ତାହା ଭିନ୍ନ କଥା। କିନ୍ତୁ ଏକଛତ୍ରବାଦରେ ପ୍ରଭାବରେ ଭାରତର ସୁପ୍ତ ଗଣତନ୍ତ୍ର ଏହି ଆନ୍ଦୋଳନ ସହିତ କଡ଼ ଲେଉଟାଉଛି - ଏହାକୁ ସ୍ୱୀକାର କରିବାକୁ ହେବ।

## 'ଆଚ୍ଛାଦିନ'ରେ ଯନ୍ତ୍ରଣାର ଉତ୍ତରଣ

ପଞ୍ଚାନନ କାନୁନ୍‌ଗୋ

ସମସ୍ତଙ୍କର ସ୍ମରଣ ଥିବ ଗୋଟିଏ ସମୟରେ ଭାରତରେ ଏକ ବଡ଼ ସଂକଳ୍ପର ଚିତ୍କାର ଶୁଭୁଥିଲା। ତାହା ଥିଲା ଭାରତରେ ମୋଦୀ ସରକାର 'ଆଚ୍ଛାଦିନ' ଆଣିବ। ଏହାପରେ ଅମୃତକାଳ, ଅନିର୍ଦ୍ଦିଷ୍ଟକାଳର କଥା କୁହାଗଲା। ସବୁ ଏକ ଭେଳିକି ଓ ପ୍ରବଞ୍ଚନା ଭିତରେ ରହିଗଲା। ମଝିରେ ମଝିରେ ସ୍ୱାଧୀନତାର ୧୦୦ ବର୍ଷ ଅର୍ଥାତ୍ ୧୯୪୭ ମସିହା ସୁଦ୍ଧା 'ସବ୍‌କା ସାଥ୍, ସବ୍‌କା ବିକାଶ' ଆଧାରରେ ଏକ 'ବିକଶିତ ଭାରତ'ର କଥା କୁହାଯାଇଛି। ତାହା ଏବେକୁ ୨୦ବର୍ଷ ବାକି ଅଛି। ବର୍ତ୍ତମାନର ସ୍ଥିତିକୁ ଲକ୍ଷ୍ୟକଲେ ସାରାଦେଶର ଜନସାଧାରଣ ବିଶେଷତଃ ୮୦ ଭାଗରୁ ଊର୍ଦ୍ଧ୍ୱ ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ଓ ସ୍ୱଳ୍ପ ଆୟକାରୀମାନେ ବିଭିନ୍ନ ପ୍ରକାର ଯନ୍ତ୍ରଣାରେ ଛଟପଟ ହେବା ଆରମ୍ଭ ହେଲାଣି। ସେମାନଙ୍କର ଆୟରେ ବୃଦ୍ଧି ଘଟୁନାହିଁ ଏବଂ କେତେକ ସ୍ଥଳରେ କମିବା ଆରମ୍ଭ ହୋଇଯାଇଛି। ଅପରପକ୍ଷରେ ଦରଦାମ୍ ବୃଦ୍ଧି ହେତୁ ସେମାନଙ୍କ ଦୈନନ୍ଦିନ ବ୍ୟୟ ବୃଦ୍ଧି ପାଇବାରେ ଲାଗିଛି। ରୋଷେଇ ଘରେ ବା ଖାଇବା ଥାଳିରେ ଏହାର ଚିତ୍ର ଅଧିକ ସ୍ପଷ୍ଟ ହେଉଛି। ଭାରତ ଅବଶ୍ୟ ଏପରି କୌଣସି ଯୁଦ୍ଧରେ ବର୍ତ୍ତମାନ ଅବତୀର୍ଣ୍ଣ ହୋଇନାହିଁ। କିନ୍ତୁ ବିଶ୍ୱରେ ଯୁଦ୍ଧର ଘନଘଟା କିଛି ନା କିଛି ପ୍ରାନ୍ତରେ ଘଟି ଚାଲିଛି। ତା'ର ପ୍ରତ୍ୟକ୍ଷ ପ୍ରଭାବ ଭାରତରେ ବିଶେଷ ଅନୁଭବ ନ ହେଉଥିଲେ ମଧ୍ୟ ପରୋକ୍ଷ ପ୍ରଭାବ ଯଥେଷ୍ଟ ପରିମାଣରେ ଦେଖିବାକୁ ମିଳୁଛି।

୨୦୧୯ ଓ ୨୦୨୦ରେ ବିଶ୍ୱରେ କୋଭିଡ୍ ମହାମାରୀ ଯୋଗୁଁ ମାନ୍ଦା ଅବସ୍ଥା ସୃଷ୍ଟି ହୋଇଥିଲା, ଯାହାକି ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଥିଲା। ପରବର୍ତ୍ତୀ ଅବସ୍ଥାରେ ରୁଷିଆ-ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା। ଏହାର ପ୍ରଭାବ ଭାରତରେ ବେଶୀ ପରିମାଣରେ ପଡ଼ି ନ ଥିଲା। ପରେ ପରେ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ମଧ୍ୟରେ ଯୁଦ୍ଧ ୨୦୨୩ ମସିହାରୁ ଆରମ୍ଭ ହୋଇ କୌଣସି ଭାବେ ଆନୁଷ୍ଠାନିକ ସମାଧାନରେ ଏପର୍ଯ୍ୟନ୍ତ ବି ପହଞ୍ଚି ପାରିନାହିଁ। ଏପର୍ଯ୍ୟନ୍ତ ଆକ୍ରମଣ ଓ ପ୍ରତିଆକ୍ରମଣ ଲାଗି ରହିଛି। ଏହା ମଧ୍ୟରେ ଭାରତ ଓ ପାକିସ୍ତାନ ଭିତରେ ଛୋଟ ବଡ଼ ଅଳ୍ପ ସମୟ ପାଇଁ ପରସ୍ପର ଉପରେ ଆକ୍ରମଣ ଓ ପ୍ରତିଆକ୍ରମଣ ମଧ୍ୟ ଘଟିଯାଇଛି। ଏସବୁର କୁପ୍ରଭାବ ଭାରତ ଉପରେ ଅବା ଭାରତୀୟ ଅର୍ଥନୀତି ଉପରେ ପଡ଼ିନଥିଲା। ଏହାପୂର୍ବରୁ ୨୦୦୭-୦୮ ମସିହାରେ ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ପ୍ରାୟ ବର୍ଷାଧିକ ଲାଗି ରହିଥିଲା। ଏସବୁ ବ୍ୟବସ୍ଥା ଭାରତର ଅର୍ଥନୀତିକୁ କ୍ଷତି ପହଞ୍ଚାଇ ପାରିନଥିଲା।

ଏବେ କିନ୍ତୁ ଗତ କିଛିମାସ ହେବ ଆମେରିକା-ଇସ୍ରାଏଲ୍‌ର ଇରାନ୍ ଉପରେ ମିଳିତ ଆକ୍ରମଣ ମଧ୍ୟପ୍ରାଚ୍ୟ ଦେଶ ସମେତ ସମଗ୍ର ବିଶ୍ୱରେ କିଛି ନା କିଛି ଖରାପ ପ୍ରଭାବ ବିସ୍ତାର କରିଛି। ଏହାର ମୁଖ୍ୟକାରଣ ହେଉଛି ତୈଳ ଓ ଶକ୍ତି ଉତ୍ପାଦନକାରୀ କେନ୍ଦ୍ରଗୁଡ଼ିକର ଯୋଗାଣ ବ୍ୟବସ୍ଥାରେ ଇରାନ୍ ଯୁଦ୍ଧ ହେତୁ ଅନେକ ବିଘ୍ନ ଘଟିଛି। ମଧ୍ୟପ୍ରାଚ୍ୟରେ ଅସ୍ଥିରତା ଭାରତ ଅର୍ଥନୀତି ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ମଧ୍ୟପ୍ରାଚ୍ୟ ସାରାବିଶ୍ୱର ଶକ୍ତି (ତୈଳ ଓ ଗ୍ୟାସ୍) କେନ୍ଦ୍ରସ୍ଥଳୀ। ଭାରତର ତୈଳ ଓ ଶକ୍ତି ଆବଶ୍ୟକତା(୫୦% ରୁ ଅଧିକ ଅଶୋଧିତ ତୈଳ ଏବଂ ୯୦% ରୁ ଅଧିକ ଏଲ୍‌ପିଜି ଓ ୭୦% ତୈଳକୃତ ପ୍ରାକୃତିକ ଗ୍ୟାସ୍) ଏହି ଦେଶମାନଙ୍କରୁ ଆମଦାନୀ ଉପରେ ନିର୍ଭରଶୀଳ। ଯୁଦ୍ଧ ଯୋଗୁଁ ସେହିସବୁ ରାଷ୍ଟ୍ରରୁ ଆମଦାନୀ ବ୍ୟାହତ ହୋଇଥିବା ବେଳେ ରୁଷ୍ ଏହାର ଅନେକାଂଶ ଭରଣା କରିପାରିଥା'ନ୍ତା। କିନ୍ତୁ ଦୁଃଖର ବିଷୟ ଯେ ଏକ ସାର୍ବଭୌମ୍ୟ ସ୍ୱାଧୀନ ରାଷ୍ଟ୍ର ଭାବେ ଗର୍ବ କରୁଥିବା ଭାରତର ଆମେରିକା କଥାରେ ପରିଚାଳିତ ହେବା ପରି ଦେଖାଗଲା। ରୁଷିଆରୁ ଆମଦାନୀ କରାଯାଉଥିବା ଅଶୋଧିତ ତୈଳ ବ୍ୟାରେଲ୍ ପିଛା କମ୍ ଦରରେ ମିଳିଥାଏ। କିନ୍ତୁ ଚାପଗ୍ରସ୍ତ ଭାରତ ରୁଷିଆରୁ ଆମଦାନୀ ବନ୍ଦ କଲା। ପରବର୍ତ୍ତୀକାଳରେ ଏହା ମଧ୍ୟ ଦେଖାଗଲା ଯେ, ଭାରତ ଇରାନ୍, ଆମେରିକା ଯୁଦ୍ଧରେ ଫସିଯାଇ କେତେବେଳେ ଇରାନ୍ ସହିତ ଓ କେତେବେଳେ ଆମେରିକା ସହିତ ରହିଲା। ଇରାନ୍ ରପ୍ତାନୀ କରୁଥିବା ଉଚ୍ଚଦରର ଅଶୋଧିତ ତୈଳ ଆଣିବାକୁ ବାଧ ହେଉଥିଲା ବେଳେ ସମୁଦ୍ର ପଥରେ ଇରାନ୍ ଅକ୍ତିଆରରେ ଥିବା ହର୍ମୁଜ୍‌ରେ ଯୁଦ୍ଧର ଘନଘଟା ଓ ଅସ୍ଥିରତା ହେତୁ ତୈଳବାହୀ ଜାହଜ ଏହି ଜଳପଥକୁ ଅତିକ୍ରମ କରିବା ସୁବିଧାଜନକ ହେଲାନାହିଁ।

ଏକଦା ଭାରତର ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥଶାସ୍ତ୍ରୀ ଭବିଷ୍ୟତରେ ଏଭଳି ବିପଦର ଆଶଙ୍କା ଥିବା ଜାଣି ଦେଶ ଭିତରେ ତୈଳ ଭଣ୍ଡାର ନିର୍ମାଣର କାର୍ଯ୍ୟ ଆରମ୍ଭ କରିଥିଲେ, ଯାହା ୭୦ ଦିନ ତୈଳ ଆବଶ୍ୟକତା ପୂରଣ କରିପାରିଥା'ନ୍ତା। ୨୦୧୪ ମସିହାରେ କେନ୍ଦ୍ରରେ ଶାସନ ପରିବର୍ତ୍ତନ ହେବା ପରେ ଯୁଦ୍ଧ କ୍ଷେତ୍ରରେ ବ୍ୟୟ ବୃଦ୍ଧି କରାଯାଇଥିଲେ ମଧ୍ୟ ତୈଳ ଭଣ୍ଡାର ସୃଷ୍ଟିର କୌଣସି ସୂଚନା ମିଳିଲା ନାହିଁ। ଓଡ଼ିଶାର ଚଣ୍ଡିଖୋଲ ଠାରେ ପ୍ରସ୍ତାବିତ ବିରାଟ ତୈଳ ଭଣ୍ଡାର ଯୋଜନା ଶୀତଳଭଣ୍ଡାରକୁ ଚାଲିଗଲା। ଜମି ଅଧିଗ୍ରହଣ ଲାଗି ତତ୍କାଳୀନ ରାଜ୍ୟ ସରକାର ସହଯୋଗ କରୁ ନଥିବା ତୈଳ ମନ୍ତ୍ରଣାଳୟ ସେତେବେଳେ ଅଭିଯୋଗ କରିଥିବା ବେଳେ ଏବେ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଅଛି। ତଥାପି ସେ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ।

ପୃଥିବୀର ଅନେକ ଦେଶରେ ତୈଳ ଭଣ୍ଡାର ନିର୍ମାଣ କରାଯାଇ ବିପତ୍ତି ସମୟର ମୁକାବିଲା କରିବାକୁ ବ୍ୟବସ୍ଥା ହୋଇଛି। ଚୀନ୍‌ରେ ୨୧୮ ଦିନର, ଜାପାନରେ ୨୫୦ ଦିନର ଆବଶ୍ୟକତା ମେଣ୍ଟାଇବା ପାଇଁ ସେହି ଦେଶମାନଙ୍କରେ ବୃହତ୍ ତୈଳଭଣ୍ଡାରମାନ ନିର୍ମାଣ କରାଯାଇଛି। ଏବେ ଅଶୋଧିତ ତୈଳର ଦର ବିଶ୍ୱ ଦରବାରରେ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଆମ ଦେଶ ଆମଦାନୀ କରୁଥିବା ତୈଳ ଦର ବ୍ୟାରେଲ୍ ପିଛା ବର୍ତ୍ତମାନ ୧୧୦ ରୁ ୧୨୦ ଡଲାର୍ ପର୍ଯ୍ୟନ୍ତ ଗଲାଣି। ଆଶଙ୍କା କରାଯାଏ ଯେ, ଆସନ୍ତା ୧୫-୨୦ ଦିନ ମଧ୍ୟରେ ଏହି ଦର ୧୫୦ ଡଲାର୍ ଛୁଇଁବ। ଏହାର ସିଧାସଳଖ ପ୍ରଭାବ ରୋଷେଇ ଘର ଉପରେ ପଡ଼ିବ।

ତେଲ ଦର ବୃଦ୍ଧିକୁ ଲକ୍ଷ୍ୟ କରି ସରକାର ବିଦ୍ୟୁତ୍‌ଚାଳିତ ଗାଡ଼ି ଚଳାଇବାକୁ ପରାମର୍ଶ ଦେଲେଣି। ମଧ୍ୟବିତ୍ତ ପରିବାର ଯେଉଁ ଗାଡ଼ି ଖଣ୍ଡିଏ, ଦ୍ୱିଖଣ୍ଡ ରଖି ବ୍ୟବହାର କରୁଥିଲା ତା'କୁ ବିକ୍ରି କରି ନୂଆ ଗାଡ଼ି କିଣିବାର ସାମର୍ଥ୍ୟ ଅଛି କି ନାହିଁ ଏବଂ ସବୁ ତୈଳ ଯୋଗାଣକାରୀ ଷ୍ଟେସନ୍‌ଗୁଡ଼ିକ ବିଦ୍ୟୁତ୍‌ଚାଳିତ ଗାଡ଼ିକୁ ଯଥାସମ୍ଭବ ବିଦ୍ୟୁତ୍ ଯୋଗାଇବା କେତେଦୂର ସମ୍ଭବ ସେକଥା ସରକାର ବୋଧହୁଏ ଏପର୍ଯ୍ୟନ୍ତ କଳନା କରିପାରିନାହାନ୍ତି। ତୈଳ ଯୋଗାଣ ଜନିତ ସମସ୍ୟା ସହିତ ଓଡ଼ିଶାରେ ବିଦ୍ୟୁତ୍ ସମସ୍ୟା ଅଧିକ ଘନୀଭୂତ ହେଉଥିବା ଲକ୍ଷ୍ୟ କରାଯାଇଛି। ଏ ବାବଦ ଖର୍ଚ୍ଚ ବୋଝ ସମସ୍ତ ପରିବାର ଉପରେ ବଢ଼ିବାରେ ଲାଗିଛି। ଓଡ଼ିଶା ଭାରତର ସବୁଠାରୁ ବଡ଼ ନିର୍ଭରଶୀଳ ରାଜ୍ୟ। ଆଳୁ, ପିଆଜ ଠାରୁ ଆରମ୍ଭ କରି ଅନେକ ପନିପରିବା, ଫଳ, ଡାଲି, ତେଲ, ମାଛ, ଅଣ୍ଡା ସମେତ ପିନ୍ଧିବା ପାଇଁ ପୋଷାକପତ୍ର ବାହାର ରାଜ୍ୟରୁ ଆମଦାନୀ କରିଥାଏ। ପରିବହନ ଖର୍ଚ୍ଚ ବଢ଼ିବା ଦ୍ୱାରା ଆମଦାନୀ ଖର୍ଚ୍ଚ ବଢ଼ିବାରେ ଲାଗିଛି। ଅଧିକନ୍ତୁ, ପ୍ରତ୍ୟେକ ପରିବାରର ରୋଷେଇ ଘରେ ବ୍ୟବହାର ହେଉଥିବା ଜାଳେଣୀର ଦର ମଧ୍ୟ ବଢ଼ିବାରେ ଲାଗିଛି। ଏହିସବୁ କାରଣରୁ ପ୍ରତ୍ୟେକ ପରିବାରର ବ୍ୟୟ ବୃଦ୍ଧି ପାଉଛି ଏବଂ ଜନଜୀବନ ଅସ୍ଥିର ହେବାରେ ଲାଗିଲାଣି। ଏପରିକି ରାସ୍ତା କଡ଼ର ଢାବାରେ ଶସ୍ତା ବା ସୁଲଭ ମୂଲ୍ୟରେ ଖାଇବା ଥାଳିଟିଏ ଯୋଗାଡ଼ କରିବା କଷ୍ଟକର ବ୍ୟାପାର ହୋଇଛି। ମୁଲିଆ, ମଜୁରିଆ ରୋଜଗାରଶୂନ୍ୟ ହେବାକୁ ବାଧ ହେଉଛନ୍ତି।

ଏହିପରି ସମୟରେ ରାଜ୍ୟ ସରକାରଙ୍କ ଯେଉଁ ପ୍ରମୁଖ ଦାୟିତ୍ୱଟି ଅଛି, ତାହା ହେଉଛି ପେଟ୍ରୋଲ୍, ଡିଜେଲ୍ ଉପରେ ଆଦାୟ ହେଉଥିବା ଟିକସ କମାଇଦେବା। ସେହିପରି କେନ୍ଦ୍ର ସରକାର ମଧ୍ୟ ତାଙ୍କର ଏକ୍ସସାଇଜ୍ ଡ୍ୟୁଟି କମାଇଦେବାର ଆବଶ୍ୟକତା ରହିଛି। ଯାହାଫଳରେ ପରିବହନ ଖର୍ଚ୍ଚ କମିବ ଅବା ସ୍ଥିର ରହିବ। ଦରଦାମ୍ ବଢ଼ିବ ନାହିଁ। ଲୋକଙ୍କ ଦୈନନ୍ଦିନ ଜୀବନ ଉପରେ ଅଧିକ ଚାପ ପଡ଼ିବ ନାହିଁ। ବର୍ତ୍ତମାନ ପାଇଁ ଏହିପରି ପଦକ୍ଷେପକୁ ପ୍ରାଥମିକତାର ସହିତ ବିଚାର କରାଯିବା ଦରକାର। ଅତି ବଡ଼ ସଂକଳ୍ପ ନେଇଥିବା ଆଚ୍ଛାଦିନ୍ ଲୋକ ସମ୍ମୁଖରୁ ଉଭେଇ ଯାଇଛି। ତା' ପରିବର୍ତ୍ତେ ଦୁର୍ଯୋଗର ଦିନ ଆସିଲା ଓ ମଣିଷ ଜୀବନକୁ ଆକ୍ରାନ୍ତ କରିବାରେ ଦେଖାଦେଲାଣି। ତେଣୁ ଏକ ସଂକଳ୍ପବଦ୍ଧ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ପରିବହନ ଖର୍ଚ୍ଚରେ କିଛି ରିହାତି ବ୍ୟବସ୍ଥା କରାଯାଇ ବସ୍‌ରେ ଯାଉଥିବା ସାଧାରଣ ଯାତ୍ରୀଙ୍କର ବସ୍ ଭଡ଼ା ବୃଦ୍ଧିକୁ ରୋକାଯାଇପାରିବ। ସେହିପରି ଟ୍ରକ୍‌କୁ ମଧ୍ୟ ଯୋଗାଯାଉଥିବା ପେଟ୍ରୋଲ୍ ବା ଡିଜେଲ୍‌ରେ କିଛି ରିହାତି ଦିଆଯାଇ ପରିବହନ ଖର୍ଚ୍ଚ ସୀମା ଭିତରେ ସୀମିତ ରଖାଗଲେ ଦରଦାମ୍ ବୃଦ୍ଧି ରୋକିବାରେ ତୁରନ୍ତ ବ୍ୟବସ୍ଥା ହୋଇପାରିବ। ଏହି ସମସ୍ତ କାର୍ଯ୍ୟଗୁଡ଼ିକୁ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କଲେ ବର୍ତ୍ତମାନ ପାଇଁ ଉପୁଜୁଥିବା ସମସ୍ୟାର ଗୋଟିଏ ଅସ୍ଥାୟୀ ସମାଧାନ ହୋଇପାରିବ ବୋଲି ଆଶା କରାଯାଏ।

ଭୁବନେଶ୍ୱର, ମୋ: ୯୪୩୮୩୬୦୮୪୯

## ସାମାଜିକ ଗଣମାଧ୍ୟମ ଓ ପରିବର୍ତ୍ତିତ ପରିଦୃଶ୍ୟ!

ମାନସ କୁମାର କର

ସୂଚନା ପ୍ରବାହରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଘଟିଥିବା ବିପ୍ଳବ ଅଭୂତପୂର୍ବ। ଏକଦା ସକାଳର ଖବରକାଗଜ, ରେଡିଓର ସମ୍ବାଦ ବୁଲେଟିନ୍ କିମ୍ବା ଟେଲିଭିଜନର ପ୍ରାଇମ୍-ଟାଇମ୍ ହିଁ ଜନସାଧାରଣଙ୍କ ପାଇଁ ସତ୍ୟର ପ୍ରମୁଖ ଦ୍ୱାର ଥିଲା। ଆଜି ସେହି ଦ୍ୱାର ଲକ୍ଷ ଲକ୍ଷ ମୋବାଇଲ ଫୋନ୍‌ର ପରଦାରେ ବିସ୍ତାରିତ। ପ୍ରତ୍ୟେକ ନାଗରିକଙ୍କ ହାତରେ ଥିବା ସ୍ମାର୍ଟଫୋନ୍ କେବଳ ଯୋଗାଯୋଗର ଉପକରଣ ନୁହେଁ; ଏହା ଏକ କ୍ୟାମେରା, ଏକ ସମ୍ବାଦକକ୍ଷ, ଏକ ପ୍ରସାରଣ କେନ୍ଦ୍ର ଏବଂ ଅନେକ ସମୟରେ ସତ୍ୟର ନିରବ ସାକ୍ଷୀରେ ପରିଣତ ହୋଇଛି। ସାମାଜିକ ଗଣମାଧ୍ୟମର ଏହି ଉଦୟ କେବଳ ପ୍ରଯୁକ୍ତିର ସଫଳତା ନୁହେଁ; ଏହା ଗଣତନ୍ତ୍ରର ଶକ୍ତି-ସନ୍ତୁଳନକୁ ମଧ୍ୟ ନୂଆ ଭାବେ ପରିଭାଷିତ କରିଛି। ସୂଚନାର ଏକଚାଟିଆ ଅଧିକାର ଆଉ କୌଣସି ସଂସ୍ଥା ହାତରେ ନାହିଁ। ଆଜି ଘଟଣାସ୍ଥଳରେ ଉପସ୍ଥିତ ସାଧାରଣ ନାଗରିକ ମଧ୍ୟ ଇତିହାସର ପ୍ରଥମ ସାକ୍ଷୀ ହୋଇପାରୁଛନ୍ତି।

ଏହି ପରିବର୍ତ୍ତିତ ବାସ୍ତବତାର ସବୁଠାରୁ ଚର୍ଚ୍ଚିତ ଉଦାହରଣ ସମ୍ପ୍ରତି ଦିଲ୍ଲୀରେ ଦେଖିବାକୁ ମିଳିଛି। ଉଚ୍ଚଶିକ୍ଷା, ନିଯୁକ୍ତି ଓ ପ୍ରବେଶ ପରୀକ୍ଷା, ସମ୍ପର୍କିତ ବିଭିନ୍ନ ଦାବିକୁ ନେଇ ରାଜଧାନୀରେ ବିପୁଳ ସଂଖ୍ୟକ ଛାତ୍ରଛାତ୍ରୀ ଓ ଯୁବକ-ଯୁବତୀ ପ୍ରତିବାଦରେ ସାମିଲ ହୋଇଛନ୍ତି। ସଂସଦ ମାର୍ଗ ଏବଂ ଜନ୍ତର-ମନ୍ତର ଅଞ୍ଚଳରେ ପୁଲିସ ପକ୍ଷରୁ ବ୍ୟାରିକେଡ୍ ଲଗାଯାଇଛି। ପ୍ରତିବାଦକାରୀମାନେ ଆଗକୁ ବଢ଼ିବାକୁ ଉଦ୍ୟମ କରିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଛି। ଧସ୍ତାଧସ୍ତି, ଟଣାଓଟରା ଓ ବଳପ୍ରୟୋଗର ଦୃଶ୍ୟ ଅନେକ ମୋବାଇଲ କ୍ୟାମେରାରେ କଏଦ ହୋଇଛି। ସବୁଠାରୁ ଅଧିକ ଆଲୋଡ଼ନ ସୃଷ୍ଟି କରିଛି କେତେକ ଭାଇରାଲ ଭିଡିଓ। ସେଥିରୁ ଗୋଟିଏରେ ଜଣେ ମହିଳା ପ୍ରତିବାଦକାରୀଙ୍କୁ ଜଣେ ବରିଷ୍ଠ ପୁଲିସ ଅଧିକାରୀ ଚାପୁଡ଼ା ମାରୁଥିବା ଭଳି ଦୃଶ୍ୟ ଦେଖାଯାଇଛି। ଅନ୍ୟ ଭିଡିଓରେ ସାଧା ପୋଷାକରେ ଥିବା କେତେକ ବ୍ୟକ୍ତି ପୁଲିସ ସହ ମିଶି ପ୍ରଦର୍ଶନକାରୀଙ୍କୁ କାବୁ କରୁଥିବା ଦୃଶ୍ୟ ପ୍ରସାରିତ ହୋଇଛି। କେଉଁଠି ଛାତ୍ରଛାତ୍ରୀଙ୍କୁ ତଳେ ଘୋଷାଡ଼ି ନେବା, କେଉଁଠି ବଳପୂର୍ବକ ପୁଲିସ ଗାଡ଼ିରେ ବସାଇବା, ଆଉ କେଉଁଠି ମହିଳା ପ୍ରତିବାଦକାରୀଙ୍କ ସହ ଅସଦାଚରଣର ଅଭିଯୋଗ ଉଠିଛି। ଏହି ସବୁ ଦୃଶ୍ୟ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି ଏବଂ ପ୍ରଶାସନିକ ଆଚରଣକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ଏହି ଦୃଶ୍ୟଗୁଡ଼ିକ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିଥିଲା ପ୍ରଥମେ ସାମାଜିକ ଗଣମାଧ୍ୟମ ଜରିଆରେ। ଅନେକ ସ୍ୱାଧୀନ ସାମ୍ବାଦିକ, ନାଗରିକ ସାମ୍ବାଦିକ ଓ ପ୍ରତ୍ୟକ୍ଷଦର୍ଶୀ ନିଜ ମୋବାଇଲରୁ ସେଗୁଡ଼ିକୁ ପ୍ରସାରଣ କରିଥିଲେ। ଅନ୍ୟପକ୍ଷରେ ଅନେକ ଦର୍ଶକଙ୍କ ମନରେ ଏହି ଧାରଣା ସୃଷ୍ଟି ହେଲା ଯେ ଦେଶର କେତେକ ମୁଖ୍ୟଧାରାର ଟେଲିଭିଜନ ଚ୍ୟାନେଲ ଏହି ଘଟଣାକୁ ସେହି ପରିମାଣର ଗୁରୁତ୍ୱ ଦେଇ ନ ଥିଲେ। କେହି କହିଲେ, ପ୍ରାଇମ୍-ଟାଇମ୍ ଚର୍ଚ୍ଚାରେ ଏହା ଗୌଣ ରହିଗଲା; ଆଉ କେହି ଅଭିଯୋଗ କଲେ ଯେ ଘଟଣାର ମୂଳ ପ୍ରସଙ୍ଗ ଅପେକ୍ଷା ଅନ୍ୟ ବିଷୟକୁ ଅଧିକ ସ୍ଥାନ ଦିଆଗଲା। ଏହି ସମାଲୋଚନାର ସତ୍ୟାସତ୍ୟ ନେଇ ଭିନ୍ନମତ ଥାଇପାରେ, କିନ୍ତୁ ଏହା ନିଶ୍ଚିତ ଯେ ସାମାଜିକ ଗଣମାଧ୍ୟମ ଏହି ଘଟଣାକୁ ଜାତୀୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆଣିଦେଇଥିଲା।

ବିଶ୍ୱ ଇତିହାସରେ ଆରବ ବସନ୍ତ, ହଂକଂର ଗଣଆନ୍ଦୋଳନ, ଇରାନର ମହିଳା ଆନ୍ଦୋଳନ, ୟୁକ୍ରେନ୍ ଯୁଦ୍ଧ ଭଳି ଅନେକ ଘଟଣାରେ ପାରମ୍ପରିକ ଗଣମାଧ୍ୟମଠାରୁ ଦ୍ରୁତ ଗତିରେ ସୂଚନା ପହଞ୍ଚାଇଛି ସାମାଜିକ ଗଣମାଧ୍ୟମ। ଏହା ନାଗରିକ ସାମ୍ବାଦିକତାକୁ ଏକ ନୂଆ ମର୍ଯ୍ୟାଦା ଦେଇଛି। କିନ୍ତୁ ପ୍ରତ୍ୟେକ ଆଲୋକ ସହ ଅନ୍ଧକାର ମଧ୍ୟ ରହିଥାଏ। ସାମାଜିକ ଗଣମାଧ୍ୟମ ସତ୍ୟର ବାହକ ହୋଇପାରେ, କିନ୍ତୁ ସେହି ମଞ୍ଚ ମିଥ୍ୟା, ଗୁଜବ ଓ ଅପପ୍ରଚାରର ବାହନ ମଧ୍ୟ ହୋଇପାରେ। ଅନେକ ସମୟରେ କୌଣସି ଭିଡିଓର ଏକ ଅଂଶକୁ ପ୍ରସଙ୍ଗରୁ ବାହାର କରି ପ୍ରସାରଣ କରାଯାଏ, ପୁରୁଣା ଘଟଣାକୁ ନୂଆ ବୋଲି ଦର୍ଶାଯାଏ କିମ୍ବା ଅପ୍ରମାଣିତ ଦାବିକୁ ସତ୍ୟ ଭାବେ ପ୍ରଚାର କରାଯାଏ। ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତା ଓ ଡିପ୍‌ଫେକ୍ ପ୍ରଯୁକ୍ତି ଏହି ଆହ୍ୱାନକୁ ଆହୁରି ଗମ୍ଭୀର କରିଦେଇଛି। ତେଣୁ ସାମାଜିକ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ସତ୍ୟର ପର୍ଯ୍ୟାୟ ବୋଲି ଧରିନେବା ଯେପରି ଭୁଲ, ସେହିପରି ଏହାକୁ ସମ୍ପୂର୍ଣ୍ଣ ଅବିଶ୍ୱସନୀୟ କହିବା ମଧ୍ୟ ଅନ୍ୟାୟ।

ଏହି ପରିପ୍ରେକ୍ଷୀରେ ମୁଖ୍ୟଧାରାର ଗଣମାଧ୍ୟମର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକତାର ଧର୍ମ କେବଳ ଖବର ପରିବେଷଣ ନୁହେଁ; ସତ୍ୟର ଯାଞ୍ଚ, ପ୍ରସଙ୍ଗର ବିଶ୍ଳେଷଣ ଏବଂ ଜନସ୍ୱାର୍ଥର ସୁରକ୍ଷା ମଧ୍ୟ ତାହାର ଅବିଚ୍ଛିନ୍ନ ଦାୟିତ୍ୱ। ଯଦି ଗଣମାଧ୍ୟମ ଉପରେ ପକ୍ଷପାତର ଅଭିଯୋଗ ବଢ଼େ, ତେବେ ଲୋକଙ୍କ ବିଶ୍ୱାସ ସ୍ୱାଭାବିକ ଭାବରେ ବିକଳ୍ପ ମଞ୍ଚ ଆଡ଼କୁ ନଇଁବ। ସରକାର ଓ ପ୍ରଶାସନ ପାଇଁ ମଧ୍ୟ ଏହା ଏକ ସ୍ପଷ୍ଟ ସନ୍ଦେଶ। ସୂଚନାକୁ ଲୁଚାଇବାର ଯୁଗ ଶେଷ ହୋଇଯାଇଛି। ଆଜି ପ୍ରତ୍ୟେକ ଘଟଣାକୁ କେହି ନା କେହି ରେକର୍ଡ କରୁଛନ୍ତି ଏବଂ ସେହି ଦୃଶ୍ୟ କ୍ଷଣକ ମଧ୍ୟରେ ବିଶ୍ୱବ୍ୟାପୀ ପହଞ୍ଚିଯାଉଛି। ତେଣୁ ଗଣତନ୍ତ୍ରରେ ବଳପ୍ରୟୋଗ ଅପେକ୍ଷା ସଂଳାପ, ଗୋପନୀୟତା ଅପେକ୍ଷା ସ୍ୱଚ୍ଛତା ଏବଂ ଅହଂକାର ଅପେକ୍ଷା ଜବାବଦେହିତା ଅଧିକ ପ୍ରଭାବଶାଳୀ।

ଦିଲ୍ଲୀ ଘଟଣା ଆମକୁ ଏକ ଗଭୀର ସତ୍ୟର ସାମ୍ନା କରାଇଛି। ଆଜି ଗଣତନ୍ତ୍ରର ସବୁଠାରୁ ବଡ଼ ପ୍ରହରୀ କେବଳ ସମ୍ବାଦ ସଂସ୍ଥା ନୁହେଁ; ସଚେତନ ନାଗରିକ ମଧ୍ୟ। କିନ୍ତୁ ନାଗରିକଙ୍କ ସ୍ୱାଧୀନତା ସହ ତାଙ୍କର ଦାୟିତ୍ୱ ମଧ୍ୟ ସମାନ ଭାବେ ବଢ଼ିଯାଏ। ସତ୍ୟକୁ ଯାଞ୍ଚ କରିବା, ଅପପ୍ରଚାରକୁ ପ୍ରତ୍ୟାଖ୍ୟାନ କରିବା ଏବଂ ବିବେକ ସହ ସୂଚନାର ବ୍ୟବହାର କରିବା - ଏହି ତିନୋଟି ହିଁ ଡିଜିଟାଲ ଯୁଗର ନାଗରିକଙ୍କ ଧର୍ମ। ଏବେ ସାମାଜିକ ଗଣମାଧ୍ୟମ କେବଳ ସୂଚନାର ନୂତନ ମାଧ୍ୟମ ନୁହେଁ; ଗଣତନ୍ତ୍ରର ଏକ ନୂଆ ଆଇନା। ସେହି ଆଇନାରେ ସମାଜ, ସରକାର, ଗଣମାଧ୍ୟମ ଓ ନାଗରିକ ସମସ୍ତଙ୍କ ମୁହଁ ପ୍ରତିଫଳିତ ହୁଏ। ସେହି ପ୍ରତିଫଳନକୁ ସତ୍ୟ, ସ୍ୱଚ୍ଛ ଓ ବିଶ୍ୱସନୀୟ ରଖିବାର ଦାୟିତ୍ୱ ଆମ ସମସ୍ତଙ୍କର। ଗଣତନ୍ତ୍ରର ଶକ୍ତି କେବଳ ମତଦାନରେ ନୁହେଁ, ବରଂ ସତ୍ୟ ପ୍ରତି ସମାଜର ସାମୂହିକ ଅଙ୍ଗୀକାରବଦ୍ଧତାରେ ନିହିତ।

କୋଟାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

## ମାନବବାଦର ମହାନାୟକ ଶ୍ରୀଜଗନ୍ନାଥ

ତନୁଜା ରାଉତ

ଅନନ୍ତକୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା ଓ ସର୍ବବ୍ୟାପୀ ତତ୍ତ୍ୱର ଆଧାର ପରଂବ୍ରହ୍ମ ହେଉଛନ୍ତି ଅବିନଶ୍ୱର, ଅବର୍ଣ୍ଣନୀୟ ଓ ଅପ୍ରକାଶ୍ୟ। ନିର୍ଗୁଣ ଓ ନିରାକାର ତତ୍ତ୍ୱର ଆକାର ଶୂନ୍ୟବ୍ରହ୍ମଲୀଳା ସଂରଚନା କରିବାକୁ ଯାଇ ସଗୁଣ ଓ ସାକାର ଦାରୁବ୍ରହ୍ମ ରୂପେ ମର୍ତ୍ତ୍ୟବୈକୁଣ୍ଠ ନୀଳାଚଳ ଧାମରେ ବିରାଜିତ। ସେ ରୂପାତୀତ ଓ ଗୁଣାତୀତ ହେଲେ ହେଁ ନଶ୍ୱର ଦାରୁ ମଧ୍ୟରେ ମାନବୀୟ ଲୀଳାରେ ନିମଗ୍ନ। ନରଙ୍କ ଗହଣରେ ଲୀଳା କରୁଥିବା ଲୀଳାମୟ ଶ୍ରୀଜଗନ୍ନାଥ ରହସ୍ୟମୟ ତତ୍ତ୍ୱର ଅପସାରଣ କରି ନରରୂପୀ ନାରାୟଣ ରୂପେ ମହିମାବନ୍ତ। ଏ ଦୃଷ୍ଟିରେ ମାନବିକ ଦୃଷ୍ଟିଭଙ୍ଗୀ ଓ ଜୀବନଦର୍ଶନ ଉପରେ ଜଗନ୍ନାଥ ସଂସ୍କୃତି ବିଶେଷ ପର୍ଯ୍ୟବେସିତ ଓ ପ୍ରତିଫଳିତ।

ବ୍ରହ୍ମ ହେଉଛି ମଜ୍ଜା, ଦାରୁ ଶରୀର ହେଉଛି ଅସ୍ଥି, କର୍ପୁର ଲେପନ ହେଉଛି ମେଦ, ଚନ୍ଦନ-କର୍ପୁର-କସ୍ତୁରୀ, କୁଙ୍କୁମ ଏକତ୍ର ଲେପନ ହେଉଛି ମାଂସ, ନାଲି ରଙ୍ଗର ଚେହେଲି ବସ୍ତ୍ର ହେଉଛି ରକ୍ତ, ପରସ୍ତ ପରସ୍ତ ଶୁକ୍ଳ ବସନ ଓ ଚନ୍ଦନ ଲେପନ ହେଉଛି ଚର୍ମ ଓ ଝୁଣାଯୁକ୍ତ ରାଶିତେଲ କର୍ପୁର ଲେପନକୁ ଝିଲ୍ଲୀ ମାନ୍ୟରେ ସପ୍ତାବରଣ ସେବା ହୁଏ। ଅତଏବ ମହାପ୍ରଭୁ ମାନବ ରୂପରେ ବ୍ରହ୍ମସ୍ୱରୂପ ଆତ୍ମା ବହନ କରନ୍ତି। ସେ ମାନବତାରେ ନିଜକୁ ହଜାଇ ଦେବା ପାଇଁ ଏବଂ ମାନବର ସୃଷ୍ଟି ପରିପୁଷ୍ଟ କରିବାରେ ନିଜକୁ ୧୨ ବର୍ଷରେ ଥରେ କାୟା ଓ ବ୍ରହ୍ମ ପରିବର୍ତ୍ତନ କରିଥା'ନ୍ତି।

ମହାପ୍ରଭୁଙ୍କର ଅଲୌକିକତା ଓ ମାନବୀୟ ଲୀଳାରେ ଅନେକ ଗୋପନୀୟତା ଥିଲେ ମଧ୍ୟ ଭକ୍ତ ଏହି ଲୀଳାକୁ ଜାଣିବା ପାଇଁ ସଦାସର୍ବଦା ବ୍ୟାକୁଳ। ଯବଶାସ୍ତ୍ର ଅନୁଯାୟୀ ମହାପ୍ରଭୁ ପ୍ରତି ବୁଧବାର କ୍ଷୌର କର୍ମ (ବନକ ଲାଗି) ହୁଅନ୍ତି। ଅର୍ଥାତ୍ ପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ହୁଏ। ଶୀତ ହେଲେ ଘୋଡ଼ି ହୁଅନ୍ତି। ଗରମ ହେଲେ ଚନ୍ଦନ ଲଗାଇ ଚାପ ଖେଳନ୍ତି। ଚାମର ସେବା ହୁଅନ୍ତି। ବିଡ଼ିଆ ପାନ ମଣୋହି ହୁଅନ୍ତି। ପଣା ପିଅନ୍ତି। ୧୦୮ ଗରା ସୁନାକୂଅ ପାଣିରେ ଗାଧୋଇ ଜ୍ୱରରେ କମ୍ପନ୍ତି। ଅଣସର ନୀତି ପାଳିତ ହୁଏ। ଯେଉଁବର୍ଷ ନବ କଳେବର ହୁଏ, ସେବର୍ଷ ଅଣସର ଦେଢ଼ମାସ ହେଉଥିବାରୁ ଏହାକୁ ମହାଅଣସର କୁହାଯାଏ। ପ୍ରଥମ ଭାଗରେ ମୂର୍ତ୍ତି ନିର୍ମାଣ, ବ୍ରହ୍ମସ୍ଥାପନ ଆଦି କର୍ମ, ଦ୍ୱିତୀୟ ଭାଗରେ ଶୁଦ୍ଧିକ୍ରିୟା ଓ ତୃତୀୟ ଭାଗରେ ପ୍ରତିବର୍ଷ ପରି ଅଣସର ନୀତି ପାଳିତ ହେଉଥାଏ। ଏହାପରେ ଠାକୁରମାନଙ୍କର ନବଯୌବନ ଦର୍ଶନ ଏବଂ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ଅନୁଷ୍ଠିତ ହୁଏ।

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ସେ ଦଇତାରୀ, ଦୀନବନ୍ଧୁ। ସେ ସର୍ବନାମ, ସେ ଅନ୍ତର୍ଯ୍ୟାମୀ, ସର୍ବତ୍ର ବିରାଜିତ। ସେ ଭାବଗ୍ରାହୀ, ଭାବବିନୋଦିଆ। ତାଙ୍କ ପାଖରେ ସଂସାରର ସବୁ ତତ୍ତ୍ୱ ତୁଚ୍ଛ, ସବୁ ଜ୍ଞାନ ହେୟ। କେବଳ ବିଶ୍ୱାସ, ଭରସାର ଦିଅଁ ସେ। ଜଗନ୍ନାଥ ସଂସ୍କୃତିରେ ଜାତି ଧର୍ମ ସଂପ୍ରଦାୟର ଭେଦଭାବ ନାହିଁ। ତାଙ୍କର ଅମୃତମୟ ଚେତନାରେ ଘଟିଛି ବିଶ୍ୱର ସବୁ ଧର୍ମ, ଦର୍ଶନ ତତ୍ତ୍ୱ ଓ ମତର ଅଦ୍ଭୁତ ସମନ୍ୱୟ। ଶାକ୍ତ, ବୈଷ୍ଣବ, ଗାଣପତ୍ୟ, ଶବର, ବୌଦ୍ଧ, ଜୈନ, ସୌର ସବୁ ଧର୍ମ ଓ ସଂପ୍ରଦାୟର ସେ ଆରାଧ୍ୟ ଦେବତା। ତାଙ୍କର ସଂସ୍କୃତି ବିଶ୍ୱ ସଂସ୍କୃତି। ଧର୍ମ ମାନବଧର୍ମ। ଓଡ଼ିଆ ଜାତିର ପ୍ରତିନିଧି ଗଜପତି ମହାରାଜା ଶ୍ରୀଜଗନ୍ନାଥଙ୍କୁ ସ୍ୱର୍ଣ୍ଣମୁଦ୍ରା ଭେଟି ଦେଇ ନୂତନ ଅଙ୍କ ପ୍ରଚଳନ କରାନ୍ତି।

ଓଡ଼ିଆ ଜାତି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମଣିମା, ମହାବାହୁ, ମହାପ୍ରଭୁ, ରାଜାଧିରାଜ ପ୍ରଭୃତି ବହୁ ନାମରେ ସମ୍ବୋଧିତ କରିଥାନ୍ତି। ପ୍ରଭାତ ଅବକାଶ ଠାରୁ ଜୟମଙ୍ଗଳ ଆରତି, ତଡ଼ପଲାଗି, ମଇଲମ, ଗୋପାଳବଲ୍ଲଭ, ରାଜଭୋଗ, ଡଙ୍କଭୋଗ, ସକାଳଧୂପ, ମଧ୍ୟାହ୍ନଧୂପ, ଭୋଗମଣ୍ଡପ, ସନ୍ଧ୍ୟାଧୂପ, ବଡ଼ସିଂହାର ଓ ପହଡ଼ ପର୍ଯ୍ୟନ୍ତ ତିନିଧୂପ ଓ ପଞ୍ଚ ଅବକାଶ ରୀତିନୀତିରେ ଓଡ଼ିଆ ସେବକବୃନ୍ଦ ତାଙ୍କୁ ରାଜକୀୟ ସେବା କରି ଆସୁଛନ୍ତି। ସକଳ ଓଡ଼ିଆ ସେବାରେ ସୌଭାଗ୍ୟଲାଭ କରିବା ନିମିତ୍ତ ଭିନ୍ନ ଭିନ୍ନ ବୃତ୍ତି ଅବଲମ୍ବନ କରିଥିବା ଛତିଶ ପାଟକଙ୍କୁ ସେବାର ସୁଯୋଗ ଦିଆଯାଇ ଏହାକୁ ଛତିଶା ପାଟକ ନିଯୋଗ କୁହାଯାଉଛି।

ଓଡ଼ିଆ ମହାକବି ଜୟଦେବ ଲଳିତ କୋମଳ ପଦାବଳୀରେ ଶ୍ରୀଗୀତଗୋବିନ୍ଦ ରଚନା କରି ଶ୍ରୀଜଗନ୍ନାଥଙ୍କ ମହାତ୍ମ୍ୟ ବୃଦ୍ଧି କରିଛନ୍ତି। ମହାବାହୁଙ୍କ କରୁଣାରୁ ତାଙ୍କରି ମନ୍ଦିରରେ ବଳରାମ ଦାସ ରାମାୟଣ ଓ ଜଗନ୍ନାଥ ଦାସ ଭାଗବତ ରଚନା କରିଛନ୍ତି, ଯାହା ସାମବେଦ ସଦୃଶ ପ୍ରସିଦ୍ଧି ଲାଭ କରିଛି। ଓଡ଼ିଆ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ବାରମାସରେ ତେରପର୍ବର ଭିଆଣ ହେଉଛି। ବୈଶାଖ ମାସରେ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଚନ୍ଦନଚାପ ନରେନ୍ଦ୍ର ପୁଷ୍କରିଣୀରେ ଅନୁଷ୍ଠିତ ହୁଏ। ଜ୍ୟେଷ୍ଠ ମାସରେ ସ୍ନାନଯାତ୍ରା ଓ ଆଷାଢ଼ ମାସରେ ଶ୍ରୀଗୁଣ୍ଡିଚା ଯାତ୍ରାରେ ଚତୁର୍ଦ୍ଧାମୂରତି ଶ୍ରୀମନ୍ଦିର ଛାଡ଼ି ଗୁଣ୍ଡିଚା ମନ୍ଦିରକୁ ନବଦିନ ଯାତ୍ରା କରନ୍ତି। ଶ୍ରାବଣ ମାସରେ ଚିତାଲାଗି ପର୍ବ, ବଳଭଦ୍ର ଜନ୍ମ, ଭାଦ୍ରବରେ ଜନ୍ମାଷ୍ଟମୀ, ରାହୁରେଖା ଲାଗି, ନନ୍ଦୋତ୍ସବ, ବଣଭୋଜି, ବକାସୁର ବଧ ଓ କାଳୀୟଦଳନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ। ଆଶ୍ୱିନ ମାସରେ ଶାକ୍ତ ଗୁଣ୍ଡିଚା, ଦ୍ୟୁତକ୍ରୀଡ଼ା ହୋଇଥାଏ। ଦ୍ୟୁତକ୍ରୀଡ଼ାରେ ପ୍ରଭୁ ହାରିଯାଇ ଲକ୍ଷ୍ମୀଙ୍କ ମନ୍ଦିରରେ ମାଧବ ରୂପରେ ସାତଦିନ ବନ୍ଧା ପଡ଼ନ୍ତି, ଯାହା ଓଡ଼ିଆଙ୍କ ଜୀବନଶୈଳୀ ସହିତ ସମ୍ବନ୍ଧିତ। କାର୍ତ୍ତିକ ମାସରେ ରାଇ ଦାମୋଦର ବ୍ରତ, ରାଜବେଶ, ଲକ୍ଷ୍ମୀନାରାୟଣ ବେଶ, ରାଧା ଦାମୋଦର ବେଶ, ତ୍ରିବିକ୍ରମ ବେଶ, ବାଙ୍କଚୂଡ଼ା, ଠିଆକିଆ ଆଦି ବେଶ ହୋଇଥା'ନ୍ତି। ମାର୍ଗଶୀର ମାସରେ ଦୀପଦାନ ପିତୃଶ୍ରାଦ୍ଧ ବା ଦେବଦୀପାବଳୀ ଓ ପୋଡ଼ଲାଗି ହୋଇଥାଏ। ପୌଷ ମାସରେ ଜଗନ୍ନାଥଙ୍କର ଅଭିଷେକ ଓ ରାଜବେଶ ହୋଇଥାଏ। ଏହିସବୁ ଯାତ୍ରା ଓ ପର୍ବପର୍ବାଣି ଓଡ଼ିଆ ଜାତିର ନିଜସ୍ୱ।

ବ୍ରହ୍ମବିଚାରରେ ସେ ଅବ୍ୟକ୍ତ, ଅଚନ୍ତ୍ୟ, ଅବର୍ଣ୍ଣନୀୟ ହେଲେ ହେଁ ଓଡ଼ିଆ ଚେତନାରେ ସେ ରକ୍ତମାଂସ ଦେହୀ ମାନବ ସଦୃଶ୍ୟ। ସେ ଦେବତା ହେଲେ ହେଁ ସମସ୍ତ ପ୍ରକାର ମାନବୀୟ ଲୀଳା କରିଥା'ନ୍ତି। ସାଧାରଣ ମଣିଷଟେ ପରି ଖାଆନ୍ତି, ଶୁଅନ୍ତି, ଯାତ୍ରା କରନ୍ତି, ଥଟ୍ଟା ପରିହାସର ଶରବ୍ୟ ହୁଅନ୍ତି, ପଖାଳ ପାଣି ଖାଆନ୍ତି, ଟଙ୍କ ତୋରାଣି ପିଅନ୍ତି, ପାନ ମସଲା ଖାଆନ୍ତି ଏବଂ ସାଧାରଣ ମଣିଷଟେ ପରି ମୃତ୍ୟୁବରଣ କରନ୍ତି। ଏମିତିଆ ଦିଅଁ ସାରା ବିଶ୍ୱରେ ମିଳିବେ ନାହିଁ, ଯିଏ ଓଡ଼ିଆ ଜାତିର ପ୍ରାଣ, ହୃତସ୍ପନ୍ଦନ। ଓଡିଆଙ୍କ ଚିନ୍ତା, ଚେତନା, ଚଳଣି, ଚାହାଣୀ, ଭାଷା, ସାହିତ୍ୟ, ସଂସ୍କୃତି, ସଂଗୀତ, ନୃତ୍ୟ, ଭାସ୍କର୍ଯ୍ୟ, ଇତିହାସ, ରାଜନୀତି ପ୍ରତ୍ୟେକଙ୍କର ଆଧାର ହେଉଛନ୍ତି ଶ୍ରୀଜଗନ୍ନାଥ। ତାଙ୍କରି ବାହୁଛାୟା ତଳେ ସକଳ ଓଡ଼ିଆ ସୁରକ୍ଷିତ ଓ ନିର୍ଭର ହୋଇ ଗାଇଛନ୍ତି - 'ଡର କାହାକୁ, ଭୟ କାହାକୁ କାଳିଆ ଅଛି ମୋ ଚଉବାହାକୁ।'

ଅଧ୍ୟାପିକା(ରଘୁନାଥଜୀଉ ମହାବିଦ୍ୟାଳୟ)
କଟକ, ମୋ: ୭୦୦୮୮୫୧୭୧୩

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଦୁର୍ଘଟଣାରେ ଚାଲିଗଲା ୧୦ ଜୀବନ

## ବିବାହ ଯାତ୍ରା ହେଲା ଶେଷଯାତ୍ରା: ପୋଖରୀକୁ ପଶିଗଲା କାର୍; ୫ ମୃତ

ଢେଙ୍କାନାଳ,୨୩।୭(ସମିସ): ଢେଙ୍କାନାଳ ସଦରଥାନା ପଞ୍ଚୁପଟି-ଛାଟିଆ ରାସ୍ତା ନିକଟରେ ଥିବା ଏକ ପୋଖରୀରେ ବୁଧବାର ବିଳମ୍ବିତ ରାତିରେ ଏକ ବରଯାତ୍ରୀ ଗାଡ଼ି ଭାରସାମ୍ୟ ହରାଇ ପଶିଯିବାରୁ ଶ୍ୱାସରୁଦ୍ଧ ହୋଇ ୫ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ମୋଟଙ୍ଗା ଥାନା ବାଙ୍ଗୁରସିଂହ ଗ୍ରାମର ରବିନାରାୟଣ ସାହୁଙ୍କ ପୁଅ ଶ୍ରୀରାମ ସାହୁ (୨୮), ନୃସିଂହ ଚରଣ ସ୍ୱାଇଁଙ୍କ ପୁଅ ଚନ୍ଦ୍ରକାନ୍ତ ସ୍ୱାଇଁ (୨୬), ଅନନ୍ତଚରଣ ସାହୁଙ୍କ ପୁଅ ଅବିନାଶ ସାହୁ (୨୮), ବାରକିଶୋର ସାହୁଙ୍କ ପୁଅ ରାଜେଶ ସାହୁ (୨୮) ଓ ଢେଙ୍କାନାଳ ବନମାଳୀପ୍ରସାଦର ଅପର୍ତି ସାହୁଙ୍କ ପୁଅ ଅଭିଜିତ ସାହୁ (୨୫)। ଅଭିଜିତ ସାହୁ ବରରାଜଙ୍କ ମାଉସୀ ପୁଅ ଭାଇ ବୋଲି ଜଣାପଡ଼ିଛି। ଅନ୍ୟପଟେ ଗାଡ଼ିରେ ଥିବା ଅନ୍ୟ ୩ ଜଣ ମୋଟଙ୍ଗା ଥାନା ବାଙ୍ଗୁରସିଂହ ଗ୍ରାମର ବଦ୍ରିକୃଷ୍ଣ ସାହୁଙ୍କ ପୁଅ ବବୁଲୁ ଓରଫ ବିଜୟିନ ସାହୁ ଓ ରାସବିହାରୀ ସାହୁଙ୍କ ପୁଅ ସୌମ୍ୟରଞ୍ଜନ ସାହୁଙ୍କୁ ଗ୍ରାମବାସୀ ବହୁ କଷ୍ଟରେ ଉଦ୍ଧାର କରିଥିଲେ।

ବାଙ୍ଗୁରସିଂହ ଗ୍ରାମର ସନ୍ତୋଷ କୁମାର ସାହୁଙ୍କ ପୁଅ ଅଭିଷେକ ସାହୁଙ୍କର ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦିପୁର ଗ୍ରାମର ରୋହିତ କୁମାର ପୃଷ୍ଟିଙ୍କ ଝିଅ ସହିତ ବୁଧବାର ବିବାହ ଉତ୍ସବ ଥିଲା। ଏଥିପାଇଁ ଯୋଗଦେବାକୁ ବାଙ୍ଗୁରସିଂହ ଗ୍ରାମରୁ ବରଯାତ୍ରୀ ଦଳ ବିଭିନ୍ନ ଗାଡ଼ିରେ ଯାଇଥିଲେ। ସେଥିମଧ୍ୟରୁ ଗୋଟିଏ ମହିନ୍ଦ୍ରା ଏକ୍ସୟୁଭି କାର ବାଙ୍ଗୁରସିଂହରୁ ଆସି ଅନ୍ୟ ଦୁଇ ବରଯାତ୍ରୀଙ୍କୁ ନେଇ ଇନ୍ଦିପୁର ଗ୍ରାମକୁ ଯାଉଥିଲା। ବିବାହ ଭୋଜି ଖାଇ ସେହି କାରରେ ୭ ଜଣ ରାତିରେ ଫେରୁଥିଲେ। କାର ଇନ୍ଦିପୁର ମୁଖ୍ୟ ରାସ୍ତାରୁ ଛାଟିଆଠାରୁ ପଞ୍ଚୁପଟି ଦେଇ ୫୫ନଂ ଜାତୀୟ ରାଜପଥକୁ ଆସୁଥିବା ବେଳେ ଅନ୍ଧାର ରାତିରେ ଛାଟିଆ ଗ୍ରାମ ଶେଷମୁଣ୍ଡରେ ଥିବା ଏକ ପୋଖରୀ ଭିତରେ ଭାରସାମ୍ୟ ହରାଇ ପଶିଯାଇଥିଲା। କାରରେ ଥିବା ୫ ବରଯାତ୍ରୀଙ୍କର ପାଣି ଭିତରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ସେହିପରି ମୃତଦେହଗୁଡ଼ିକ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛି। ଏହି ଦୁଃଖଦ ଘଟଣାକୁ ବାଙ୍ଗୁରସିଂହ ଓ ଇନ୍ଦିପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୋଖରୀ ନିକଟରେ କୌଣସି ଫଳକ ଲାଗି ନ ଥବାରୁ ବୁଲାଣି ରାସ୍ତାରେ ଏଭଳି ଦୁର୍ଘଟଣା ଘଟିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ବାପାଙ୍କୁ ଡାକ୍ତରଖାନା ନେଉଥିବା ବେଳେ ଗଛରେ ପିଟିହେଲା ଥାର୍; ୩ ମୃତ

ଚମ୍ପୁଆ, ୨୩।୭(ସମିସ): ଅସୁସ୍ଥ ବାପାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେଉଥିବା ବେଳେ ଅଧା ରାସ୍ତାରେ ଛକିଥିଲା କାଳ। ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୩ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାଟି ଗୁରୁବାର କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନାଞ୍ଚଳରେ ଶୋକର ଚାଦର ବିଛାଇ ରଖିଛି। ସୂଚନା ଅନୁସାରେ, ଚମ୍ପୁଆ ଥାନା ରଜିଆ ନିକଟରେ ବୁଧବାର ରାତି ପ୍ରାୟ ୧୦ଟା ସମୟରେ ଏକ ଥର୍ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ପିଟି ହୋଇଥିଲା। ଏହି ଗାଡ଼ିରେ ପରିବାରର ଭାସ୍କର ଆପଟ (୫୫), କଇଁଫୁଲ ଆପଟ (୬୦) ଏବଂ ତ୍ରିଲୋଚନ ଆପଟ (୬୦)ଙ୍କ ସହ ପୁଅ ରଞ୍ଜିତ (୩୫) ମଧ୍ୟ ରହିଥିଲେ। ଦୁର୍ଘଟଣାରେ ପ୍ରଥମ ତିନି ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ରଞ୍ଜିତ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜୀବନ ସହ ସଂଘର୍ଷ କରୁଛନ୍ତି।

ପରିବାରର ମୁଖ୍ୟ ଭାସ୍କର ଅସୁସ୍ଥ ଥିବାରୁ ରିମୁଲିରୁ ଚମ୍ପୁଆ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇ ଆସୁଥିଲେ। ରଜିଆ ନିକଟରେ ପହଞ୍ଚିବା ବେଳେ ଗାଡ଼ିଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଏକ ବଡ଼ ଗଛରେ ପ୍ରଚଣ୍ଡ ବେଗରେ ପିଟି ହୋଇଥିଲା। ଖବର ପାଇ ଚମ୍ପୁଆ ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଆହତମାନଙ୍କୁ ଗାଡ଼ିରୁ ବାହାର କରି ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଭାସ୍କର ଆପଟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ତିନିଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କଇଁଫୁଲ ଆପଟ ଓ ତ୍ରିଲୋଚନ ଆପଟଙ୍କ ମୃତ୍ୟୁ ଘଟିଥିବା ବେଳେ ରଞ୍ଜିତ ଆପଟଙ୍କ ଚିକିତ୍ସା ଜାରି ରହିଛି।

## ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ବାରିକପୁର,୨୩।୭(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଯଶୋଟିକିରି ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଜଣ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଗତ ବୁଧବାର ରାତି ପ୍ରାୟ ୩ଟା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳର ରତ୍ନାକର ଦାସ (୨୩) ଓ ଚନ୍ଦନ କୁମାର ସ୍ୱାଇଁ (୨୪) ଏକ ବୁଲେଟ୍ ବାଇକ୍ ଯୋଗେ ପାଣିକୋଇଲି ପଟୁ ବାଲେଶ୍ୱର ଅଭିମୁଖେ ଆସୁଥିଲେ। ଏହି ସମୟରେ ଅଜଣା ଗାଡ଼ି ବୁଲେଟ୍‌କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଆମ୍ବୁଲାନ୍ସ ଓ ପୁଲିସ ସହାୟତାରେ ଯୁବକ ଦ୍ୱୟଙ୍କୁ ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ବୁଲେଟ୍‌କୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

■ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା

## ୩ ମାସ ପରେ କାର୍ଯ୍ୟାନୁଷ୍ଠାନ, କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ସମୂହ ବଦଳି

ବାରିପଦା,୨୩।୭ (ସମିସ): ରାସଗୋବିନ୍ଦପୁର ବ୍ଲକ୍ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ଗତ ଏପ୍ରିଲ ମାସରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିବାଦୀୟ ହୋଇପଡ଼ିଥିବା ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ସମୂହକୁ ବଦଳି କରାଯାଇଛି। ଏ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୪୫୫/୨୧ ଜୁଲାଇ ୨୦୨୬ରେ ୭ ଜଣଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବାବେଳେ ସେମାନଙ୍କ ସ୍ଥାନରେ ନୂତନ ଭାବେ ବିଭିନ୍ନ ବିଦ୍ୟାଳୟରୁ ଏଠାରେ ନିଯୁକ୍ତ କରାଯାଇଛି। ଖୁବଶୀଘ୍ର ବଦଳି ହୋଇଥିବା ସମସ୍ତଙ୍କୁ ନିଜ ନିଜ ବିଦ୍ୟାଳୟରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାମୁତାବକ, ଏପ୍ରିଲ୧୪ ତାରିଖରେ କାକବନ୍ଧସ୍ଥ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ୧୫୨ ଜଣ ଛାତ୍ରଛାତ୍ରୀ ବିଷାକ୍ତ ଖାଦ୍ୟ ଖାଇ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀ ରୂପାଲୀ ବେଶ୍ରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ମୃତ ଛାତ୍ରୀଙ୍କ ଘର ନୁଣଚାଟି ଗ୍ରାମ ନଳଗଜା ନିକଟରେ ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାରୋକ ହୋଇଥିଲା। ସେହିପରି କାକବନ୍ଧ ସ୍କୁଲ ନିକଟରେ ମଧ୍ୟ ଗ୍ରାମବାସୀ ରାସ୍ତାରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଶତାଧିକ ଲୋକ ସ୍କୁଲ ପରିସରରେ ପଶି ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଯାଇଥିବା ପୁଲିସ ମଧ୍ୟ ଉତ୍ତ୍ୟକ୍ତ ଲୋକଙ୍କ ରୋଷର ଶିକାର ହୋଇଥିଲେ। ପରିସ୍ଥିତି ଅଣାୟତ ହେବାରୁ ବ୍ୟାପକ ପୁଲିସ ଫୋର୍ସ ମୃତୟନ କରାଯାଇଥିଲା। ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ବିଜେଡି ପକ୍ଷରୁ ଘୋର ବିରୋଧ କରାଯାଇଥିଲା। ପରେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଜୟନ୍ତ ପାଣିଗ୍ରାହୀଙ୍କୁ ନିଲମ୍ବିତ କରାଯିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇ ଆରଡିସି ତଦନ୍ତ ଆଦେଶ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଆରଡିସି ତଦନ୍ତ ପରେ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ଘଟଣା ଘଟିବା ୩ ମାସ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ ସମୂହ ବଦଳି କରାଯାଇଛି। କାକବନ୍ଧ ବିଦ୍ୟାଳୟର ଶକୁନ୍ତଳା ମହାନ୍ତିଙ୍କୁ ଦେବଶୋଳ ଆଶ୍ରମ, ଚିତ୍ତରଞ୍ଜନ ଜେନାଙ୍କୁ ଭୋଳାଗଡିଆ ଆଶ୍ରମ, ଅଭିଳାଶ ଦେଙ୍କୁ ମୋହନପୁର ଆଶ୍ରମ ସ୍କୁଲ, ସୋନାଲୀ ଗିରିଙ୍କୁ ନଳଗଜା ହାଇସ୍କୁଲ, ରତନ କୁମାର ପ୍ରଧାନଙ୍କୁ ବ୍ରାହ୍ମଣମରା ଆଶ୍ରମ ସ୍କୁଲ, ମାନସୀରାଣୀ ଜେନାଙ୍କୁ ହାଟସାହି ଆଶ୍ରମ ଓ ନିବେଦିତା ଦାସଙ୍କୁ କୋଠାବାଡ଼ି ଆଶ୍ରମ ସ୍କୁଲକୁ ବଦଳି କରାଯାଇଛି। ସେମାନଙ୍କ ସ୍ଥାନରେ ଜୟସ୍ମିତା ହାତୀ, ଦେବସ୍ମିତା ପଡିଆରୀ, ବାହ୍ନା କିଶୋର, ମଧୁସ୍ମିତା ସାମଲ, ଗୋପାଳ ବାସ୍କେ, ଇତିଶ୍ରୀ ନାୟକ ଓ ଦିଲ୍ଲୀପ ସିଂଙ୍କ କାକବନ୍ଧକୁ ବଦଳି ହୋଇଛି।

**AFFIDAVIT**

I, SOFIA BANO , aged about 47 years, W/o-ABDUL SAMAD, Res-WARD NO-7, LALSAHB PADA, NEAR POST OFFICE, KHARIAR, DIST- NUADAPADA, PIN-766107, ODISHA, declared by this Affidavit No.855/2026 Dated. 23.07.2026, That now onwards I shall Be Known as **SOFIA BANU** for all future Purposes .

## ଅବଶିଷ୍ଟାଂଶ

### ଆଜି ଦେଶବ୍ୟାପୀ...

ଦିବସରେ ପହଞ୍ଚିଥିବା ବେଳେ ଏହାର ଅବସାନ ନିମନ୍ତେ କେନ୍ଦ୍ର ସରକାର ଆନ୍ଦୋଳନକାରୀ ପ୍ରତିନିଧିମାନଙ୍କୁ ଆଲୋଚନା ପାଇଁ ପୁନର୍ବାର ନିମନ୍ତ୍ରଣ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଗୁରୁବାର ସୂଚନା ଦେଇଛନ୍ତି ଯେ, ସରକାରଙ୍କ ପକ୍ଷରୁ ଚାରୋଟି ଆନୁଷ୍ଠାନିକ ପ୍ରସ୍ତାବ ପଠାଯାଇଛି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ବାସଭବନ କିମ୍ବା କାର୍ଯ୍ୟାଳୟରେ ସେମାନେ ଆଲୋଚନା ପାଇଁ ଆସିପାରିବେ। ତେବେ ସିଜେପି ଏହାକୁ ପ୍ରତ୍ୟାଖ୍ୟାନ କରିବା ସହ ଯନ୍ତରମନ୍ତରରେ ସରକାର ଆଲୋଚନା କରନ୍ତୁ ବୋଲି ଅଡ଼ି ବସିଛନ୍ତି।

ସୋମବାର ସିଜେପିର ପ୍ରତିନିଧିମାନଙ୍କ ସହ ହୋଇଥିବା ଆଲୋଚନା ବିଫଳ ହେବା ପରେ, ସରକାର ପୁଣି ଥରେ ବାଟ ବାହାର କରିବାକୁ ଚେଷ୍ଟା କରୁଛନ୍ତି। ଜିତେନ୍ଦ୍ର ସିଂହ କହିଛନ୍ତି ଯେ, ସରକାର ସେମାନଙ୍କ ସୁବିଧା ଅନୁସାରେ ଯେକୌଣସି ସମୟରେ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ତେବେ କେନ୍ଦ୍ର ମନ୍ତ୍ରୀଙ୍କ ନିମନ୍ତ୍ରଣକୁ 'କୋକ୍ରୋଚ ଜନତା ପାର୍ଟି' (ସିଜେପି) ପ୍ରତ୍ୟାଖ୍ୟାନ କରିଛି। ସିଜେପି ପକ୍ଷରୁ କୁହାଯାଇଛି ଯେ ସେମାନେ ମଧ୍ୟ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଏହି ଆଲୋଚନା ମନ୍ତ୍ରୀଙ୍କ ବାସଭବନ କିମ୍ବା କାର୍ଯ୍ୟାଳୟ ପରିବର୍ତ୍ତେ ଯନ୍ତର ମନ୍ତର କିମ୍ବା କୌଣସି ନିରପେକ୍ଷ ସ୍ଥାନରେ ହେଉ। ସିଜେପିର ମୁଖ୍ୟ ପ୍ରବକ୍ତା ସୌରଭ ଦାସ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଦାବିରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇଛନ୍ତି। ତେଣୁ ମନ୍ତ୍ରୀମାନେ ନିଜେ ଜନତାଙ୍କ ଅଦାଲତକୁ ଆସି ଆଲୋଚନା କରିବା ଉଚିତ୍। ସୁରକ୍ଷା ଦୃଷ୍ଟିରୁ ସରକାର ଚାହିଁଲେ ଆନ୍ଦୋଳନ ସ୍ଥଳ ନିକଟବର୍ତ୍ତୀ କୌଣସି ନିରପେକ୍ଷ ସ୍ଥାନରେ ଏହି ବୈଠକ କରାଯାଇପାରିବ।

ଆନ୍ଦୋଳନର ଅବସାନ ଲାଗି ସରକାର କୌଣସି ସକରାତ୍ମକ ପଦକ୍ଷେପ ନେଉନାହାନ୍ତି ବୋଲି ସିଜେପି ଅଭିଯୋଗ କରିଛି। ତେଣୁ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବିରେ ଆସନ୍ତାକାଲି ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ କରିବା ପାଇଁ ସିଜେପି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ କରିବାକୁ ଏହାର ପ୍ରତିଷ୍ଠାତା ଅଭିଜିତ ଦିପକେ ପରାମର୍ଶ ଦେଇଛନ୍ତି। ଇତିମଧ୍ୟରେ ଆଜି ଦେଶର ବିଭିନ୍ନ ଭାଗରେ କକ୍ରୋଚ୍ ଆନ୍ଦୋଳନ ବ୍ୟାପିବାରେ ଲାଗିଛି। ପାଟନା ସମେତ ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ, ଆସାମର ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆସନ୍ତାକାଲିର ଆନ୍ଦୋଳନ ଆହ୍ୱାନକୁ ନେଇ କେନ୍ଦ୍ର ସମସ୍ତ ରାଜ୍ୟ ସରକାରଙ୍କୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଚତୁର୍ଥ ଦିନ...

ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ବିରୋଧୀ ଦଳ ଆଲୋଚନାକୁ ଡରୁଛନ୍ତି। ତେବେ ଏହାସହିତ ସେ ସ୍ପଷ୍ଟ କରିଛନ୍ତି ଯେ ଆଲୋଚନା ପାଇଁ କୌଣସି ସର୍ତ୍ତକୁ ଗ୍ରହଣ କରାଯିବ ନାହିଁ। ସଂସଦ ମୁଲତବୀ ହେବାପରେ ସଂସଦ ବାହାରେ ସରକାର ଓ ବିରୋଧୀ ଦଳର ସାଂସଦ ମୁହାଁମୁହିଁ ହୋଇଥିବାର ଦେଖାଯାଇଥିଲା। ମକର ଦ୍ୱାର ସମ୍ମୁଖରେ ଏକତ୍ରିତ ହୋଇ ସେମାନେ ପରସ୍ପର ବିରୋଧରେ ସ୍ଲୋଗାନ ଦେଇଥିଲେ। ବିରୋଧୀ ଦଳମାନେ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସ୍ଲୋଗାନ ଦେଉଥିବା ବେଳେ ଏନ୍‌ଡିଏ ସାଂସଦ କହିଥିଲେ ଯେ ବିରୋଧୀ ଦଳମାନେ ଛାତ୍ର ଆନ୍ଦୋଳନର ରାଜନୀତିକରଣ କରୁଛନ୍ତି।

### ଗଠନ ହେବ...

ବୋଲି ସେ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପ୍ରଶ୍ନପତ୍ର ଲିକ୍ ମାମଲାର ଦ୍ରୁତ ଶୁଣାଣି ଏବଂ ଦୋଷୀଙ୍କୁ କଠୋର ଶାସ୍ତି ନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ଏହାପୂର୍ବରୁ ମଧ୍ୟ ପ୍ରଧାନମନ୍ତ୍ରୀ ଏହି ଘଟଣାକୁ ଘୋର ପାପ ବୋଲି ଆଖ୍ୟା ଦେଇଥିଲେ। ଅନ୍ୟପଟେ, ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନିଜେ ଦେଶର ଯୁବବର୍ଗଙ୍କ ଭବିଷ୍ୟତକୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଇଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ୧୫୦ରୁ ଅଧିକ ପ୍ରଶ୍ନପତ୍ର ଲିକ୍ ହୋଇଥିଲେ ସୁଦ୍ଧା ଜଣେ ହେଲେ ବି ଦୋଷୀ ପ୍ରମାଣିତ ହୋଇନାହାନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବରଖାସ୍ତ କରିବା ସହିତ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ଆକ୍ରମଣ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସେ ଦାବି କରିଛନ୍ତି।

### ଆନ୍ନାଙ୍କ 'ମୌନ...

ପରୀକ୍ଷାରେ ହେଉଥିବା ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି କୋକ୍ରୋଚ୍ ଜନତା ପାର୍ଟି (ସିଜେପି) ଓ ଅନ୍ୟ ଛାତ୍ର ସଂଗଠନଗୁଡ଼ିକ ଦିଲ୍ଲୀରେ ବିକ୍ଷୋଭ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଗାନ୍ଧୀବାଦୀ ନେତା ଆନ୍ନା ହଜାରେ ସରକାରଙ୍କୁ ଚେତାବନୀ ଦେଇଛନ୍ତି ଯେ, ଶିକ୍ଷା ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉ। ଛାତ୍ରଛାତ୍ରୀଙ୍କ ଦାବି ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ବୋଲି ଦର୍ଶାଇ ସେ ଏହି ମୌନ ପ୍ରତିବାଦ ଆରମ୍ଭ କରିଛନ୍ତି।

### ଜିଲ୍ଲା ସଭାପତିଙ୍କ...

ସରକାରଙ୍କର ଦୋଷ, ଦୁର୍ବଳତା ବିରୋଧରେ ସ୍ୱର ଉତ୍ତୋଳନକୁ ତୀବ୍ର କରିବାକୁ ସେ ପରାମର୍ଶ ଦେଇଛନ୍ତି। ବିଜେଡି ସବୁବେଳେ ଛାତ୍ରମାନଙ୍କ ସହ ରହିଛି ଓ ଛାତ୍ରମାନଙ୍କୁ ଆମର ନୈତିକ ସମର୍ଥନ ଜାରି ରହିବ ବୋଲି ନବୀନ ଏହି ଅବସରରେ ସ୍ପଷ୍ଟ କରିଛନ୍ତି।

ବୈଠକ ସମ୍ପର୍କରେ ଦଳର ବରିଷ୍ଠ ବିଧାୟିକା ତଥା ପିଏସି ସଦସ୍ୟା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଗତକାଲି ନବୀନ ନିବାସରେ ଅନୁଷ୍ଠିତ ବୈଠକରେ ସଭାପତି ଏକାଧିକ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ଆମେ କାର୍ଯ୍ୟକାରୀ କରିବୁ। ତୃଣମୂଳସ୍ତରରେ ଆମର ସଂଗଠନ କିଭଳି ସୁଦୃଢ଼ ହବ, ୱାର୍ଡ କମିଟିଠାରୁ ଆରମ୍ଭ କରି ବର୍ତ୍ତମାନ ଯେଉଁ ଏସ୍‌ଆଇଆର ଚାଲିଛି, ସେନେଇ ବ୍ୟାପକ ଆଲୋଚନା ହୋଇଛି। ଏସଆଇଆର କାମ କେମିତି ତ୍ୱରାନ୍ୱିତ ହବ ଏବଂ ଜଣେ ବି ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍ ନ ପଡ଼ନ୍ତି ସେନେଇ ବିଜେଡିର ଏଜେଣ୍ଟମାନେ କିପରି କାର୍ଯ୍ୟ କରିବେ ସେ ବିଷୟରେ ଆଲୋଚନା ହେଲ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷେ ନବୀନଙ୍କ ସହ ବୈଠକ ପରେ ଆମେ ବେଶ୍ ଉତ୍ସାହିତ ଅଛୁ ବୋଲି ଯୋଗ ଦେଇଥିବା ଜିଲ୍ଲା ସଭାପତିମାନେ ମତବ୍ୟକ୍ତ କରିଛନ୍ତି। ନବୀନଙ୍କ ପରାମର୍ଶ ଏବଂ ନିର୍ଦ୍ଦେଶ ଆମକୁ ସଂଗଠନ ସ୍ତରରେ ଅଧିକ କ୍ରିୟାଶୀଳ ଭାବରେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛି। ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ଗତ ନିର୍ବାଚନ ତୁଳନାରେ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ସେମାନେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

### ଶିଶୁକନ୍ୟାକୁ ଦୁଷ୍କର୍ମ...

ଘରକୁ ଯାଇ ମାଆଙ୍କୁ ସମସ୍ତ କଥା ଜଣାଇଥିଲା। ଏହାପରେ ଗ୍ରାମରେ ଏକ କ୍ଷମାପ୍ରାର୍ଥନା କିମ୍ବା ମଧ୍ୟସ୍ଥତା ବୈଠକ ବସିଥିଲା। ଯେଉଁଥିରେ ଅଭିଯୁକ୍ତ ଚମକା ପାଲେୟା ନିଜର ଦୋଷ ସ୍ୱୀକାର କରିଥିବା ଜଣାପଡିଛି। ପରେ ଉକ୍ତ ଘଟଣାକୁ ନେଇ ସମ୍ପୃକ୍ତ ଅଙ୍ଗନବାଡ଼ିର ଶିକ୍ଷୟିତ୍ରୀ ବିଶୋଇ ସ୍ୱମନିତ ଶିଶୁ ବିକାଶ କାର୍ଯ୍ୟାଳୟକୁ ଖବର ଦେବା ପରେ ସିଡିପିଓ ଶ୍ରୀମତୀ ବିଟୁ ଟୁଡୁ ଘଟଣାସ୍ଥଳରେ ପହଞ୍ଚି ଶିଶୁ କନ୍ୟାକୁ ପଚରାଉଚରା କରିବା ସହିତ ତାଙ୍କ ସହଯୋଗ କ୍ରମେ ପୀଡ଼ିତା ଓ ତାଙ୍କ ପରିବାରକୁ ବିଶୋଇ ଥାନାକୁ ଆଣିଥିଲେ। ପରେ ପୀଡିତାଙ୍କ ମାଆ ବିଶୋଇ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ବିଶୋଇ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରି ୧୬୪/୨୬ରେ ଏକ ମମଲା ରୁଜୁ କରି ଉଭୟ ଅଭିଯୁକ୍ତ ଓ ପୀଡିତାକୁ ଡାକ୍ତରୀ ମାଇନା କରି ଅଭିଯୁକ୍ତକୁ ପକ୍‌ସୋ କୋର୍ଟକୁ ଚାଲାଣ କରିଥିବା ବିଶୋଇ ଥାନା ଅଧିକାରୀ ଶରତ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି। ଏଭଳି ଜଘନ୍ୟ ଅପରାଧକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଓ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଅଭିଯୁକ୍ତକୁ କଠୋର ଦଣ୍ଡ ଦାବି କରିଛନ୍ତି ପୀଡିତାର ପରିବାର ଲୋକ।

■ କେଜିଭିବି ହଷ୍ଟେଲରେ ଝାଡ଼ାବାନ୍ତି

## ୩୦ ଜଣ ଆକ୍ରାନ୍ତ, ୧୯ ଛାତ୍ରୀ ମେଡିକାଲରେ ଭର୍ତ୍ତି

ବାରିପଦା/ରାଇରଙ୍ଗପୁର, ୨୩।୭(ସମିସ): ବିଜାତଳା ବ୍ଲକ ସରଗଡ଼ାସ୍ଥ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିଭିବି)ର ପୂର୍ଣ୍ଣେଶ୍ୱର ହଷ୍ଟେଲରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି। ଦୂଷିତ ଜଳ କିମ୍ବା ଖାଦ୍ୟ ଯୋଗୁଁ ବିଦ୍ୟାଳୟର ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବାବେଳେ ଏହାକୁ ନେଇ ସମଗ୍ର ଅଞ୍ଚଳରେ ଚିନ୍ତା ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ସନ୍ଧ୍ୟା ସମୟରେ ଖବର ପାଇବା ମାତ୍ରେ ବିଜାତଳା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତୁରନ୍ତ ହଷ୍ଟେଲରେ ପହଞ୍ଚି ଅସ୍ଥାୟୀ କ୍ୟାମ୍ପ କରି ପ୍ରାଥମିକ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା ଜାରି ରଖିଛନ୍ତି। ତେବେ ଆକ୍ରାନ୍ତଙ୍କ ମଧ୍ୟରୁ ୧୯ ଜଣ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ସେମାନଙ୍କୁ ତୁରନ୍ତ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ସ୍ୱତନ୍ତ୍ର ଡାକ୍ତରୀ ଦଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନଙ୍କ ଚିକିତ୍ସା ଚାଲିଛି। ଘଟଣାକୁ ଦୃଷ୍ଟିରେ ରଖି ବିଜାତଳା ବିଡିଓ ବଂଶୀଧର ଖୋସଲା ଓ ବିଇଓ ଦିଲ୍ଲୀପ କୁମାର ନନ୍ଦ ରାଇରଙ୍ଗପୁର ମେଡିକାଲରେ ପହଞ୍ଚି ଆକ୍ରାନ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ସହ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଡାକ୍ତରୀ ଦଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ବିଜାତଳା ବିଇଓ ଦିଲ୍ଲୀପ କୁମାର ନନ୍ଦ କହିଛନ୍ତି ଯେ, କେଜିବିବିରେ ଛାତ୍ରୀମାନେ ଅସୁସ୍ଥ ହେବା ଖବର ପାଇବା କ୍ଷଣି ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି ଓ ବର୍ତ୍ତମାନ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସମସ୍ତ ୧୯ ଜଣ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ସ୍ଥିର ରହିଛି। ଅନ୍ୟପଟେ ହୋଷ୍ଟେଲରେ ରହୁଥିବା ଅନ୍ୟସୁସ୍ଥ ଛାତ୍ରୀଙ୍କୁ ସଂକ୍ରମଣରୁ ବଞ୍ଚାଇବା ପାଇଁ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯିବା ସହ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱଚ୍ଛ ଖାଦ୍ୟ ଯୋଗାଣ ନିଶ୍ଚିତ କରିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

### ସ୍ଥିତି ଅନୁଧ୍ୟାନ କଲେ ବିଡିଓ ଓ ବିଇଓ

## କ୍ଷେପଣାସ୍ତ୍ର 'କୁଶ'ର ପ୍ରଥମ ସଫଳ ପରୀକ୍ଷଣ

ବାଲେଶ୍ୱର, ୨୩।୭ (ସମିସ): ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଯୋଡ଼ି ହୋଇଯାଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଓଡ଼ିଶା ଉପକୂଳର ଡ. ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଲମ୍ବ ଦୂରଗାମୀ ଭୂପୃଷ୍ଠକୁ ଆକାଶମାର୍ଗରେ ଆକ୍ରମଣ ପାଇଁ ଉଦ୍ଦିଷ୍ଟ 'କୁଶ' କ୍ଷେପଣାସ୍ତ୍ରର ପ୍ରଥମ ସଫଳ ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରେସ ବିଜ୍ଞପ୍ତି ଅନୁସାରେ, "କୁଶ' କ୍ଷେପଣାସ୍ତ୍ର ପରୀକ୍ଷଣ ସମୟରେ ନିର୍ଦ୍ଧାରିତ ସମସ୍ତ ଲକ୍ଷ୍ୟ ସଫଳତାର ସହ ପୂରଣ ହୋଇଛି। ପ୍ରତିରକ୍ଷା ସଚିବ ତଥା ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ (ଆର୍ ଆଣ୍ଡ ଡି)ର ସଚିବ ଏବଂ ଡିଆରଡିଓର ଅଧ୍ୟକ୍ଷ ରାଜେଶ କୁମାର ସିଂହ ପରୀକ୍ଷା ସମୟରେ ସମସ୍ତ କାର୍ଯ୍ୟକଳାପ ଉପରେ ନଜର ରଖିଥିଲେ।



**OFFICE OF THE PRINCIPAL,**
**GUNUPUR COLLEGE, GUNUPUR**
**DIST- RAYAGADA (ODISHA) Pin Code-765022, Ph. No- 9861690925**

**NO.674/GC/2026** **Date. 13.07.2026**

**Quotation Call Notice**

Quotations are invited from interested Supplier / Manufacturer for **Supply of Xerox Machine** to Gunupur College, Gunupur.
The detailed specification of Xerox Machine is as under.
**A3 Digital photo copy machine with, Print Scan copy with NETWORKING, DADF AND DUPLEXING PRINT WIFI and mobile print, Make-Canon, 20CPM** estimate toner yield 10000 per cartridge Drum approx life sixty thousand copy. Fully Automatic Digital A3 all in one copier.
So interested manufacturer / Supplier should send their quotation price **within 7 days** from date of publication of ad.

**Principal, Gunupur College, Gunupur**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
13001/11263/2627
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-13 ରେ ପ୍ଲଟ୍ ନଂ-13-1E/55 ଟିକୁ ଏମ୍.ଡି. ୟୁସୁଫ, ପିତା-ଏମ୍. ଡି. ଇସ୍ମାଇଲ ଏବଂ ଏମ୍. ଡି. ଅବଦୁଲ କରିମ ପିତା-ଏମ୍. ଡି . ୟୁସୁଫ, ସା-ନିମଚଉଁରି, ସେଣ୍ଟ୍ରାଲ କୋ-ଓପରେଟିଭ ବ୍ୟାଙ୍କ ପାଖ, ପୋ-ଚାନ୍ଦିନୀଚୌକ, ଥା-ଲାଲବାଗ, ଜିଲ୍ଲା- କଟକ-୭୫୩୦୦୨ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଏମ୍.ଡି. ୟୁସୁଫ ଏବଂ ଏମ୍. ଡି . ଅବଦୁଲ କରିମ ଉକ୍ତ ପ୍ଲଟ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଚୌଧୁରୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପିତା-ମୀନକେତନ ସ୍ୱାଇଁ, ସା-ନୀଳାମ୍ବରପୁର, ପୋ-ଅରଖପୁର, ଥା-ବଡ଼ଚଣା, ଜିଲ୍ଲା-ଯାଜପୁର ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR- 13001/13037/1/26-27/0079 **ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**

GOVERNMENT OF ODISHA
DEPARTMENT OF WATER RESOURCES,
O/O THE SUPERINTENDING ENGINEER,
ANGUL IRRIGATION DIVISION, ANGUL.
e-Mail Id – eeangulirrigation@gmail.com
32001/592/2627

**'e'-Procurement Notice No. SE-AID-7/2026-27**

The Superintending Engineer, Angul Irrigation Division, Angul on behalf of the Governor of Odisha invites online **percentage rate basis bid in single cover** system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | **01 No**. work |
| 2 | Cost of work put to tender | : | Approximately **Rs.16.05 Lakh** |
| 3 | Tender Paper Cost | : | **Rs.6,000/-** (Non Refundable) |
| 4 | Class of Contractor | : | **Electrical Contractor/ OEM or specialized agency or registered firm associate with Electrical contractor.** |
| 5 | Period of Completion | : | **60 Days** |
| 6 | Availability of Bid Documents and receipt of bid through online | : | From **11.00 A.M of 29.07.2026 to 5.00 P.M of 07.08.2026** in the website **(www.tendersodisha.gov.in)** |
| 7 | Date, time & place for opening of online tenders | : | **10.08.2026 at 11.00 A.M** and onwards in the o/o the SE, Angul Irrigation Division, Angul. |
| 8 | Date, time & Place for finalization of tender through transparent lottery system (if required) | : | **18.08.2026** at **12.30 P.M** in the o/o the SE, Angul Irrigation Division, Angul. |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender ( OIT) | : | Superintending Engineer, Angul Irrigation Division, Angul, At/PO:- Hakimpada, Dist:- Angul, Odisha. e-mail Id- **eeangulirrigation@gmail.com** |

Further details can be seen from the e-procurement portal of Government of Odisha at www.tendersodisha.gov.in)

Superintending Engineer
Angul Irrigation Division
Angul

OIPR-32001/32049/1/26-27/0007

ବ୍ୟାଙ୍କ ଅଫ୍ ଇଣ୍ଡିଆ **BOI** Bank of India

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି
ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧) ଏବଂ (୨)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ନଂ. ୩) ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଏବଂ ୯ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଏସ୍‌ଏମ୍‌ଇ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଭୁବନେଶ୍ୱର ଏସ୍‌ଏମ୍‌ଇ ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ପବିତ୍ର ଜେନା, ପିତା: ଗଙ୍ଗାଧର ଜେନା ଏବଂ ୨) ଶ୍ରୀ ଗଙ୍ଗାଧର ଜେନା, ପିତା: ହାଲୁ ଜେନା, ଉଭୟଙ୍କ ବାସସ୍ଥାନ ଠିକଣା- ସା/ପୋ: ବେଲପଡ଼ା (ନିମିଖେତା, ରଣସିଂହ ପ୍ରସାଦ), ଭାୟା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୦ | ୩୦.୦୪.୨୦୨୬ ସୁଦ୍ଧା ଟ.୨୩,୯୬,୯୬୬.୩୮ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୧.୦୫.୨୦୨୬ / ୨୧.୦୭.୨୦୨୬ | ଶ୍ରୀ ଗଙ୍ଗାଧର ଜେନା, ପିତା: ହାଲୁ ଜେନାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରଣସିଂହ ପ୍ରସାଦ, ଥାନା/ଏସ୍‌ଆରଓ: ବାଣପୁର, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୪୩/୨୩, ପ୍ଲଟ୍ ନଂ.: ୨୪୧, କ୍ଷେତ୍ର: ଏକର୦.୦୪୩ ଡିସିମିଲି କିମ୍ବା ୧୮୭୩.୦୮ ବର୍ଗଫୁଟ, କିସମ: ଘରବାରି, ସତ୍ତ୍ୱ: |

ସ୍ଥିତିବାନ, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ଆନନ୍ଦ ଲେଙ୍କା, ପଶ୍ଚିମ: ସୁକାନ୍ତ ଘଟୁଆଳି, ଉତ୍ତର: ରାସ୍ତା, ଦକ୍ଷିଣ: ମକଦମ ଦାସ

ସ୍ଥାନ : ଭୁବନେଶ୍ୱର
ତାରିଖ: ୨୩.୦୭.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

**NOTICE**
**(above 18 yeras of age)**

By virtue of an affidavit sworn before Notary Public, Udala, Mayurbhanj , dated 21-07-2026 I, Malati Soren, Villege- Kirkichia, P.O- Khunta, P.S- Khunta, Dist-Mayurbhanj, Pin- 757019, Odisha declare that I have changed my name from Malati Saren to Malati Soren. Henceforth, I shall be known as **Malati Soren** for all purposes.
**(Malati Soren)**

**AFFIDAVIT**

By virtue of an affidavit sworn before Executive Magistrate, Keonjhar, S.L. No. 05 on dated 23/07/2026, I **BABULI MUNDA**, S/o Bata Munda resident of At- Ukuchabeda, Po- Basantapur, P.S: Pandapada, Dist: Keonjhar, Odisha, PIN: 758014, declare that I have changed my name from **LAKSHMIDHAR MUNDA (Old Name)** to **BABULI MUNDA (New Name)**. Henceforth, I shall be known as **BABULI MUNDA** for all purposes.
Sd- **BABULI MUNDA**

**ପୂର୍ବ ତଟ ରେଳପଥ**
**ଶୁଦ୍ଧିପତ୍ର ସଂ. 04**
ଟେଣ୍ଡର ବିଜ୍ଞପ୍ତି ସଂ. **EPC-CE CONIVBBS2026016**, ତା.**18.04.2026** ରିଖ
ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସନ୍ଦର୍ଭରେ ନିମ୍ନଲିଖିତ ରୂପାନ୍ତରଣ କରାଯାଇଛି, ଯାହାପ୍ରତି ଦୟାକରି ଧ୍ୟାନ ଦେବା ଆବଶ୍ୟକ ।

| ବିଷୟ | ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ.03) | ବର୍ତ୍ତମାନ ପଢ଼ାଯିବ |
|---|---|---|
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ | ତା.03.08.2026 12:00 ଘଟିକା | ତା.18.08.2026 12:00 ଘଟିକା |

ବିସ୍ତୃତ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-146/CJ/26-27

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.**MCSW-Zero-Value-26-27-12**
**କାର୍ଯ୍ୟର ନାମ :** **12** (ବାର) ମାସ ଅବଧି ନିମନ୍ତେ ପ୍ରକାଶ୍ୟ ଟେଣ୍ଡର ଜରିଆରେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ କାରଖାନା ପରିସର ଭିତରେ ସଂଚିତ ଶୂନ୍ୟ (ZERO) ମୂଲ୍ୟ/ଅତି ନିମ୍ନ (VERY LOW) ବର୍ଜ୍ୟବସ୍ତୁଗୁଡ଼ିକର ଅପସାରଣ ।
**ବିଜ୍ଞାପିତ ମୂଲ୍ୟ:** **₹43,91,652.00**, EMD: **₹87,800.00**, ଶେଷ ହେବା ଅବଧି : **12** ମାସ ।
ବିଡ୍ ଆରମ୍ଭ ହେବା ତାରିଖ : **27.07.2026**
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** **10.08.2026, 15:00** ଘଟିକା ।
ଏହି ଟେଣ୍ଡର ପାଇଁ ମାନୁଆଲ୍ ପ୍ରସ୍ତାବ ଗ୍ରହଣୀୟ ନୁହେଁ, ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ।
ଇ-ଟେଣ୍ଡର ଡକ୍ୟୁମେଣ୍ଟ ସମେତ ସମ୍ପୂର୍ଣ୍ଣ ସୂଚନା ୱେବସାଇଟ୍: **www.ireps.gov.in** ରେ ଉପଲବ୍ଧ।
**ଉପମୁଖ୍ୟ ମେକାନିକାଲ୍ ଇଞ୍ଜିନିୟର (POH) ରେଳଡବା ମରାମତି କାରଖାନା/ ମଞ୍ଚେଶ୍ୱର**
PR-313/R/26-27

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. **ST-OT-UPGRADATION -KUR-578**, ତା.**20.07.2026**ରିଖ
**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ଷ୍ଟେସନର ପ୍ରମୁଖ ଉନ୍ନତୀକରଣ ସମ୍ବନ୍ଧୀୟ ଖୋର୍ଦ୍ଧା ରୋଡ଼ ଷ୍ଟେସନରେ ଯାତ୍ରୀ ସୁବିଧାଗୁଡ଼ିକର ଉନ୍ନତୀକରଣ ଏବଂ କୋଚ୍ ଇଣ୍ଡିକେସନ୍ ବୋର୍ଡ ଓ ଟ୍ରେନ୍ ଇଣ୍ଡିକେସନ୍ ବୋର୍ଡ ର ସଂସ୍ଥାପନ।
**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** **4,78,33,027.43**, EMD (ଟଙ୍କାରେ): **9,56,700/-**
ବିଡ୍ ଆରମ୍ଭ ହେବା ତାରିଖ : ତା.**28.07.2026**ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.**11.08.2026** ରିଖ **1100** ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟରା ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଉଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ରେଳ ପ୍ରବନ୍ଧକ (ସଙ୍କେତ ଏବଂ ଦୂରସଞ୍ଚାର), ଖୋର୍ଦ୍ଧା ରୋଡ୍
PR-316/R/26-27

### ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

# ଶିଶୁ ଓ ମାତୃମୃତ୍ୟୁ ହାର ସର୍ବନିମ୍ନସ୍ତରକୁ ଆଣିବା ଲକ୍ଷ୍ୟ

ନୂଆପଡ଼ା, ୨୩।୭ (ସମିସ)

ନୂଆପଡ଼ା ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ସତପଥୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଶ୍ରୀ ଦାଶ ଜିଲ୍ଲାରେ ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାରକୁ ରାଜ୍ୟରେ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ପ୍ରତ୍ୟେକ ଘରକୁ ଯାଇ ଗର୍ଭବତୀ ମହିଳା, ନବଜାତ ଶିଶୁଙ୍କୁ ନିୟମିତ ପରିଦର୍ଶନ ସୁନିଶ୍ଚିତ କରିବା ସହ ସ୍ୱାସ୍ଥ୍ୟ ସେବାରୁ କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନହୁଅନ୍ତି ବୋଲି ସେ କହିଥିଲେ। ସମୀକ୍ଷା ଅନୁଯାୟୀ, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଅଧୀନରେ ଜିଲ୍ଲାରେ ୪, ୧୦, ୨୮୫ଟି କାର୍ଡ ମଧ୍ୟରୁ ୩, ୦୩, ୨୫୦ଟି କାର୍ଡ ବଣ୍ଟନ କରାଯାଇ ୭୪ ପ୍ରତିଶତ ଲକ୍ଷ୍ୟ ହାସଲ କରାଯାଇଥିବାବେଳେ ଅବଶିଷ୍ଟ କାର୍ଡ ଶୀଘ୍ର ବଣ୍ଟନ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ଟିକାକରଣ କ୍ଷେତ୍ରରେ ଆଇପିପିଆଇ ଜୁନ୍-୨୦୨୬ ରାଉଣ୍ଡରେ ୭୧, ୫୦୭ ଲକ୍ଷ୍ୟ ବିପରୀତ ୭୦, ୦୦୩ ଜଣ ଶିଶୁଙ୍କୁ ଟିକାକରଣ କରାଯାଇ ୯୮ ପ୍ରତିଶତ ସଫଳତା




ହାସଲ ହୋଇଥିବା ସୂଚନା ଦିଆଯାଇଥିଲା। ସେହିପରି ହେପାଟାଇଟିସ୍-ବି ଜନ୍ମ ଡୋଜ୍ ଟିକାକରଣରେ ୯୫ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇଥିବା ସମୀକ୍ଷା କରାଯାଇଥିଲା। ଆର୍‌ବିଏସ୍‌କେ କାର୍ଯ୍ୟକ୍ରମ ଅଧୀନରେ ଏପ୍ରିଲରୁ ଜୁନ୍ ୨୦୨୬ ମଧ୍ୟରେ ୯୮୨ଟି ଅଙ୍ଗନବାଡ଼ି କେନ୍ଦ୍ରରେ ୩୧, ୪୦୬ ଜଣ ଶିଶୁ (୯୪%) ଏବଂ ୮୧ଟି ବିଦ୍ୟାଳୟରେ ୮, ୦୧୮ ଜଣ ଛାତ୍ରଛାତ୍ରୀ (୮୮%)ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଟିବି ନିୟନ୍ତ୍ରଣ କ୍ଷେତ୍ରରେ ଜୁନ୍-୨୦୨୬ରେ ୭୦ଟି ଟିବି ରୋଗୀ ଚିହ୍ନଟ କରାଯାଇଥିବା ସୂଚନା ଦିଆଯାଇଥିଲା। ଟିବି ମୁକ୍ତ ଭାରତ ଅଭିଯାନ, ନିକ୍ଷୟ ପୋଷଣ ଯୋଜନା ଏବଂ ସକ୍ରିୟ ରୋଗୀ ଚିହ୍ନଟ କାର୍ଯ୍ୟକ୍ରମକୁ ଆହୁରି ଜୋରଦାର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଏଡିପିଏଚଓ (ମାତୃ ସ୍ୱାସ୍ଥ୍ୟ) ଡା. ମୁରଲୀଧର ପାଢ଼ୀ ଏବଂ ମାତୃ ସ୍ୱାସ୍ଥ୍ୟ ପରାମର୍ଶଦାତା ସୌମ୍ୟଶ୍ରୀ ମହାପାତ୍ର ଯୋଗଦେଇ ଥିଲେ। ଏହି ଅବସରରେ ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ରାଜ୍ୟସ୍ତରରେ ନୂଆପଡ଼ା ଜିଲ୍ଲାକୁ ମିଳିଥିବା ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ରୋଗୀ କଲ୍ୟାଣ ସମିତି କାର୍ଯ୍ୟନିର୍ବାହୀ କମିଟି, ରାଷ୍ଟ୍ରୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ଏବଂ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଅଧୀନ ସ୍କୁଲ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ୪୨ଟି ବିଦ୍ୟାଳୟ ଓ ୬ଟି ମହାବିଦ୍ୟାଳୟକୁ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଭାବେ ଗଢ଼ି ତୋଳାଯାଇଥିବାବେଳେ, ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଅଧୀନରେ ୩୬ଟି ବିଦ୍ୟାଳୟରେ ଚକ୍ଷୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ଡିପିଏମ୍ ସତ୍ୟନାରାୟଣ ତ୍ରିପାଠୀ, ଡିଏମଓ (ଏମ୍.ଏସ୍) ତଥା ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ଅଜୟ ପଣ୍ଡା, ଏଡିପିଏଚଓ (ପରିବାର କଲ୍ୟାଣ) ଡା. ଜ୍ୟୋତିର୍ମୟ ସୁଭେନ୍ଦୁ ମହାନ୍ତି, ଏଡିପିଏଚଓ (ଟିବି) ଡା. ଦିଲୀପ କୁମାର ଦାସ, ଏଡିପିଏଚଓ (ମାତୃ ସ୍ୱାସ୍ଥ୍ୟ) ଡା. ମୁରଲୀଧର ପାଢ଼ୀଙ୍କ ସମେତ ସ୍ୱାସ୍ଥ୍ୟବିଭାଗର ସମସ୍ତ ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଲାଠି, କାଳିଶୀ ଓ ଦେବୀ ବାଜାର ତାଳେ ତାଳେ ବାହୁଡ଼ିବେ କଳାଠାକୁର



କୋକସରା, ୨୩।୭ (ସମିସ) : ବାହୁଡ଼ା ଯାତ୍ରା ଆସିଲେ ପୁରୀ ଶ୍ରୀକ୍ଷେତ୍ରର ରଥ, ଭକ୍ତଙ୍କ ଜୟଧ୍ୱନି ଓ ମହାପ୍ରଭୁଙ୍କ ଦର୍ଶନର ଦୃଶ୍ୟ ସମସ୍ତଙ୍କ ମନକୁ ଆସିଥାଏ। ମାତ୍ର କଳାହାଣ୍ଡି ଜିଲ୍ଲାର କୋକସରା ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ ଗୋତମୁଣ୍ଡା ଗ୍ରାମରେ ବାହୁଡା ଯାତ୍ରାର ରୂପ ସମ୍ପୂର୍ଣ୍ଣ ଭିନ୍ନ। ଏଠାରେ ରଥର ଦଉଡି ସହ ଯୋଡ଼ି ହୋଇଥାଏ ଶତାବ୍ଦୀ ପୁରୁଣା ଆଦି ସଂସ୍କୃତି। ଦେବାଦେବୀଙ୍କ ଲାଠି, କାଳିଶୀ, କୁର୍ଷି ଓ ଦେବୀ ବାଜାର ତାଳେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ଏହି ଉତ୍ସବକୁ ରାଜ୍ୟର ଅନ୍ୟତମ ସ୍ୱତନ୍ତ୍ର ଧାର୍ମିକ ପରମ୍ପରାରେ ପରିଣତ କରିଛି। କୁହାଯାଏ, କଳାହାଣ୍ଡିର ନାଗବଂଶୀ ମହାରାଜା ବ୍ରଜମୋହନ ଦେଓଙ୍କ ଶାସନକାଳ ୧୯୧୮ ମସିହାରୁ ଗୋତମୁଣ୍ଡାରେ ରଥଯାତ୍ରା ପାଳିତ ହୋଇଆସୁଛି। ଜଗନ୍ନାଥ ସଂସ୍କୃତି ଏହି ଅଞ୍ଚଳକୁ ଆସିବା ପୂର୍ବରୁ ଆଦିବାସୀ ସମାଜରେ ଅଭିଚାର ତନ୍ତ୍ର ଓ ଲୋକଦେବତାଙ୍କ ଉପାସନାର ପରମ୍ପରା ରହିଥିଲା। ବାହୁଡା ଯାତ୍ରା ଦିନ ଗୋତମୁଣ୍ଡା ସମେତ ଆଖପାଖ ଗ୍ରାମର ଦେବାଦେବୀଙ୍କ ପ୍ରତୀକାତ୍ମକ ଲାଠି, କାଳିଶୀ, କୁର୍ଷି ଓ ପାରମ୍ପରିକ ଦେବୀ ବାଜାର ଧ୍ୱନି ମଧ୍ୟରେ ମହାପ୍ରଭୁଙ୍କ ରଥ ଟଣାଯାଇଥାଏ। ଭକ୍ତି, ଲୋକପରମ୍ପରା ଓ ଆଦି ସଂସ୍କୃତିର ଏଭଳି ଅନନ୍ୟ ସମନ୍ୱୟ ଓଡ଼ିଶାରେ ବିରଳ। ଆଜି ପୁଣିଥରେ ଗୋତମୁଣ୍ଡାର ମାଟି ସାକ୍ଷୀ ରହିବ ଏକ ଅନନ୍ୟ ପରମ୍ପରାର। ଲାଠି, କାଳିଶୀ ଓ ଦେବୀ ବାଜାର ତାଳେ ବାହୁଡିବେ କାଳିଆ ଠାକୁର, ଆଉ ଭକ୍ତିର ସ୍ରୋତରେ ଭାସିବ ସମଗ୍ର ଅଞ୍ଚଳ। ଶତାବ୍ଦୀରୁ ଶତାବ୍ଦୀ ଧରି ଚାଲିଆସୁଥିବା ଏହି ନିଆରା ପରମ୍ପରାକୁ ଦେଖିବା ପାଇଁ କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା ସମେତ ପଡ଼ୋଶୀ ରାଜ୍ୟ ଛତିଶଗଡ଼ରୁ ହଜାର ହଜାର ଶ୍ରଦ୍ଧାଳୁ ଗୋତମୁଣ୍ଡାରେ ସମବେତ ହେବେ। ଆଜି ଲାଠି, କାଳିଶୀ ଓ ଦେବୀ ବାଜାର ତାଳେ ବାହୁଡିବେ କାଳିଆ ଠାକୁର, ଆଉ ଶତାବ୍ଦୀ ପୁରୁଣା ଏହି ଲୋକପରମ୍ପରାର ସାକ୍ଷୀହେବେ ଅଗଣିତ ଭକ୍ତ।

## ଟ୍ରକ୍ ଧକ୍କାରେ ଭିଣୋଇ ମୃତ; ଶଳା ଗୁରୁତର

ନୂଆପଡ଼ା, ୨୩।୭ (ସମିସ): ନୂଆପଡ଼ା ସଦର ଟାନୱାଟ୍ ଛକ ନିକଟବର୍ତ୍ତୀ ବିବି.ଫିଲିଂଷ୍ଟେସନ ସମ୍ମୁଖ ଜାତୀୟରାଜପଥ ଉପରେ ଗୁରୁବାର ବାଇକ୍ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ହେଲେ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ବରତିଆ ଗାଁର ଟିକେଲାଲ ବାରିକ(୪୨) ଓ ଆହତ ଦୁଇ ଜଣଙ୍କ ମଧ୍ୟରୁ ବରଡିଆ ଗାଁର ଧମେନ୍ଦ୍ର ବାଗ (୨୭) ଓ ପତ୍ରାପାଲି ଗାଁର ସାଙ୍ଗ ହିରାଧର କେତକି (୩୦) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳେ ଟିକେଲାଲ ଓ ତାଙ୍କ ଶଳା ଧର୍ମେନ୍ଦ୍ର ବାଇକ୍‌ରେ ବରତିଆ ଗାଁରୁ ବାହାରି ପତ୍ରାପାଲି ଗାଁରେ ସାଙ୍ଗ ହିରାଧରକୁ ସାଙ୍ଗରେ ନେଇ ଖରିଆରରୋଡ ବଗ୍‌ଗା ସ୍ପୋର୍ଟସ୍ ଦୋକାନକୁ ଯାଇ କିଛି ସାମଗ୍ରୀ କିଣି ନୂଆପଡ଼ା ଫେରୁଥିଲେ। ନୂଆପଡ଼ା ଟାନୱାଟ ଛକ ନିକଟବର୍ତ୍ତୀ ବିବି, ଫିଲିଂ ଷ୍ଟେସନରେ ବାଇକ୍‌ରେ ପେଟ୍ରୋଲ ପକାଇ ୩୫୩ ନମ୍ବର ଜାତୀୟ ରାଜପଥକୁ ଅତିକ୍ରମ କରୁଥିବା ବେଳେ ହଠାତ ନୂଆପଡ଼ା ସହର ପଟୁ ଖଡିଆଳ ଅଭିମୁଖେ ଯାଉଥିବା ଟ୍ରକ ବାଇକ୍ କୁ ଧକ୍କାଦେଇ କିଛିଦୂର ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ଭିଣୋଇ ଟିକେଲାଲଙ୍କ ମୃତ୍ୟୁ ଘଟିଥିବାବେଳେ ଶଳା ଧମେନ୍ଦ୍ର ଓ ସାଙ୍ଗ ହିରାଧର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଓ ପୁଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଧମେନ୍ଦ୍ରଙ୍କ ଡାହାଣ ଗୋଡ ଆଣ୍ଠୁ ତଳକୁ ଭାଙ୍ଗି ଯାଇଥିବା ବେଳେ ହିରାଧରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଟିକେଲାଲଙ୍କ ମୃତଦେହ ପୁଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇ ଥିବା ଟ୍ରକ ଓ ବାଇକକୁ ପୁଲିସ ଜବତକରି ଡ୍ରାଇଭରକୁ ଥାନାରେ ଅଟକ ରଖି ପଚାରାଉଚରା କରୁଛି। ଏ ନେଇ ନୂଆପଡ଼ା ସଦର ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଗଙ୍ଗାଧର ମେହେର ସୂଚନା ଦେଇଛନ୍ତି।

# ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋକସରା, ୨୩।୭ (ସମିସ) : କୋକସରା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସରକାରୀ ସେବା, ସହାୟକ ଉପକରଣ ଓ ପ୍ରମାଣପତ୍ର ଏକାଠି ପ୍ରଦାନ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ବ୍ଲକର ୨୨ଟି ପଞ୍ଚାୟତରୁ ବହୁ ସଂଖ୍ୟକ ହିତାଧିକାରୀ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଲୋକନାଥ ଭାଟିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼. ହିମାଞ୍ଚଳ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସାମାଜିକ ସୁରକ୍ଷା, ସ୍ୱାବଲମ୍ବନ ଓ ସର୍ବାଙ୍ଗୀନ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନ ଦେଇଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ଡିଡିଆରସି କଳାହାଣ୍ଡିର ନୋଡାଲ ଅଫିସର ନିବାସ ଚନ୍ଦ୍ର ସାହୁ, ଡାକ୍ତର ଶିବାନନ୍ଦ ନାଏକ, ବିଧାୟକଙ୍କ ପ୍ରତିନିଧି ତ୍ରିନାଥ ଶବର ଏବଂ ସମିତି ସଭ୍ୟ ଗଜାନନ ନିଆଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଶିବିରରେ ମୋଟ ୩୮୧ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିବାବେଳେ ୫ ଜଣଙ୍କୁ ଟ୍ରାଇ ସାଇକେଲ, ୧୨ ଜଣଙ୍କୁ ହୁଇଲ୍ ଚେୟାର, ୨ ଜଣଙ୍କୁ ଆଶାବାଡ଼ି, ୫୦ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଏବଂ ୮୪ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଭବାନୀପାଟଣାରୁ ଆସିଥିବା ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଦେବାଶିଷ ମହାଲି, ମାନସିକ ରୋଗ ବିଶେଷଜ୍ଞ ଡା. ଅନନ୍ତ ଚରଣ ମେହେର, ଡା. ପ୍ରଦ୍ୟୁମ୍ନ କିଶୋର ପଣ୍ଡା, ଚକ୍ଷୁ ବିଶେଷଜ୍ଞ ଡାକ୍ତର ନିବେଦିତା ମହାରଣାଙ୍କ ସମେତ ୧୦ଜଣ ସହାୟକ ଚିକିତ୍ସକ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜାଫେଦ ନାଗ ମଞ୍ଚ ପରିଚାଳନା କରିଥିବାବେଳେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



## କେସିଙ୍ଗା ୟୁଥ୍ ଆସୋସିଏସନ୍ ଆନ୍ଦୋଳନ

କେସିଙ୍ଗା, ୨୩।୭ (ସମିସ): ଦେଶର ରାଜଧାନୀ ଦିଲ୍ଲୀର ଯନ୍ତରମନ୍ତରରେ ଶିକ୍ଷାର ପାରଦର୍ଶିତା ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ସୋନମ୍ ୱାଙ୍ଗଚୁକଙ୍କ ଦୀର୍ଘ ଦିନର ଅନଶନ ଓ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନକୁ ସମର୍ଥନ କରି ଗୁରୁବାର କେସିଙ୍ଗା ୟୁଥ୍ ଆସୋସିଏସନ୍‌ର ଡାକରାରେ ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସର ସମର୍ଥନରେ ସକାଳ ୧୦ଟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେରୁ କେସିଙ୍ଗା ଥାନା ପର୍ଯ୍ୟନ୍ତ ଏକ ରାଲି କରାଯାଇଥିଲା। ଆଜିର ଆନ୍ଦୋଳନକୁ ଛାତ୍ର ବିଜେଡ଼ି ଓ ଛାତ୍ର କଂଗ୍ରେସର ପୂର୍ଣ୍ଣ ସହଯୋଗ ମିଳିଥିବା ବେଳେ କଂଗ୍ରେସ କିଛି କର୍ମକର୍ତ୍ତାଙ୍କୁ ମଧ୍ୟ ଆନ୍ଦୋଳନରେ ଦେଖିବାକୁ ମିଳିଥିଲା। କେସିଙ୍ଗା ୟୁଥ୍ ଆସୋସିଏସନ୍‌ର ସଭାପତି ସମ୍ଭୁ ବିଶି, ରିଶି ନାଏକ, ସ୍ୱାଗତ ପଟ୍ଟନାୟକ, ରୋହନ ମହଲା, ଖଗେଶ୍ୱର ମାଝୀ, ଓମ୍‌ରାଜ ମିଶ୍ର, ଧର୍ମେସ ନିଆଲ ପ୍ରମୁଖଙ୍କ ସମେତ ଅନେକ ୟୁଥ୍ ଓ ଛାତ୍ରମାନେ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ଫରେଷ୍ଟରଙ୍କ ପରଲୋକ

ଜୁନାଗଡ଼, ୨୩।୭ (ସମିସ): ସଡ଼କ ଦୁର୍ଘଟଣାରେ ଜଣେ ମହିଳା ଫରେଷ୍ଟରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧର୍ମଗଡ଼ ଫରେଷ୍ଟ ରେଞ୍ଜର ଫରେଷ୍ଟର ଝୁନୁମାଳା ସାହୁ। ମିଳିଥିବା ସୂଚନା ଅନୁଯାୟୀ, ଝୁନୁମାଳା ନିଜ ସ୍କୁଟିରେ ଭବାନୀପାଟଣାରୁ ଧର୍ମଗଡ଼ ଅଭିମୁଖେ ଯାଉଥିଲେ। ଏହି ସମୟରେ ୨୬ ନମ୍ବର ଜାତୀୟ ରାଜପଥର ଜୁନାଗଡ଼ ନିକଟସ୍ଥ ଚାଞ୍ଚରା ଭାଡ଼ିଠାରେ ଏକ ଟ୍ରକ୍ ତାଙ୍କ ସ୍କୁଟିକୁ ପଛପଟୁ ଜୋରଦାର ଧକ୍କା ଦେଇଥିଲା। ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହେବାକୁ ଚେଷ୍ଟା କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଗୋଡ଼ାଇ ଧରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଝୁନୁମାଳାଙ୍କୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁର୍ଘଟଣାଘଟାଇଥିବା ଟ୍ରକ୍‌କୁ ଜବତ କରି ଡ୍ରାଇଭରକୁ ଅଟକ ରଖିଛି।

## ଡକାୟତି ଯୋଜନା ପଣ୍ଡ; ୭ ଗିରଫ, ବନ୍ଧୁକ ଓ ସ୍କର୍ପିଓ ଜବତ

ଭବାନୀପାଟଣା, ୨୩।୭ (ସମିସ): ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ସଦର ପୁଲିସ। ଡକାୟତି ପାଇଁ ଏକାଠି ହୋଇଥିବା ସାତଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦେଶୀ ପିସ୍ତଲ, ଜୀବନ୍ତ ଗୁଳି, ମାରଣାସ୍ତ୍ର, ମୋବାଇଲ ଫୋନ୍ ଓ ସ୍କର୍ପିଓ ଗାଡ଼ି ଜବତ କରିଛି ପୁଲିସ। ଗତକାଲି ଅପରାହ୍ନ ପ୍ରାୟ ୪ଟା ସମୟରେ କଳାହାଣ୍ଡି ଜିଲ୍ଲା ପ୍ରାୀକୁଡ଼ି ନିକଟ ଡେଗାଡ଼ି ନାଳ ଅଞ୍ଚଳରେ ଡକାୟତି ପାଇଁ ପ୍ରସ୍ତୁତି ଚାଲିଥିବା ସମ୍ପର୍କରେ ସଦର ପୁଲିସ ସୂଚନା ପାଇଥିଲା। ଏହାପରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ସାତ ଜଣ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ଏକ ସ୍କର୍ପିଓ ଗାଡ଼ି, ଗୋଟିଏ ଦେଶୀ ପିସ୍ତଲ ସହ ଜୀବନ୍ତ ଗୁଳି, ୧୫ଟି ମୋବାଇଲ ଫୋନ୍, ୫ ହଜାର ଟଙ୍କା ନଗଦ ଏବଂ ଛୁରୀ, କାଠ ଲାଠି, ଟାଙ୍ଗି ଓ ଗୁପ୍ତି ଭଳି ମାରଣାସ୍ତ୍ର ଜବତ କରାଯାଇଛି।

## ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ନୂଆପଡ଼ା, ୨୩।୭ (ସମିସ): ଖରିଆର ରୋଡ ଏନ୍‌ଏସିର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ



ଭାବେ କୁରୁକ୍ଷେତ୍ର ନାଏକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ଅବସରରେ ଅଧ୍ୟକ୍ଷା ଡ. ସୋନିଆ ଜୈନ, ପୂର୍ବତନ ଇଓ କମଳାସନ ରଥ ଓ ଏନ୍‌ଏସି କର୍ମଚାରୀ ଉପସ୍ଥିତ ରହି ନୂତନ ଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ନୂତନ ଇଓଙ୍କ ଆଗମନ ସହ ଖରିଆରରୋଡ ସହରର ପରିମଳ ବ୍ୟବସ୍ଥା, ପାନୀୟଜଳ, ରାସ୍ତାଘାଟ, ଷ୍ଟ୍ରିଟ୍ ଲାଇଟ୍, ସହରୀୟ ଭିତ୍ତିଭୂମିର ବିକାଶ ଓ ନାଗରିକ ସେବାକୁ ଅଧିକ ଗତିଶୀଳ ଏବଂ ସ୍ୱଚ୍ଛ କରିବା ଦିଗରେ ନୂତନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସହରବାସୀ ଆଶା ପ୍ରକାଶ କରିଛନ୍ତି।

## ଶିଶୁଶ୍ରମିକ ଉଦ୍ଧାର ଓ ଥଇଥାନ ସଚେତନତା ଶିବିର



ନୂଆପଡ଼ା, ୨୩।୭ (ସମିସ): ନୂଆପଡ଼ା ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ଶିଶୁଶ୍ରମିକ ଉଦ୍ଧାର ଓ ଥଇଥାନକୁ ନେଇ ଶ୍ରମ ଏବଂ ପୁଲିସ ବିଭାଗର ମିଳିତ ଉଦ୍ୟମରେ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପୁଲିସ ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ ସିଂ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲାଶ୍ରମ ଉପ କମିଶନ ରବୀନ୍ଦ୍ର କୁମାର ବାର୍ଲା ଯୋଗ ଦେଇ ଶିଶୁ ଶ୍ରମିକ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଏବଂ ଉଦ୍ଧାର ସହ ତାଙ୍କ ଉପଯୁକ୍ତ ଥଇଥାନ ପାଇଁ ଆହ୍ୱାନ କରିଥିଲେ। ସଭାକୁ ପୂର୍ବତନ ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ଡ.ଫଣିନ୍ଦମ ସିଂ ଦେଓ ଯୋଗଦେଇ ଶିଶୁ ଶ୍ରମିକ ଉଦ୍ଧାରକରି ଉପଯୁକ୍ତ ଥଇଥାନ ଓ ଉଦ୍ଧାର ବେଳେ ସମ୍ମୁଖୀନ ହେଉଥିବା ଅନେକ ବାଧାକୁ ଏକ ଚ୍ୟାଲେଞ୍ଜ ଭାବି ଆଗକୁ ବଢ଼ିବା ଦ୍ୱାରା ସଫଳତା ହାସଲ କରିହେବ ବୋଲି କହିଥିଲେ। ସଭାରେ ଜିଲ୍ଲା ଉପ ଶ୍ରମ ଅଧିକାରୀ ନିଖିଲ ଅଗ୍ରୱାଲ ପରିଚାଳନା କରିଥିଲେ। ସଭାରେ ଜିଲ୍ଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷା ବବିତା ମିଶ୍ର, ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କରଙ୍କ ସମେତ ଅନେକ ଅଧିକାରୀ ଉପସ୍ଥିତ ଥିଲେ।

## ଆମ୍ବେଦକର କ୍ଲବ୍‌ର ସାଧାରଣ ସଭା ଓ ନୂତନ କ୍ଲବ୍ ଉଦ୍‌ଘାଟିତ

ଜୁନାଗଡ଼, ୨୩।୭ (ସମିସ): ଜୁନାଗଡ଼ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅଧୀନ କୁରୁଗୁଡ଼ା ମହୁଲକୋଟ ପଡ଼ାସ୍ଥିତ ଧାନମଣ୍ଡି ଠାରେ ଡ. ବି.ଆର୍. ଆମ୍ବେଦକର କ୍ଲବର ଏକ ସାଧାରଣସଭା ସହ ନୂତନ କ୍ଲବ୍ ଉଦ୍‌ଘାଟିତ ହୋଇଥିଲା। କ୍ଲବର ସଭାପତି ଅଜୟ କୁମାର ବାଗ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ପ୍ରକୃତିବନ୍ଧୁ ଯତୀନ୍ଦ୍ର କର, ଓୟୁଜେ ରାଜ୍ୟ ଉପସଭାପତି ତଥା ଜୁନାଗଡ଼ ସାମ୍ବାଦିକ ସଂଘ ର ସଭାପତି ସନ୍ତୋଷ ସିଂହ ଦେଓ, ବରିଷ୍ଠ ଆଇନଜୀବୀ ଚିତ୍ତ ରଞ୍ଜନ ନିଆଲ, ମିଡିଆ କ୍ଲବ୍ ସଭାପତି ଆଦିତ୍ୟ ପ୍ରସାଦ ମହାନ୍ତି, ଆମ୍ବେଦକରବାଦୀ ସଞ୍ଜୟ ସୁନାନୀ, ଭଇଁରୀଗୁଡା ପଞ୍ଚାୟତର ସମିତିସଭ୍ୟ ଜବରସିଂ ତାଣ୍ଡି, ସୁନ୍ଦର ମୋହନ ଛାତ୍ରୀଆ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।




ହରେଶ କନ୍ଦପାନ ସଭା ପରିଚଳନା କରିଥିଲେ। ସଂଘର ସମ୍ପାଦକ ଲିଲୁ କନ୍ଦପାନ, ଉପସଭାପତି ଶେଖର ମାଝୀ, କୋଷାଧ୍ୟକ୍ଷ ମାଧବ ମହାନନ୍ଦ, ସଙ୍ଘର ସଦସ୍ୟ ପାର୍ଥବ ବେହେରା, ଗୋପୀନାଥ ଠାକୁର, ତୀର୍ଥରାଜ ସୁନାନୀ, ବିଶାଳ କନ୍ଦପାନ, ସଚିଦାନନ୍ଦ ଦୁର୍ଗା, ଭଗବାନ ବେହେରା, ଅଲେଖ ସୁନାନୀ, ରାଜେଶ୍ୱର ସୁନାନୀ, ରିଙ୍କୁ ଠାକୁର, ଲଳିତ କନ୍ଦପାନ, ପ୍ରଶାନ୍ତ କନ୍ଦପାନ, ହେମନ୍ତ ଠାକୁର, ଦଶରଥ ବେହେରା, ନବୀନ କର, ସଞ୍ଜୟ କନ୍ଦପାନ, ପ୍ରେମ ଧଙ୍ଗଡ଼ାମାଝୀ, ବିକାଶ କନ୍ଦପାନ, ଗୋବିନ୍ଦ କନ୍ଦପାନ, ଖଗେଶ୍ୱର ରଣା, ରୋହନ ବେହେରା, ରାମନୁଜନ ବେହେରା, ଟୁନା ଦୁର୍ଗା, ହିମାଂଶୁ ବାଗ, ପ୍ରତାପ ପୋଢ଼ ପ୍ରମୁଖ ସହଯୋଗ କରିଥିଲେ।

### ସରପ୍ଲସ୍ ନିର୍ମାଣରେ ଅନିୟମିତତା

# ଅହେତୁକ ବିଳମ୍ବ ନେଇ ଅସନ୍ତୋଷ

ନୂଆପଡ଼ା, ୨୩।୭ (ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଉପାନ୍ତ ଘାଟମାଳଠାରେ ନିର୍ମାଣ ଚାଲିଥିବା ଏକ ସରପ୍ଲସ୍ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ନିର୍ମାଣ କାର୍ଯ୍ୟ ବିନା ସୂଚନାଫଳକରେ ଚାଲିଥିବା ଦେଖିବାକୁ ମିଳିଛି। ଏହି ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବା ବେଳେ ସମୟ ପୂର୍ବରୁ ନିର୍ମାଣ ସମ୍ପୂର୍ଣ୍ଣ ନହେଲେ ପ୍ରାୟ ଦୁଇଶହ ହେକ୍ଟର ଚାଷ ଜମି ପ୍ରଭାବିତ ହେବା ଆଶଙ୍କା ନେଇ ସ୍ଥାନୀୟ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଘାଟମାଳ ଗ୍ରାମସ୍ଥିତ ଆଡିକଠା ବନ୍ଧର ଉନ୍ନତୀକରଣ ପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କା ଅଟକଳ ମୂଲ୍ୟ ମଞ୍ଜୁର ହୋଇଥିଲା। ଏଥିରେ ଏକ ସରପ୍ଲସ୍ ନିର୍ମାଣ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ବନ୍ଧର ଉନ୍ନତୀକରଣ ସରିବା ପରେ ସରପ୍ଲସ୍ ନିର୍ମାଣ ଚାଲିଛି। ହେଲେ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନ ଅଭାବ ଯୋଗୁଁ ଏଭଳି ଅନିୟମିତତା ଓ ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଥିବା ଜଣାପଡ଼ିଛି। ଫଳରେ ନିର୍ମାଣ କାର୍ଯ୍ୟର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରପ୍ଲସ ୱାଲ୍ ନିର୍ମାଣ ପୂର୍ବରୁ ତଳେ ବେଡ୍ ପକାଇବା ପରେ ନିର୍ଦ୍ଧାରିତ ସାଇଜର ଲୁହା ଛଡ ଓ ମସଲା (ବାଲି, ସିମେଣ୍ଟ, ଚିପ୍ସ) ଦେବାର ବ୍ୟବସ୍ଥା ରହିଛି। ହେଲେ ବିନା ବେଡ୍ ରେ ୱାଲ୍ ଦିଆଯାଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟଲୋକେ ବାରମ୍ବାର ସମ୍ପୃକ୍ତ ଠିକାଦାରଙ୍କୁ ତାଗିଦ୍ କରିଥିଲେ ମଧ୍ୟନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଦେଖାଦେଇଛି। ବର୍ତ୍ତମାନ ବର୍ଷାଋତୁ ହୋଇଥିବା ବେଳେ କାର୍ଯ୍ୟ ସମ୍ପୂର୍ଣ୍ଣ କରଣକୁ ନେଇ ସନ୍ଦେହ ହେଉଛି। ଏନେଇ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି। ମୁଖ୍ୟ ବିଷୟ ଏହା ଯେ ଉକ୍ତ ବନ୍ଧ ଉପରେ ନିର୍ଭର କରି ସ୍ଥାନୀୟ ଶତାଧିକ ଚାଷୀ ତଳି ଅଞ୍ଚଳରେ ଚାଷ କରିଥାନ୍ତି। ବର୍ଷାଦିନରେ ଏହି ବନ୍ଧରେ ପାଣି ଅଟକ ରଖି ଆବଶ୍ୟକ ଅନୁସାରେ ଚାଷ ଜମି ରେ ଲଗାନ୍ତି। ଚଳିତବର୍ଷ ସର୍ପଲସ ନିର୍ମାଣ ପାଇଁ ହୁଡା ଭଙ୍ଗାଯାଇଛି। ଫଳରେ ସ୍ଥାନୀୟ ଚାଷୀଙ୍କ ପ୍ରାୟ ୨ଶହ ହେକ୍ଟର ଚାଷ ଜମି ପ୍ରଭାବିତ ହେବାର ଆଶଙ୍କା ରହିଛି। ଯଦିଠିକ୍ ସମୟ ପୂର୍ବରୁ ସରପ୍ଲସ ନିର୍ମାଣ କରାନଯାଏ, ତାହେଲେ ସ୍ଥାନୀୟ ଚାଷୀ ପରମାନନ୍ଦ ଚିନ୍ଦା, କହଲ ସାଏ ମାଝୀ, ରେନୁ ମାଝୀ, ମଙ୍ଗଳ ମାଝୀ, ସୁନ୍ଦର ଲାଲ ମାଝୀ, ଟିକେ ସୁନ୍ଦର ଚିନ୍ଦା, ତୃପନ୍ ମାଝୀ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀଙ୍କ ଚାଷଜମି ପ୍ରଭାବିତ ହେବାର ଆଶଙ୍କା ରହିଛି। ଏନେଇ ବିଭାଗୀୟ ଯନ୍ତ୍ରୀ କିଶୋର କିଷାନଙ୍କୁ ପଚାରିବାରୁ ସୂଚନାଫଳକ ନିର୍ମାଣ କରି କାର୍ଯ୍ୟ ଠିକ୍ ଭାବେ କରିବା ସହ ଶୀଘ୍ର ସମାପ୍ତ କରିବାକୁ ସମ୍ପୃକ୍ତ ଠିକାଦାରଙ୍କୁ କହୁଛି ବୋଲି କହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ଦାବି ହେଉଛି।



## ଜିଲ୍ଲାପାଳଙ୍କୁ ଭେଟିଲା ସାମାଜିକ ସୁରକ୍ଷା ଅଧିକାରୀ ସଂଘ



ଦେବଗଡ଼,୨୩।୭(ସମିସ): ଓଡ଼ିଶା ସାମାଜିକ ସୁରକ୍ଷା ଅଧିକାରୀ ସଂଘର ଦେବଗଡ଼ ଜିଲ୍ଲା ସଦସ୍ୟମାନେ ଦେବଗଡ଼ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ଓ କ୍ୟାଡରଗତ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ କରିଥିବା ଏହି ପ୍ରତିନିଧି ଦଳରେ ଜିଲ୍ଲା ସାମାଜିକ ସୁରକ୍ଷାଅଧିକାରୀ ଶ୍ରୀନିବାସ ଜାନୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର କନିଷ୍ଠ ସହାୟକମାନେ ଉପସ୍ଥିତ ଥିଲେ। ସ୍ମାରକପତ୍ରରେ ବିଏସଏସଓମାନେ ନିଜର ମୂଳ ବିଭାଗୀୟ କାର୍ଯ୍ୟ ସହିତ ପର୍ଯ୍ୟଟନ, ଅର୍ଥ (କ୍ଷୁଦ୍ର ସଞ୍ଚୟ), ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ଭଳି ଅନ୍ୟ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଭାଗ ନୋଡାଲ ଅଫିସର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବାରୁ ଅତ୍ୟଧିକ ପ୍ରଶାସନିକ ଚାପର ସାମ୍ନା କରୁଛନ୍ତି। ଏଭଳି ବହୁମୁଖୀ ଦାୟିତ୍ୱ ନିର୍ବାହ କରୁଥିଲେ ମଧ୍ୟ ସେମାନଙ୍କ ଦରମା ହାର ପେ-ସ୍କେଲ ଲେଭଲ୍ ୯ରେ ଅପରିବର୍ତ୍ତିତ ରହିଛି; ଯେଉଁଠାରେ ଅନ୍ୟ ସମକକ୍ଷ ବ୍ଲକସ୍ତରୀୟ ପଦଗୁଡ଼ିକ ଲେଭଲ୍ ୧୦ କିମ୍ବା ଲେଭଲ୍ ୧୧ରୁ ସୁବିଧା ପାଉଛନ୍ତି। ତେଣୁ ସେମାନଙ୍କ ଦରମା ହାର ଲେଭଲ୍ ୧୦କୁ ବୃଦ୍ଧି କରିବା, ତୁରନ୍ତ କ୍ୟାଡର ପୁନର୍ଗଠନ କରିବା ଏବଂ ପଞ୍ଚାୟତସ୍ତରରେ ସ୍ୱତନ୍ତ୍ର ପଞ୍ଚାୟତ ସାମାଜିକ ସୁରକ୍ଷା ସହାୟକ ନିଯୁକ୍ତ କରିବାକୁ ଦାବି କରିଛନ୍ତି। ବାକି ଥିବା ଏମଏସଏପି ପ୍ରଦାନ,୨୦୧୪ ପୂର୍ବ କର୍ମଚାରୀଙ୍କ ପାଇଁ ନାସନାଲ ଇନକ୍ରିମେଣ୍ଟ ମଞ୍ଜୁର, ଜୁନିୟର ଆସିଷ୍ଟାଣ୍ଟମାନଙ୍କ ପାଇଁ ପଦୋନ୍ନତିର ସୁଯୋଗ ସୃଷ୍ଟି ଏବଂ ପ୍ରୋଗ୍ରାମ ଆସିଷ୍ଟାଣ୍ଟମାନଙ୍କ ସମସ୍ୟାର ସଂସ୍ଥାଗତ ସମାଧାନ ପାଇଁ ଆସୋସିଏସନ୍ ପକ୍ଷରୁ ଦାବି କରାଯାଇଛି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଦାବିପତ୍ରଟିକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବାକୁ ସଙ୍ଘ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛି। ଜିଲ୍ଲାପାଳ କବିନ୍ଦ୍ର ସାହୁ ସଂଘର ଦାବିପତ୍ରକୁ ଗ୍ରହଣ କରି ସରକାରଙ୍କୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଭୋଟର ତାଲିକା ପର୍ଯ୍ୟବେକ୍ଷକଙ୍କ ଦେବଗଡ଼ ଗସ୍ତ




ଦେବଗଡ଼, ୨୩।୭(ସମିସ): ଦେବଗଡ଼ ଜିଲ୍ଲାର ଭୋଟର ତାଲିକା ପର୍ଯ୍ୟବେକ୍ଷକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଦିନିକିଆ ଦେବଗଡ଼ ଜିଲ୍ଲା ଗସ୍ତ କରିଛନ୍ତି। ଏହି ଅବସରରେ ଡକ୍ଟର ଉପାଧ୍ୟାୟ ଭୋଟରମାନଙ୍କଠାରୁ ଦାବି ଓ ଆପତ୍ତି ଦାଖଲ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବିକାଶ ଭବନଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କବିନ୍ଦ୍ର ସାହୁ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ପରୀକ୍ଷିତ ସାହୁ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ସାଂସଦଙ୍କ ପ୍ରତିନିଧି, ବିଧାୟକଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଜିଲ୍ଲାରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଭୋଟର ତାଲିକା ପର୍ଯ୍ୟବେକ୍ଷକ ଏସ୍ଆଇଆର୍ ପାଇଁ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହାପରେ ସେ ତିଲେଇବଣି ବ୍ଲକ୍ ସୁଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଦେବଗଡ଼ ତହସିଲଦାରଙ୍କ ଦ୍ୱାରା ବୁଥ୍ ନମ୍ବର ୬୩, ୬୪, ୭୦, ୭୨, ୭୩, ୨୭୪, ୨୭୫ ଏବଂ ୨୭୬ ର ଦାବି ଓ ଆପତ୍ତିର ଶୁଣାଣି କରାଯାଇଥିଲା। ଏହି ଶୁଣାଣି ପ୍ରକ୍ରିୟାରେ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଉପସ୍ଥିତ ଭୋଟରମାନଙ୍କ ସହ ମଧ୍ୟ ମତ ବିନିମୟ କରିଥିଲେ।

## ସାପ୍ତାହିକ ବଜାର ଲୋକାର୍ପିତ



ଦେବଗଡ଼,୨୩।୭(ସମିସ): ରିଆମାଳ ବ୍ଲକ୍ ଗୁଣ୍ଡିଆପାଲି ପଞ୍ଚାୟତ ଗୋହିରା ଛକରେ ସାପ୍ତାହିକ ବଜାର ଲୋକାର୍ପିତ ହୋଇଛି। ଗୁଣ୍ଡିଆପାଲି ପଞ୍ଚାୟତ ସରପଞ୍ଚ ପ୍ରକାଶ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରିଆମାଳ ଥାନା ଅଧିକାରୀ ବିନୟ କେରକେଟ୍ଟା, ସମ୍ମାନିତ ଅତିଥି ଭାବେ ତେନ୍ତଲାବାହାଲ ପଞ୍ଚାୟତ ସରପଞ୍ଚ ବସନ୍ତ ବେହେରା ଓ ସାମାଜିକ କର୍ମୀ ପ୍ରଭାତ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ ସଭ୍ୟ, ସିଆରପି, ଏମବିକେ, ପ୍ରାଣୀମିତ୍ର, କୃଷିମିତ୍ର ଓ ଆଖପାଖ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ପେଣ୍ଡ୍ରାଖୋଲ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜିତେନ୍ଦ୍ରିୟ ସାମଲ ଓ କର୍ମଚାରୀ ରମେଶ ବାଘ ସହଯୋଗ କରିଥିଲେ।

## ବହୁମୁଖୀ କୃଷି ସମବାୟ ସମିତି ଉଦ୍‌ଘାଟିତ




ବୌଦ୍ଧ,୨୩।୭(ସମିସ): ବୌଦ୍ଧ ବ୍ଲକ୍ ଟିକରପଡା ପଞ୍ଚାୟତ କାର୍ଯ୍ୟାଳୟରେ ନୂତନ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ ହୋଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉପ ଜିଲ୍ଲାପାଳ ବିନୟ ଭୋଇ, ଉପ ନିବନ୍ଧକ ସମବାୟ ସମିତି ସମୂହ ଫକୀର ମୋହନ ବାଘ, ସମବାୟ ସଂଗଠକ ସୁବାସ ପ୍ରଧାନ, ସରପଞ୍ଚ ଝରଣା ଯାନି ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ବଘିଆପଡା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଟିକରପଡା ପଞ୍ଚାୟତ ରହିଥିବା ବେଳେ ଟିକରପଡା ପାଇଁ ନୂତନ ଭାବରେ ସ୍ୱତନ୍ତ୍ର ସମିତି ଗଠିତ ହୋଇଛି। ଏହା ପୂର୍ବରୁ ପଞ୍ଚାୟତର ଜାମୁଖୋଲ୍‌ରେ ଧଦଲାପଡା ସେବା ସମବାୟ ସମିତି ନାମରେ କାମ କରୁଥିଲା। ସରକାର ସମିତିକୁ ବନ୍ଦ କରି ବଘିଆ ପଡା ସମିତି ସହ ମିଶାଇ ଦେଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଟିକରପଡା ପଞ୍ଚାୟତର ଶତାଧିକ ଚାଷୀ ଯୋଗ ଦେଇଥିଲେ।

# ଆନ୍ଦୋଳନ ପରେ ମରାମତି ହେଲା ଝାରତରଭା ରାସ୍ତା

ତରଭା,୨୩।୭(ସମିସ)



ତରଭା ବ୍ଲକ୍ ଝାରତରଭା ରାସ୍ତା ଶେଷରେ ମରାମତି ହୋଇଛି। ଝାରତରଭାଗ୍ରାମର ରେଳ ଷ୍ଟେସନ ରାସ୍ତାରେ ସୋମବାରଠାରୁ ରାସ୍ତା ନିର୍ମାଣ ଦାବି ନେଇ ଗ୍ରାମବାସୀ ଗଛ ପକାଇ ରାସ୍ତା ରୋକ କରିଥିଲେ। ଏହା ଫଳରେ ମାସ୍ ବୟୋ ଫୁଏଲ ଇଥାନଲ କାରଖାନାକୁ ଯିବା ଆସିବା କରୁଥିବା ଶତାଧିକ ଭାରୀଯାନ ଅଟକି ରହିଥିଲା। ଗୁରୁବାର କାରଖାନା କର୍ତ୍ତୃପକ୍ଷ ରାସ୍ତା ମରାମତି ପାଇଁ ସହମତି ପ୍ରକାଶ କରିବାରୁ ମଧ୍ୟାହ୍ନରେ ଗ୍ରାମବାସୀ ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ। କାରଖାନା କର୍ତ୍ତୃପକ୍ଷ ଅସ୍ଥାୟୀ ଭାବେ ରାସ୍ତା ମରାମତି କରିଛି। ବର୍ଷା ପରେ ପିଡବ୍ଲ୍ୟୁଡି ତରଫରୁ ସମ୍ପୂର୍ଣ୍ଣ ରାସ୍ତାର ପିଚୁ କରାଯିବ।

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜ ପଥରୁ ଘାଟକଇଁତରା ନିକଟରେ ଥିବା ଝାରତରଭା ରେଳ ଷ୍ଟେସନ, ପାଣିମୁରା ମାସ୍ ବାୟୋ ଫୁଏଲ, ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକକୁ ସଂଯୋଗ କରୁଥିବା ରାସ୍ତା ସୋମବାର ଅପରାହ୍ନରୁ ଝାରତରଭା ଗ୍ରାମବାସୀଙ୍କ ପକ୍ଷରୁ ଅବରୋଧ କରାଯାଇଥିଲା। ରାସ୍ତାରେ କୌଣସି ଭାରୀଯାନ ଯିବାକୁ ଦିଆ ଯାଉ ନ ଥିଲା। ଏହି ରାସ୍ତା ଦେଇ ମାସ ବାୟୋ ଫୁଏଲ ଇଥାନଲ କାରଖାନାକୁ ପ୍ରତିଦିନ ଶହ ଶହ ଭାରୀଯାନ ଚଳାଚଳ କରିଥାଏ। ଏହାଫଳରେ କେବଳ ଲୋକଙ୍କ ଯିବା ଆସିବା ପାଇଁ ନିର୍ମାଣ ହୋଇଥିବା ରାସ୍ତାରେ ଶହ ଶହ କୁଇଣ୍ଟାଲ ବୋଝେଇ ମାଲ୍‌ବାହୀ ଟ୍ରକ୍, ଭାରୀଯାନ ଯିବା ଆସିବା କରୁଥିବାରୁ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି। ରାସ୍ତାର ଅନେକ ସ୍ଥାନରେ ବଡ ବଡ ଗାତ ସୃଷ୍ଟି ହୋଇଥିବାରୁ ସାଧାରଣ ଲୋକ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଜିଲ୍ଲା ପ୍ରଶାସନ ସମେତ ବିଭିନ୍ନ ସମୟରେ ବିଭିନ୍ନ ଅଧିକାରୀଙ୍କୁ ରାସ୍ତା ନିର୍ମାଣ, ମରାମତି ପାଇଁ ଅଭିଯୋଗ କରାଯାଇଛି; ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଧ୍ୟ ହୋଇ ଗ୍ରାମବାସୀ ରାସ୍ତାରେ ଗଛ ପକାଇ ରାସ୍ତା ରୋକ କରି ଧାରଣାରେ ବସିଥିଲେ। ଯେତେଦିନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆ ନ ଯାଇଛି ସେତେଦିନ ପର୍ଯ୍ୟନ୍ତ ରାସ୍ତା ରୋକ ଚାଲିବ ବୋଲି ଗ୍ରାମବାସୀ ଜିଦ ଧରିଥିଲେ। ରାସ୍ତା ରୋକ ହୋଇଥିବା ଖବର ପାଇ ତରଭା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇଥିଲା; କିନ୍ତୁ ଗ୍ରାମବାସୀ ଜିଦରେ ଅଟଳ ରହିଥିଲେ। ରାସ୍ତା ରୋକ ଚାଲିଥିବାରୁ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ମୁତୟନ ହୋଇଥିଲେ। ଆଜି କାରଖାନା କର୍ତ୍ତୃପକ୍ଷ ରାସ୍ତା ମରାମତି ଆରମ୍ଭ କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହାର କରି ନିଆଯାଇଥିଲା।

## ମନରେଗା କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

ବୌଦ୍ଧ,୨୩।୭(ସମିସ): ଓଡ଼ିଶା ସୋସାଇଟି ଫର୍ ସୋସିଆଲ୍ ଅଡିଟ୍, ଆକାଉଣ୍ଟିବିଲିଟି ଆଣ୍ଡ ଟ୍ରାନ୍ସପରେନ୍ସିର ନିର୍ଦ୍ଦେଶକ ନିହାର ରଞ୍ଜନ ସ୍ୱାଇଁ ଏବଂ ସୋସିଆଲ୍ ଅଡିଟ୍ ବିଶେଷଜ୍ଞ ପୁଷ୍ପାଞ୍ଜଳି ନିର୍ମିତ ଡମରଗାଡ଼ ଗ୍ରାମର ନିର୍ମାଣାଧୀନ ରାସ୍ତା କାମ ପରିଦର୍ଶନ କରି ଏହାର ଅଗ୍ରଗତି ଓ ଗୁଣବତ୍ତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଅପରାହ୍ନରେ ବୌଦ୍ଧ ପଞ୍ଚାୟତ ଭବନଠାରେ ମନରେଗାର




ସାଓ୍ୱତ ବୌଦ୍ଧ ଜିଲ୍ଲା ଗସ୍ତକରି ମନରେଗା ଓ ଭି ବି ଜି ରାମ୍ ଜି ଯୋଜନାର ବିଭିନ୍ନ କାର୍ଯ୍ୟର ସାମାଜିକ ସମୀକ୍ଷା କରିବାସହ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ପ୍ରଥମେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଉଭୟଙ୍କୁ ସ୍ୱାଗତ କରି ଜିଲ୍ଲାରେ ମନରେଗା ଯୋଜନାରେ ଚାଲିଥିବା କାର୍ଯ୍ୟ ଓ ହୋଇଥିବା ସାମାଜିକ ସମୀକ୍ଷା ବିଷୟରେ ଅବଗତ କରାଇଥିଲେ। ଗସ୍ତ ଅବସରରେ ନିର୍ଦ୍ଦେଶକ ପ୍ରଥମେ ବୌଦ୍ଧ ବ୍ଲକର ତାଲସରଡ଼ା ପଞ୍ଚାୟତ ପରିଦର୍ଶନ କରି ସରପଞ୍ଚ, ଜନପ୍ରତିନିଧି, ଭିଲେଜ୍ ରିସୋର୍ସ ପର୍ସନ ଓ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମନରେଗା ଅଧୀନରେ କାର୍ଯ୍ୟକାରୀ ବିଭିନ୍ନ ପ୍ରକଳ୍ପର ସାମାଜିକ ସମୀକ୍ଷା କରିଥିଲେ। ଯୋଜନାର ବିଭିନ୍ନ କେସ ରେକର୍ଡ, ରେଜିଷ୍ଟର ଯାଞ୍ଚ କରି ହିତାଧିକାରୀମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ପରେ ସେ ମନରେଗା ଯୋଜନାରେ ସାମାଜିକ ସମୀକ୍ଷା ସମ୍ପର୍କିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦଣ୍ଡସନା, ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ବୌଦ୍ଧ ବ୍ଲକ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ, ଯନ୍ତ୍ରୀ, ଏପିଓ, ବିଏସ୍ଏଓ ଭିଲେଜ୍ ରିସୋର୍ସ ପର୍ସନମାନେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦଣ୍ଡସେନା ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଡିଟ ଅଧିକାରୀ ପ୍ରବିର ମେହେର ପାୱାର ପଏଣ୍ଟ ମାଧ୍ୟମରେ ଜିଲ୍ଲାର ଭି ବି ଜି ରାମ୍ ଜି କାର୍ଯ୍ୟ ଅଗ୍ରଗତି ପ୍ରଦର୍ଶନ କରିଥିଲେ। ନିର୍ଦ୍ଦେଶକ ଶ୍ରୀ ସ୍ୱାଇଁ ସାମାଜିକ ସମୀକ୍ଷାକୁ ଗୁରୁତ୍ୱ ଦେଇ କହିଥିଲେ ଯେ, ସୋସିଆଲ୍ ଅଡିଟ୍ ହେଉଛି ଏକ ଫ୍ୟାକ୍ଟ ଫାଇଣ୍ଡିଂ ପ୍ରକ୍ରିୟା। ଏହା ମାଧ୍ୟମରେ ଯୋଜନାର କାର୍ଯ୍ୟାନ୍ୱୟନରେ ଥିବା ତ୍ରୁଟିଗୁଡ଼ିକୁ ଚିହ୍ନଟ କରାଯାଇ ସଂଶୋଧନ କରାଯାଇପାରିବ। ମନରେଗାରେ ବର୍ତ୍ତମାନ ନୂତନ ପ୍ରଯୁକ୍ତିର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆହୁରି ସୁଦୃଢ଼ ହୋଇଛି। ସେ କହିଥିଲେ ଯେ, ଏହି ଯୋଜନା କେବଳ ଗ୍ରାମାଞ୍ଚଳରେ ରୋଜଗାର ସୃଷ୍ଟି କରୁନାହିଁ ବରଂ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରି ଗ୍ରାମୀଣ ବିକାଶକୁ ମଧ୍ୟ ତ୍ୱରାନ୍ୱିତ କରୁଛି। ଜଳ ସଂରକ୍ଷଣ, ଜୀବିକା ବିକାଶ, ବିପର୍ଯ୍ୟୟ ପରିଚାଳନା, ଚାରାରୋପଣ ଭଳି କ୍ଷେତ୍ରରେ ମନରେଗା ଅଧୀନରେ ବୃହତ୍ ପ୍ରକଳ୍ପ ଗ୍ରହଣ କରାଯାଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ସମୀକ୍ଷାରୁ ଜଣାପଡ଼ିଥିଲା ଯେ, ବିଗତ ଆର୍ଥିକ ବର୍ଷରେ ବୌଦ୍ଧ ବ୍ଲକରେ ୫,୭୫,୯୯୪, ହରଭଙ୍ଗା ବ୍ଲକରେ ୩,୭୧,୩୪୭ ଏବଂ କଣ୍ଟାମାଳ ବ୍ଲକରେ ୫,୮୧,୮୩୦ ପର୍ସନ୍-ଡେ' ସୃଷ୍ଟି ହୋଇଥିବାବେଳେ ଜିଲ୍ଲାରେ ସର୍ବମୋଟ ୧୫,୨୯,୧୭୧ ପର୍ସନ୍-ଡେ' ସୃଷ୍ଟି ହୋଇଛି। ଏତଦ୍ ବ୍ୟତୀତ ଜିଲ୍ଲାର ବିଭିନ୍ନ ବ୍ଲକରେ ୮,୫୮୧ଟି ଏବଂ ବିଭିନ୍ନ ଲାଇନ୍ ବିଭାଗ ଅଧୀନରେ ୧,୧୩୬ଟି ପ୍ରକଳ୍ପ ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଛି। ସେହିପରି ଜିଲ୍ଲାର ୧,୦୦,୩୩୨ ଜଣ ମନରେଗା ଶ୍ରମିକଙ୍କ ମଧ୍ୟରୁ ୯୭,୩୧୬ ଜଣଙ୍କ ଆଧାର ଇ-କେୱାଇସି ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ସାମାଜିକ ସମୀକ୍ଷାକୁ ଆହୁରି ଫଳପ୍ରଦ କରିବା, ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଏବଂ ମନରେଗା ଯୋଜନାର ସୁଫଳ ଗ୍ରାମାଞ୍ଚଳର ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କ ପାଖରେ ପହଞ୍ଚାଇବା ଉପରେ ଅଡିଟ ଏକ୍ସପର୍ଟ ଶ୍ରୀମତୀ ସାବତ ବିଶେଷ ଗୁରୁତ୍ୱାରୋପ କରିଥିଲେ।

## ପାଗଳ କୁକୁର କାମୁଡ଼ାରେ ଶିଶୁ ଗୁରୁତର

ଜହ୍ନାପଙ୍କ,୨୩।୭(ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କରେ ଏକ ପାଗଳ କୁକୁର କାମୁଡ଼ାରେ ନାରାୟଣ ମିର୍ଦ୍ଧାଙ୍କ ପୁତ୍ର ରୋହନ ମିର୍ଦ୍ଧା (୮) ଗୁରୁତର ହୋଇଛି। ନାରାୟଣନଗରର ଏକ ଦୋକାନରୁ ସକାଳ ୭ଟାରେ ସେ ଖାଇବା ଜିନିଷ କିଣି ନେଇ ଯାଉଥିଲା। ଏହି ସମୟରେ ଏକ ପାଗଳା କୁକୁର ଖାଇବା ଜିନିଷ ଛଡ଼ାଇବା ପାଇଁ ତା ପାଖକୁ ଦୌଡ଼ି ଆସି ନେଇ ଯିବାକୁ ଚେଷ୍ଟା କରିଥିଲା। ଶିଶୁଟି ନ ଦେବାରୁ କୁକୁରଟି ଶିଶୁର ମୁହଁକୁ ମାଡି ଧରି ବସିଲା। ପାଖରେ କେହି ନ ଥିଲେ। ସ୍ଥାନୀୟ ଯୁବ ବ୍ୟବସାୟୀ ଶଙ୍କର ମେହେର ଓ ନବକିଶୋର ମେହେର ସେଠାରେ ପହଞ୍ଚି କୁକୁରଠାରୁ ଶିଶୁକୁ ବଞ୍ଚାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଜହ୍ନାପଙ୍କ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ନିଆ ଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନା ପଠା ଯାଇଥିବା ଜଣାପଡିଛି।

## ସ୍ୱତନ୍ତ୍ର ସଘନ ସଂଶୋଧନର ଅଚିହ୍ନିତ ଭୋଟରଙ୍କ ଶୁଣାଣି

ବୌଦ୍ଧ,୨୩।୭(ସମିସ): ବୌଦ୍ଧ ପୌର ପରିଷଦ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସଘନ ସଂଶୋଧନରେ ଅଚିହ୍ନିତ ରହିଯାଇଥିବା ୩ନଂ ଓ ୧୫ ନଂ ୱାର୍ଡର ଭୋଟରମାନଙ୍କ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏସଆଇଆର ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଚାନ୍ଦିନୀ ମେହେର ଏହି ଦୁଇ ୱାର୍ଡର ଭୋଟରଙ୍କ ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ବୌଦ୍ଧ ପୌର ପରିଷଦ ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ମଧ୍ୟ ଉପସ୍ଥିତ ରହି ଭୋଟରମାନଙ୍କ ପ୍ରମାଣ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ପୌର ପରିଷଦର ବୁଥସ୍ତରୀୟ ଅଧିକାରୀ, ଅଙ୍ଗନବାଡି କର୍ମୀମାନେ ମଧ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶ୍ରୀଜୀଉଙ୍କ କାଳୀୟଦଳନ ବେଶ



ବୌଦ୍ଧ,୨୩।୭(ସମିସ): ବୌଦ୍ଧରେ ଶ୍ରୀଜୀଉଙ୍କ କାଳୀୟ ଦଳନ ବେଶ କରାଯାଇଥିଲା। ଏହି ବେଶ ଅତ୍ୟନ୍ତ ମନୋରମ ଥିଲା। ଏହି କାଳୀୟ ଦଳନ ବେଶ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ବାନାମ୍ବର ମହାପାତ୍ର, କାହ୍ନୁଚରଣ ମିଶ୍ର, ଆଶୁତୋଷ ଦାଶ, ଶୁଭମ୍ ପୁରୋହିତ, ରୀତିଶ ମହାପାତ୍ର, ଅଭିଷେକ ବିଶି ପ୍ରମୁଖ ଶ୍ରୀଜୀଉଙ୍କୁ ବେଶ କରିଥିଲେ।

## ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଅବକାରୀ କାର୍ଯ୍ୟାଳୟ ପରିଦର୍ଶନ

ଝାରସୁଗୁଡ଼ା,୨୩।୭(ସମିସ): ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ଅବକାରୀ ଥାନା ଏବଂ ରେଞ୍ଜ କାର୍ଯ୍ୟାଳୟ ଗସ୍ତ କରି ବାର୍ଷିକ ସମୀକ୍ଷା ଓ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଅବକାରୀ ଅଧୀକ୍ଷକ ପ୍ରଭାତ ସେଠୀ ଉପସ୍ଥିତ ରହି ଏହି ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲ୍ଲାରେ ବେଆଇନ ମଦ ବେପାର ଓ ବିଭିନ୍ନ ଚୋରା ଚାଲାଣ ରୋକିବା ସହ ଅବକାରୀ ରାଜସ୍ୱ ସଂଗ୍ରହ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ସେ ଅବକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ନିଶା ଦ୍ରବ୍ୟର କାରବାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାପାଳ ସହର ଓ ଗ୍ରାମାଞ୍ଚଳରେ ନିୟମିତ ଭାବେ ଚଢ଼ଉ ଜାରି ରଖିବାକୁ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାରର ଭେଜାଲ କିମ୍ବା ବେଆଇନ ମଦ ଯେପରି ଜିଲ୍ଲାକୁ ପ୍ରବେଶ ନ କରେ ସେଥିପ୍ରତି କଡ଼ା ନଜର ରଖିବାକୁ କୁହାଯାଇଛି। ଏଥିସହିତ, ଜିଲ୍ଲାରେ ଥିବା ସମସ୍ତ ଲାଇସେନ୍ସପ୍ରାପ୍ତ ଅବକାରୀ ଦୋକାନଗୁଡ଼ିକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରିବା ଏବଂ ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ କରାଯାଇଥିବା ସମ୍ପୂର୍ଣ୍ଣ ଅବକାରୀ ରାଜସ୍ୱ ଲକ୍ଷ୍ୟ ହାସଲ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏତଦ୍‌ବ୍ୟତୀତ ଜିଲ୍ଲାରେ ଅବକାରୀ ବିଭାଗର ଭିତ୍ତିଭୂମିର ବିକାଶ ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି କିର୍ମିରା ଏବଂ କୋଲାବିରା ଅବକାରୀ ଥାନାକୁ ତୁରନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକୀୟ ଆକଳନ ପ୍ରସ୍ତୁତ କରି ବିଭାଗକୁ ପଠାଇବା ପାଇଁ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ କାର୍ଯ୍ୟାଳୟରେ ଖାଲିପଡ଼ିଥିବା ଆବଶ୍ୟକ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଅବକାରୀ କମିଶନରଙ୍କୁ ଚିଠି ଲେଖାଯିବ ବୋଲି ପ୍ରକାଶ ପାଇଛି।

ଏହି ପରିଦର୍ଶନ ସମୟରେ ଅବକାରୀ ବିଭାଗର ସମସ୍ତ ପ୍ରମୁଖ ରେକର୍ଡ, ରେଜିଷ୍ଟର ଏବଂ କାଗଜପତ୍ରର ମଧ୍ୟ ସମୀକ୍ଷା କରାଯାଇଥିଲା। ଯାଜ୍ଞସେନୀ ପ୍ରଧାନ, ଅବକାରୀ ନିରୀକ୍ଷକ ଝାରସୁଗୁଡା, ପୁଷ୍ପାଞ୍ଜଳି ମହାକୁଡ଼ ସେକ୍ସନ ଅଫିସର, ଜଗନ୍ନାଥ ସାହୁ କନିଷ୍ଠ କିରାଣୀ ଏବଂ ଅନ୍ୟ ସହ କର୍ମୀମାନେ ଉପସ୍ଥିତ ଥିଲେ।

## ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୩।୭(ସମିସ): ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ସଂସ୍କୃତି ଭବନ ପରିସରରେ ଏକ ଜିଲ୍ଲା ସ୍ତରୀୟ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ଆର୍ଥିକ କାରବାର ଓ ସଞ୍ଚୟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ଆହରଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ନିମନ୍ତ୍ରିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିସହିତ ସେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ନାଗେଶ୍ୱର ମୁର୍ମୁ ବେଆଇନ ଚିଟଫଣ୍ଡ ସଂସ୍ଥାଗୁଡ଼ିକର ଅପକାରିତା ଓ ସେଗୁଡ଼ିକରୁ ଦୂରେଇ



ରହିବା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ହରିଶ ସଜନାସ୍ତୁ ସାମ୍ପ୍ରତିକ ସମୟରେ ବୃଦ୍ଧି ପାଉଥିବା ସାଇବର ଅପରାଧ ଓ ସେଥିରୁ ନିଜକୁ ସୁରକ୍ଷିତ ରଖିବାର ଉପାୟ ସମ୍ବନ୍ଧରେ ସଚେତନ କରିଥିଲେ। ଅନ୍ୟପକ୍ଷରେ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ଅଧିକାରୀ ସୁମିତ୍ ପ୍ରମାଣିକ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା ଏବଂ ଅଟଳ ପେନସନ ଯୋଜନା ବାବଦରେ ଉପସ୍ଥିତ ସଦସ୍ୟାମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଝାରସୁଗୁଡ଼ା ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ଭାରତ ସରକାରଙ୍କର ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ଏବଂ ଡାକ ଜୀବନ ବୀମାର ସୁବିଧା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସମସ୍ତ ଅତିଥି ଓ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ବିଏମ୍‌ପୁରରେ ମନରେଗାର ଶେଷ ଶୁଣାଣି

ବୀରମହାରାଜପୁର,୨୩।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୈତ୍ରୀ ସଦନଠାରେ ଆର୍ଥିକ ବର୍ଷ (ପ୍ରଥମ ଚକ୍ର) ର ଜନ ଶୁଣାଣି ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାପରିଷଦ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ସାମାଜିକ ସମୀକ୍ଷକ ହୃଷିକେଶ ମହାକୁର ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଏହା ମନରେଗାର ଶେଷ ଜନଶୁଣାଣି ବୋଲି କହିଥିଲେ। ଏହାପରେ ନୂତନ ଆଇନ ଜି ଭି ଜି ରାମଜୀ ଲାଗୁ ହେବ। ତାହାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ।



ବୀରମହାରାଜପୁର ବ୍ଲକ ଜଣ ଶୁଣାଣି କମିଟିର ବରିଷ୍ଠ ସଦସ୍ୟ କିଶୋର ହୋତା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ହିତାଧିକାରୀମାନେ ଅଧିକ ଲାଭ ଉଠାଇ ପାରିବେ ବୋଲି ପ୍ରକାଶ କରିଥିଲେ। ମନରେଗା ବ୍ଲକ ଅଧିକାରୀ ଅମୃତାଂଶୁ ପାତ୍ର ସଭା ପରିଚାଳନା କରିଥିଲେ। ବ୍ଲକସ୍ତରୀୟ ସାମାଜିକ ସମୀକ୍ଷକ ଚୈତନ୍ୟ ମଲ୍ଲୀକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଜନଶୁଣାଣି ମାଧ୍ୟମରେ ଚିହ୍ନଟ ହୋଇଥିବା ବିଭିନ୍ନ ପ୍ରସଙ୍ଗ ଉପରେ ସ୍ୱଚ୍ଛ, ନିରପେକ୍ଷ ଏବଂ ଗଠନମୂଳକ ଆଲୋଚନା ହୋଇଥିଲା। ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଲୋଚନା ହୋଇଥିଲା। ବୀରମହାରାଜପୁର ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ସମାହିତ କାର୍ଯ୍ୟର ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ହିତାଧିକାରୀ, ସମସ୍ତ ଭିଆରପି, ଉଲୁଣ୍ଡା ବନଖଣ୍ଡ ଅଧିକାରୀ ଦେବରାଜ ଛତିରିଆ, ମନରେଗା ସହାୟକ, ସଞ୍ଜୟ ଦାସ, ଶାଇରାମ ମିଶ୍ରଙ୍କ ସମେତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ବ୍ଲକ ପଞ୍ଚାୟତ ଅଧିକାରୀ ସନାତନ ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ଦେବଗଡ଼,୨୩।୭(ସମିସ): ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ବିର୍ସା ମୁଣ୍ଡା ଛକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଦିଲ୍ଲୀରେ ନିରିହ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ର ଦମନଲୀଳା ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ଦିଲ୍ଲୀରେ ଗିରଫ ଓ ଭୁବନେଶ୍ୱରଠାରେ ପିସିସି ସଭାପତିଙ୍କୁ ଗିରଫ ପ୍ରତିବାଦରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବାସହ ସେମାନଙ୍କ ଇସ୍ତଫା ଦାବି କରି ଏହି କୁଶ ପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେବତୀ ମୋହନ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ଜିତେନ୍ଦ୍ର ବେହେରା, ଜିଲ୍ଲା ସମ୍ପାଦକ ଗୋଲେଖ ନାଏକ,



ଜିଲ୍ଲା କଂଗ୍ରେସ ସମ୍ପାଦକ ସୁଶୀଲ ମାଝୀ, ଏସସି ସେଲ୍ ସଭାପତି ରମେଶ ଚନ୍ଦ୍ର ବେହେରା, ଏସଟି ସେଲ୍ ସଭାପତି ସୁଶୀଲ ଗୁରିଆ, ସନ୍ତୋଷ ଉଦବାର, ଦୁଃଖବନ୍ଧୁ ମୁଣ୍ଡା, ଅଜାନୁ ଉଦାବର, ରାଜେଶ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



### ବିଜେଡିରେ ସୁଜାତାଙ୍କ ଏଣ୍ଟ୍ରିପରେ ବଢ଼ିଛି ପ୍ରଭାତୀଙ୍କ ମହିଳା ପ୍ରୀତି

# ଅଙ୍ଗନାବାଡ଼ି ସମ୍ପର୍କିତ ସବୁ ଦାବିପୂରଣ ପାଇଁ ଦେଲେ ପ୍ରତିଶ୍ରୁତି

**ଭବାନୀପାଟଣା, ୨୩।୭ (ସମିସ)**

ନିର୍ବାଚିତ ହେବାର ଦୁଇବର୍ଷ ପୂରିଛି କି ନାହିଁ, ସରକାର ବିରୋଧୀ ହାୱା ଧୀରେ ଧୀରେ ଶାସକ ବିଜେପି ଦଳକୁ ଅଣନିଃଶ୍ୱାସୀ କରୁଛି । ଯେଉଁ ମୁଦ୍ଦା ନେଇ ଶାସନକୁ ଆସିଥିଲେ ସେଥିରେ ବିଫଳତାକୁ

### ଆଗକୁ ପୌର ଓ ପଞ୍ଚାୟତ ନିର୍ବାଚନ: ଟାର୍ଗେଟରେ ମହିଳା ଭୋଟର

### ଉପମୁଖ୍ୟମନ୍ତ୍ରୀଙ୍କ ଦୁଇଦିନିଆ କଳାହାଣ୍ଡି ଗସ୍ତ: ବୁଲିଗଲେ ନାହିଁ ପର୍ଯ୍ୟଟନ ସ୍ଥଳ

ରାଜ୍ୟବାସୀ ଆନୁଭବ କରିସାରିଲେଣି । ଚାଷୀ ସମସ୍ୟା ହେଉ କି ପାଠ୍ୟ ପୁସ୍ତକର ତ୍ରୁଟି ଏକ ଜାତୀୟ ଦୁଃସମ୍ବାଦ ପାଲଟିଯାଇଛି । ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବା କାରଣରୁ ବିରୋଧୀ ଚର୍ଚ୍ଚା କରୁଥିବାବେଳେ ସାଧାରଣ ଭୋଟର ନାଡ଼ି ଚିପି ବିଜେପିର ଶକ୍ତି ସାମର୍ଥ୍ୟ ଓ ଆୟୁଷକୁ ଆକଳନ କରିବା ଆରମ୍ଭ କରିଛନ୍ତି । ସେ ଭିତରେ ମହିଳା ସଶକ୍ତିକରଣ ଓ ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ନୂତନ ଦିଗନ୍ତ ସୃଷ୍ଟି କରିଥିବା ପୂର୍ବତନ ମିଶନଶକ୍ତି ନିର୍ଦ୍ଦେଶିକା ସୁଜାତା ରାଉତ ବିଜେଡିରେ ଯୋଗ ଦେବା ପରେ ବିଜେପି ସରକାର ବିବ୍ରତ ଓ ଛାନିଆ ହୋଇପଡ଼ିଛି । ସେଇଥିପାଇଁ ମହିଳାଙ୍କୁ ନିଜ ସପକ୍ଷକୁ ଆଣିବାକୁ, ଆଗାମୀ ପଞ୍ଚାୟତ ନିର୍ବାଚନରେ ମହିଳା ଭୋଟ ହାତେଇବାକୁ ବିଭିନ୍ନ ଜିଲ୍ଲା ଗସ୍ତ କରି ମିଶନଶକ୍ତି, ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି ମହିଳା ଓ ଶିଶୁ ବିକାଶ, ମିଶନଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ବାରିପଦା ଗସ୍ତ ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଗତକାଲି ମିଶନଶକ୍ତିର କର୍ମକର୍ତ୍ତା, ବ୍ଲକସ୍ତରୀୟ ମହାସଂଘର କର୍ମକର୍ତ୍ତାଙ୍କ ସହିତ ମତ ବିନିମୟ କରିଥିବାବେଳେ ଆଜି ଦ୍ୱିତୀୟ ଦିନ ଗସ୍ତ କାର୍ଯ୍ୟକ୍ରମ ମଧ୍ୟ ମହିଳାଙ୍କ ଉପରେ ଫୋକସ୍ କରିଛନ୍ତି । ଆଜି ସେ ଅଙ୍ଗନବାଡ଼ି କର୍ମୀ ଓ ସୁପରଭାଇଜରମାନଙ୍କ ସହ ଏକ ବିସ୍ତୃତ ସମୀକ୍ଷା ଓ ଆଲୋଚନା ସଭାରେ ସାମିଲ ହେବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଏବଂ ସବୁ ଦାବି ଯୁକ୍ତିସଂଗତ ତେଣୁ ସମଯୋପଯୋଗୀ ପଦକ୍ଷେପ ଗ୍ରହଣ କରାଯିବବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଅଙ୍ଗନବାଡ଼ି




କର୍ମୀମାନେ ବର୍ଦ୍ଧିତ ଅଣ୍ଡା ଦର ସହିତ ସୁକ୍ଷମ ଖାଦ୍ୟ ପରିଚାଳନାରେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ନିଜର ଦରମା, ଭତ୍ତା ବୃଦ୍ଧି, ନିଯୁକ୍ତି ସ୍ଥାୟୀ କରିବା, ଅବସର ସମୟରେ ପାଞ୍ଚଲକ୍ଷ ଟଙ୍କା ପ୍ରଦାନ ଆଦି ଦାବି ଉପସ୍ଥାପନ କରିଥିଲେ । ସଭାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଅନନ୍ତ ନାରାୟଣ ସିଂହ ଲାଗୁରୀ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ ନିଶାଙ୍କ ସମେତ ବିଭିନ୍ନ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ । ସେହିପରି ଶ୍ରୀମତୀ ପରିଡ଼ା ଆଜି ସନ୍ଧ୍ୟାରେ ଦଳୀୟ କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଆୟୋଜିତ ସଭାରେ ଜିଲ୍ଲା ବିଜେପି ସଭାପତି ଯୁଗଳ ପୋଦ୍ଦାର ଅଧ୍ ଅଧକ୍ଷତାକରିଥିବାବେଳେ ସମ୍ପାଦକ ଲୋକନାଥ ଦୁର୍ଗା ପରିଚାଳନା କରିଥିବା ଜଣାପଡ଼ିଛି ।

### କାର୍ଗିଲ ସହିଦଙ୍କ ପରିବାରକୁ ୬୭୪ଟି ଚିଠି

# ସହିଦଙ୍କ ସ୍ମୃତିରେ ନିଆରା ପ୍ରୟାସ

**ଭବାନୀପାଟଣା, ୨୩।୭ (ସମିସ):** କାର୍ଗିଲ ବିଜୟ ଦିବସ ଅବସରରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ୬୭୪ ଜଣ କାର୍ଗିଲ ସହିଦଙ୍କ ପରିବାର ପ୍ରତି କୃତଜ୍ଞତା, ସମ୍ମାନ ଓ ସମବେଦନା ଜଣାଇବା ପାଇଁ ରାଜ୍ୟସଭା ସାଂସଦ ସୁଜିତ କୁମାର ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି । ତାଙ୍କ ପ୍ରୟାସରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କାର୍ଗିଲ ସହିଦଙ୍କ ପରିବାରଙ୍କ ଉଦ୍ଦେଶ୍ୟରେ ୬୭୪ଟି ହସ୍ତଲିଖିତ ଚିଠି ଲେଖିଛନ୍ତି । ଆସନ୍ତା ୨୬ରେ ସମଗ୍ର ଦେଶ କାର୍ଗିଲ ବିଜୟ ଦିବସ ପାଳନ କରିବାକୁ ଯାଉଥିବାବେଳେ ଏହି ଅଭିଯାନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସହିଦଙ୍କ ବଳିଦାନକୁ ସ୍ମରଣ କରିବା ସହିତ ସେମାନଙ୍କ ପରିବାର ପ୍ରତି କୃତଜ୍ଞତା ଓ ସମ୍ମାନ ପ୍ରକାଶ କରିଛନ୍ତି । ଚିଠିଗୁଡ଼ିକ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ଲେଖାଯାଇଛି । ଏଭଳି ଏକ ଜାତୀୟ ଦାୟିତ୍ୱରେ ସାମିଲ ହୋଇପାରି ଛାତ୍ରଛାତ୍ରୀମାନେ ଗର୍ବ ଓ ଆନନ୍ଦ ପ୍ରକାଶ କରିଛନ୍ତି । ଏହି ଅବସରରେ ରାଜ୍ୟସଭା ସାଂସଦ ଶ୍ରୀ ସୁଜିତ କୁମାର କହିଛନ୍ତି, 'କାର୍ଗିଲ ଯୁଦ୍ଧରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ସହିଦମାନଙ୍କ ସ୍ମୃତିକୁ ଆମେ ପ୍ରତିବର୍ଷ କାର୍ଗିଲ ବିଜୟ ଦିବସରେ ଶ୍ରଦ୍ଧାର ସହ ସ୍ମରଣ କରୁ । କିନ୍ତୁ ଯେଉଁ ପରିବାର ଦେଶ ପାଇଁ ନିଜ ପୁଅ, ସ୍ୱାମୀ କିମ୍ବା ଭାଇଙ୍କୁ ହରାଇଛନ୍ତି, ସେମାନଙ୍କ ପ୍ରତି କୃତଜ୍ଞତା ଓ ସମ୍ମାନ ପ୍ରକାଶ କରିବା ମଧ୍ୟ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ । ଛାତ୍ରଛାତ୍ରୀଙ୍କ ଏହି ଚିଠିଗୁଡ଼ିକ କେବଳ ଶବ୍ଦ ନୁହେଁ, ବରଂ ନୂତନ ପିଢ଼ିର ଶ୍ରଦ୍ଧା, କୃତଜ୍ଞତା ଓ ଜାତୀୟତାର ଭାବନାର ପ୍ରତିଫଳନ ।' ସାଂସଦଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଅଭିଯାନ ପାଇଁ ପୂର୍ବରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା ।




ଏଥିରେ ସାଂସଦଙ୍କ ପୋଷ୍ୟ ବିଦ୍ୟାଳୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଟାଙ୍ଗପଦର; ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସଗଡ଼ା ସମେତ କଳାହାଣ୍ଡି ଜିଲ୍ଲାର ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣାର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି ନିଆରା ପ୍ରୟାସ ମାଧ୍ୟମରେ କେବଳ ସହିଦଙ୍କ ପରିବାର ପ୍ରତି ସମ୍ମାନ ପ୍ରକାଶ କରାଯାଇନାହିଁ, ବରଂ ନୂତନ ପିଢ଼ି ମନରେ ଦେଶପ୍ରେମ, କୃତଜ୍ଞତା ଓ ବଳିଦାନର ମୂଲ୍ୟବୋଧକୁ ମଧ୍ୟ ସୁଦୃଢ଼ କରିବାର ଏକ ସାର୍ଥକ ପ୍ରୟାସ କରାଯାଇଛି ।

### ବିଦ୍ୟୁତ୍ ଆଘାତରେରେ ମୃତ୍ୟୁ ମାମଲାର ରାଏ ପ୍ରକାଶ

## ଦୁଇ ଫାର୍ମ କର୍ମଚାରୀଙ୍କୁ ୬ ମାସ ଜେଲ୍ ଦଣ୍ଡ ଓ ୫ ହଜାର ଜରିମାନା

**କେସିଙ୍ଗା, ୨୩।୭ (ସମିସ):** ୧୦ ବର୍ଷ ତଳେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅମାଠ ଛକରେ ଥିବା ବେହେରା କୁକୁଡ଼ାଫାର୍ମରେ ବିଦ୍ୟୁତ୍ ଆଘାତରେ କର୍ମଚାରୀ ରାଜେନ୍ଦ୍ର ପ୍ରଧାନୀଙ୍କ ମୃତ୍ୟୁ ଘଟଣାର କେସିଙ୍ଗା ଜେଏମ୍ଏଫସି କୋର୍ଟରେ ରାୟ ପ୍ରକାଶ ପାଇଛି । କେସିଙ୍ଗା ଥାନାରେ ପୁଲିସ ମୃତ୍ୟୁ ଘଟଣାର ତଦନ୍ତ କରି ଅଦାଲତ ରେ ଚାର୍ଜସିଟ ଦାଖଲ କରିଥିଲା । ସାକ୍ଷ୍ୟ ପ୍ରମାଣକୁ ଆଧାରକରି ମାନ୍ୟବର କୋର୍ଟ ଫାର୍ମରେ କାର୍ଯ୍ୟରତ ଦୁଇ କର୍ମଚାରୀ ରବୀନ୍ଦ୍ର କୁମାର ତ୍ରିପାଠୀ ଓ ରାମ ଗୋପାଳ ଦାସଙ୍କ କାର୍ଯ୍ୟରେ ଅବହେଳା ଯୋଗୁଁ ରାଜେନ୍ଦ୍ର ପ୍ରାଧାନୀଙ୍କ ମୃତ୍ୟୁ ଘଟିଥିବା ସାକ୍ଷୀ ପ୍ରମାଣରୁ ସାବ୍ୟସ୍ତ ହେବାପରେ ବୁଧବାର ଦିନ ରାଏ ପ୍ରକାଶ କରି ଦଣ୍ଡ ପ୍ରକାଶ କରିଥିଲେ । ଦୁଇ ଜଣ ଅଭିଯୁକ୍ତଙ୍କୁ ୬ ମାସ ଜେଲ ଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଶୁଣାଇବା ସହିତ ଜରିମାନା ଅନାଦାୟ ହେଲେ ଆହୁରି ୧ ମାସ ଅଧିକ କାରାଦଣ୍ଡ ହେବ ବୋଲି ରାଏରେ ଉଲ୍ଲେଖ ରହିଛି । ସରକାରଙ୍କ ପକ୍ଷରୁ ଉକ୍ତ ମାମଲାକୁ ସହକାରୀ ସରକାରୀ ଓକିଲ ସନ୍ତୋଷ କୁମାର ଦାସ ପରିଚାଳନା କରିଥିଲେ ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଖଡ଼ିଆଳ, ୨୩।୭ (ସମିସ):** ଖଡ଼ିଆଳସ୍ଥିତ କଲ୍ୟାଣମଣ୍ଡପ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସରକାରୀ ସହାୟତା ଓ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧା ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା । ଶିବିରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କର ପଞ୍ଜୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ଭିନ୍ନକ୍ଷମତା ପ୍ରମାଣପତ୍ର ପାଇଁ ଯାଞ୍ଚ ସହ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଆବଶ୍ୟକତା ଅନୁଯାୟୀ ସହାୟକ ଉପକରଣ ପ୍ରଦାନ ପାଇଁ ମଧ୍ୟ ଆବେଦନ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଉପାଧ୍ୟକ୍ଷ ଗୌତମ ତାଣ୍ଡି, ବିଡିଓ ମିଳନ କୁମାର ଝାଙ୍କର, ବିଏସ୍ଏସ୍ଓ କୁମର ମାଝୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ସମାଜସେବୀ ଅକ୍ଷୟ ନନ୍ଦ, ସମାଜ ମଙ୍ଗଳ ବିଭାଗର ଅଧିକାରୀ ଓ ବହୁ ସଂଖ୍ୟାରେ ଭିନ୍ନକ୍ଷମ ବ୍ୟକ୍ତି ଏବଂ ସେମାନଙ୍କ ପରିବାର ସଦସ୍ୟ ଉପସ୍ଥିତ ରହିଥିଲେ । ଶିବିରକୁ ସଫଳ କରିବା ପାଇଁ ସମ୍ପୃକ୍ତ ବିଭାଗର କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ ।

## ୩୦ ଲିଟର ମଦ ଜବତ ; ଜଣେ ଗିରଫ

**କୋକସରା, ୨୩।୭ (ସମିସ) :** କୋକସରା ଅବକାରୀ ପୁଲିସ ପକ୍ଷରୁ ୩୦ ଲିଟର ଦେଶୀ ମଦ ଓ ଗୋଟିଏ ବାଇକ୍ ଜବତ ହେବା ସହ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ସିଉନି ଗ୍ରାମର ପ୍ରମୋଦ ମାଝୀ (୪୦) । ସୂଚନାଯୋଗ୍ୟ, ଗୁରୁବାର ପ୍ରମୋଦ ଆମପାଣି ପଟୁ ଏକ ବାଇକ୍‌ରେ ମଦ ନେଇ ଆସୁଥିବା ବେଳେ ଅବକାରୀ ପୁଲିସ ସିଉନୀ ନିକଟସ୍ଥ ୨୬ ନମ୍ବର ଜାତୀୟ ରାଜପଥ ଉପରେ ଚଢ଼ଉ କରି ତାଙ୍କୁ ଧରିଥିଲା । ତାଙ୍କ ପାଖରୁ ୩୦ ଲିଟର ଦେଶୀ ମଦ ସହ ବାଇକ୍ ଜବତ କରାଯାଇଛି । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ କୋକସରା ଅବକାରୀ ଓଆଇସି ଗୁପ୍ତେଶ୍ୱର ପୁଟେଲ ସୂଚନା ଦେଇଛନ୍ତି ।

## ନିଃଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷାଧିକାର ଆଇନ ସମ୍ପର୍କରେ ସଚେତନତା

**ଥୁଆମୂଳ ରାମପୁର, ୨୩।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଡୁମେରପଦର ସରକାରୀ ଉଚ୍ଚ ବିଦ୍ୟାଳୟରେ 'ଜେ.ଜେ.(ସିପିସି) ଆଇନ' ଏବଂ 'ନିଃଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ' ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜେ.ଏମ୍.ଏଫ୍.ସି. ମାଜିଷ୍ଟ୍ରେଟ ଏବଂ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଡ. ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଭିଭାବକମାନେ ଯୋଗଦେଇ ଆଇନ ସମ୍ପର୍କିତ ବିଭିନ୍ନ ତଥ୍ୟ ଅବଗତ ହୋଇଥିଲେ । ଡ. ତାରିଣୀ ପ୍ରସାଦ ସାହୁ କହିଥିଲେ ଯେ, ପ୍ରତ୍ୟେକ ଶିଶୁଙ୍କ ସୁରକ୍ଷା, ଶିକ୍ଷା ଓ ଅଧିକାର ସୁନିଶ୍ଚିତ କରିବା ସମାଜର ସାମୂହିକ ଦାୟିତ୍ୱ । କିଶୋର ନ୍ୟାୟ ଆଇନ ଶିଶୁମାନଙ୍କ ସୁରକ୍ଷା ଓ ପୁନର୍ବାସ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ, ଶିକ୍ଷାଧିକାର ଆଇନ ଅନୁଯାୟୀ ପ୍ରତ୍ୟେକ ଶିଶୁଙ୍କୁ ନିଃଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ଶିଶୁଙ୍କ ଅଧିକାର, ଶିଶୁ ସୁରକ୍ଷା, ଶିଶୁ ନିର୍ଯାତନା ରୋକଥାମ, ବାଲ୍ୟ ବିବାହ, ଶିଶୁ ଶ୍ରମ ନିବାରଣ ଏବଂ ଶିକ୍ଷାର ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆଇନଜୀବୀ ଦିଲ୍ଲୀପ କୁମାର ନାଏକ, ପିପି ସୁଧାଂଶୁ ନାଏକ ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଏହି ସମ୍ବନ୍ଧରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । କର୍ତ୍ତବ୍ୟ ଅନୁଷ୍ଠାନର ସଂଯୋଜକ ସୁଦର୍ଶନ ନାଏକ ମଞ୍ଚ ପରିଚାଳନା କରିଥିବାବେଳେ, କୋର୍ଟର ବରିଷ୍ଠ କିରାଣି ଅଶୋକ କୁମାର ସାହୁ, ଜିମି ବେହେରା କୋର୍ଟ କର୍ମଚାରୀ ଏବଂ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିପୂର୍ବରୁ ବନବିଭାଗ ଏବଂ ଜେ.ଏମ୍.ଏଫ୍.ସି.ର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଚାରା ରୋପଣ ଅନୁଷ୍ଠିତ ହୋଇଥିଲା । ମାଜିଷ୍ଟ୍ରେଟ ଡ. ସାହୁ ଚାରାରୋପଣ କରି ପରିବେଶର ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଥୁଆମୂଳ ରାମପୁର ଦକ୍ଷିଣ ବନାଞ୍ଚଳ ଅଧିକାରୀ ତ୍ରିନାଥ ନାଥ ସେଠୀ, ସାମ୍ବାଦିକ ପ୍ରଦୀପ କୁମାର ପଣ୍ଡା, ସାମ୍ବାଦିକ କୈଳାସ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ ।

### ଇଟା ଭାଟିରେ ମହିଳା ଶ୍ରମିକ ଓ ୩ ଶିଶୁ ବନ୍ଧକ ଘଟଣା

## ଆନ୍ଧ୍ରପ୍ରଦେଶ ପାଲନାଡୁ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କଲା ଏନ୍‌ଏଚ୍‌ଆର୍‌ସି

**ଭବାନୀପାଟଣା, ୨୩।୭ (ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଭାଟେଲ ଗାଁର ଦାଦନଶ୍ରମିକ ରିଙ୍କୁ ଝରାଙ୍କ ସ୍ତ୍ରୀ ଓ ତିନି ସନ୍ତାନ ଆନ୍ଧ୍ରପ୍ରଦେଶ ରାଜ୍ୟ ପାଲନାଡୁ ଜିଲ୍ଲା ମଚରଲା ନେହେରୁ ନଗର ଇଟା ଭାଟିରେ ବନ୍ଧକ ରହିବା ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନ ପାଲନାଡୁ ଜିଲ୍ଲାର ଜିଲ୍ଲାପାଳଙ୍କୁ ନୋଟିସ ଜାରି କରିଛନ୍ତି । ୮ ସପ୍ତାହ ମଧ୍ୟରେ ସବିଶେଷ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ; ଭାଟେଲ ଗାଁର ଦାଦନଶ୍ରମିକ ରିଙ୍କୁ ଝରା ତାଙ୍କ ପରିବାର ସହିତ ମଚରଲା ନେହେରୁ ନଗରସ୍ଥିତ ମହେଶ ନାମକ ମାଲିକଙ୍କ ଇଟା ଭାଟିରେ କାମ କରିବା ପାଇଁ କଣ୍ଟାବାଞ୍ଜି ଅଞ୍ଚଳର ଦାଦନ ସର୍ଦ୍ଦାର ଗଣେଶ ବାଗଙ୍କ ଜରିଆରେ ୨୦୨୫ ନଭେମ୍ବର ମାସରେ ଯାଇଥିଲେ । ସେଠାରେ ତାଙ୍କର ଦେହ ଖରାପ ହେବାରୁ ମାଲିକକୁ ଛୁଟି ମାଗିଥିଲେ ମଧ୍ୟ ମାଲିକ ଛୁଟି ନଦେଇ ତାଙ୍କଠାରୁ ଅଗ୍ରିମ ଅର୍ଥ ଫେରସ୍ତ ନେବା ସହିତ ରିଙ୍କୁ ର ସ୍ତ୍ରୀ ଏବଂ ତିନି ସନ୍ତାନଙ୍କୁ ବନ୍ଧକ ରଖି ରିଙ୍କୁଙ୍କୁ ଛାଡ଼ି ଦେଇଥିଲା । ଘରେ ପହଞ୍ଚିବା ପରେ ରିଙ୍କୁ ଡିସେମ୍ବର ୮ ତାରିଖରେ ଶ୍ରମ ବିଭାଗ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ରିଙ୍କୁ ଝରାଙ୍କ କରୁଣ କାହାଣୀ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାନବ ଅଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ବନ୍ଧକ ଥିବା ମହିଳା ଓ ଶିଶୁମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ । କମିଶନ ଏହି ମାମଲାକୁ ପଞ୍ଜିକରଣ କରି ୨୨ ଜୁଲାଇରେ ଶୁଣାଣି କରିଥିଲେ ଏବଂ ପାଲନାଡୁ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ବନ୍ଧକ ଶ୍ରମିକ ପ୍ରଥା ଉଚ୍ଛେଦ ଆଇନ -୧୯୭୬ର ଧାରା ୧୦ ଅନୁଯାୟୀ ତଥା ନିକଟ ଅତୀତରେ ୧୪ /୫/୨୦୧୬ ରେ ଶ୍ରମ ମନ୍ତ୍ରାଳୟ ଦ୍ୱାରା ଜାରି ହୋଇଥିବା ସଂଶୋଧିତ ଏସ୍‌ଓପି (ନିର୍ଦ୍ଧାରିତ କାର୍ଯ୍ୟାନ୍ୱୟନ ପଦ୍ଧତି) ର ନିୟମାବଳୀ ଅନୁସାରେ ତୁରନ୍ତ ଏହି ଅଭିଯୋଗ ସମ୍ବନ୍ଧରେ ତଦନ୍ତ କରିବା ସହିତ ବନ୍ଧକ ଥିଲେ ନିୟମାନୁଯାୟୀ କାର୍ଯ୍ୟପନ୍ଥା ଗ୍ରହଣ କରନ୍ତୁ ଏବଂ ତଦନ୍ତ ବିବରଣୀ ସହିତ ସବିଶେଷ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ୮ ସପ୍ତାହ ମଧ୍ୟରେ ମାନବାଧିକାର କମିଶନଙ୍କ ନିକଟରେ ଦାଖଲ କରନ୍ତୁ । ବନ୍ଧକ ଶ୍ରମିକ ବାବଦ ରେ ତଦନ୍ତ ସମୟରେ ସୁପ୍ରିମ କୋର୍ଟଙ୍କ ଦ୍ୱାରା ସମୟକୁ ସମୟ ଦିଆଯାଇଥିବା ନିର୍ଦ୍ଦେଶ ଏବଂ ଜାତୀୟ ମାନବାଧିକାର କମିଶନ ଜାରି କରିଥିବା ଉପଦେଶାବଳୀକୁ ଅନୁପାଳନ କରି ସମସ୍ତ ଶ୍ରମିକ ମାନଙ୍କଠାରୁ ବୟାନ ସଂଗ୍ରହ କରି ତୁରନ୍ତ 'ଇ - ଶ୍ରମ' ପୋର୍ଟାଲ ରେ ପଞ୍ଜିକରଣ କରିବା ସହିତ କମିଶନଙ୍କ ନିକଟରେ ସବିଶେଷ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ଅନ୍ତ୍ୟୋଦୟ ଗୃହ ଯୋଜନା

## ପ୍ରଥମ କିସ୍ତିକୁ ବଣ୍ଟିନେଇଥିବା ଅଭିଯୋଗ

**ମ.ରାମପୁର, ୨୩।୭ (ସମିସ):** ଗରିବଙ୍କ ପାଇଁ ଯୋଜନା ହେଉଛି ସତ, କିନ୍ତୁ ଯୋଜନାଗୁଡ଼ିକରୁ ଅନ୍ୟମାନେ ଲାଭ ଉଠାଉଥିବା ଦେଖିବାକୁ ମିଳିଛି । ଗୃହହୀନଙ୍କୁ ଗୃହ ଯୋଗାଇ ଦିଆଯାଉଛି, ଅର୍ଥ ପାସ୍ ବହିରେ ଜମା ହେଉଛି, ପାସ୍ ବହିରୁ ଚଞ୍ଚକତା କରି ଟଙ୍କା ହଡ଼ପ ବି ହୋଇଯାଉଛି । ଏଭଳି ଏକ ଅଭିଯୋଗ ଆସିଛି କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଉର୍ଲାଦାନୀ ଗ୍ରାମ ପଞ୍ଚାୟତରୁ । ପ୍ରାପ୍ତ ସୂଚନା ମୁତାବକ, ଉର୍ଲାଦାନୀ ପଞ୍ଚାୟତର ନାଗଝିରି ଗ୍ରାମର ବିକଳାଙ୍ଗ ଜ୍ଞାନଦେଇ ପାତ୍ରଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଏକ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଛି । ଜୁନ୍ ୬ /୨୦୨୬ ରେ ମିଳିଥିବା ଏହି କାର୍ଯ୍ୟାଦେଶ ସହିତ ଜୁଲାଇ ୭ ତାରିଖ ଦିନ ପ୍ରଥମ କିସ୍ତିର ଅର୍ଥ ୪୦୦୦୦/- ତାଙ୍କ ବ୍ୟାଙ୍କ ପାଶ୍ ବହିରେ ଜମା ହୋଇଛି । କିନ୍ତୁ ହିତାଧିକାରୀଙ୍କ ଭାଇ ନିତ୍ୟାନନ୍ଦ ଜ୍ଞାନଦେଇଙ୍କୁ ପାଶ୍ ବହିରେ ଟଙ୍କା ପଡ଼ିଛି ଏବଂ ମୋବାଇଲ ନମ୍ବର ଲିଙ୍କ୍ କରିବାକୁ ପଡ଼ିବ କହି ତାଙ୍କୁ ବ୍ୟାଙ୍କ ଆଣି ତାଙ୍କରି ଫିଙ୍ଗର ପ୍ରିଣ୍ଟ ସହିତ ନିତ୍ୟାନନ୍ଦ ନିଜର ମୋବାଇଲ ନମ୍ବର ଲିଙ୍କ୍ କରେଇ ଜୁଲାଇ ୭ ତାରିଖରେ ୫୦୦୦/-, ଜୁଲାଇ ୮ ତାରିଖରେ ଦୁଇଥର ୫୦୦୦ ଓ ଆଉଥରେ ୨୫୦୦୦/- ଏବଂ ଜୁଲାଇ ୧୦ ତାରିଖରେ ୫୦୦୦/- ଟଙ୍କା ଉଠାଯାଇଛି । ଜ୍ଞାନଦେଇ ଏନେଇ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ଦାଖଲ କରି ଉଲ୍ଲେଖ କରିଛନ୍ତି ଯେ, ଏହି ଟଙ୍କା ଉଠାଣ କରି ଜିଓଟେଗ୍ ଭାବରେ କାର୍ଯ୍ୟରତ ପିଙ୍କୁ ବାଗଙ୍କୁ ଦେଇଛି ବୋଲି ନିତ୍ୟାନନ୍ଦ କହିଛନ୍ତି । ଏନେଇ ଆମେ ପ୍ରଥମେ ଜିଓଟେଗ୍ ଶ୍ରୀ ବାଗଙ୍କୁ ପଚାରିବାରୁ ମୋର ଏଥିରେ କୌଣସି ସମ୍ପୃକ୍ତି ନାହିଁ ବୋଲି କହିଥିବାବେଳେ ନିତ୍ୟାନନ୍ଦ ଏ ଟଙ୍କା ମୁଁ ଉଠାଇଛି ଓ ଖର୍ଚ୍ଚ ହୋଇଯାଇଛି ବୋଲି କହିଛନ୍ତି । କିନ୍ତୁ ସମୁଦାୟ ୪୦୦୦୦/-ଟଙ୍କାରୁ କେବେ କେତେ ଟଙ୍କା ଉଠାଣ ହେଉଛି ଜାଣିନି ବୋଲି ମଧ୍ୟ କହିଛନ୍ତି । ତେବେ ଉପଯୁକ୍ତ ତଦନ୍ତ ହେଲେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ଦାବି ହେଉଛି ।



## ପଏର ଗାଁରେ ଫୁଟିଲା ଗୁଳି

**କୋମନା, ୨୩।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ପଏର ଗାଁରେ ଗୁଳି ଫୁଟିଛି । ଏଥିରେ ଅଳ୍ପକେ ବର୍ତ୍ତିଛନ୍ତି ପରିବାର । ସୂଚନା ଅନୁସାରେ, ଗତ ୨୦ ତାରିଖ ସନ୍ଧ୍ୟାରେ ପଏର ଗାଁର କେମନ୍ତ ନାଗ ଘରେ ପରିବାର ସହ ଥିବାବେଳେ ୪ ଜଣ ନିଶାସକ୍ତ ଯୁବକ ତାଙ୍କ ଘରକୁ ପଶିଥିଲେ । କେମନ୍ତଙ୍କ ଛାତିରେ ପିସ୍ତଲ ରଖି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ପରେ କେମନ୍ତଙ୍କ କାକା ତ୍ରିଲୋଚନଙ୍କୁ ମଧ୍ୟ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ଏହାପରେ ଘର ବାହାରକୁ ଆସି ଫାଙ୍କା ଗୁଳି ଚାଳନା କରିଥିଲେ । ଜୀବନକୁ ଭୟ ଥିବାରୁ ଘଟଣାର ୨ ଦିନପରେ ୨୨ ତାରିଖ ସନ୍ଧ୍ୟାରେ କୋମନା ଥାନାରେ ଲିଖିତ ଅଭିଯୋଗ ହୋଇଛି । କୋମନା ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଘଟଣାର ତଦନ୍ତ ଚାଲୁ ରହିଥିବା ନୂଆପଡ଼ା ଏସ୍‌ପି ଅମ୍ରିତପାଲ ସିଂ କହିଛନ୍ତି ।

## ଗଞ୍ଜେଇ ଜବତ, ଜଣେ ଅଭିଯୁକ୍ତ ଗିରଫ

**ନୂଆପଡ଼ା, ୨୩।୭ (ସମିସ):** ନୂଆପଡ଼ା ଜିଲ୍ଲାର ଜୋଙ୍କ ଥାନା ପୁଲିସ ମାଦକ ଦ୍ରବ୍ୟ ବିରୋଧୀ ଅଭିଯାନରେ ଏକ ବଡ଼ ସଫଳତା ହାସଲ କରିଛି । ପୁଲିସ ୨୧.୫ କେଜି ବ୍ୟବସାୟିକ ପରିମାଣର ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ମୋହିତ ସିନ୍ଦୂର (୨୨) । ସେ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଳୱେ କଲୋନୀର ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ ବର୍ତ୍ତମାନ ନୂଆପଡ଼ା ଜିଲ୍ଲା ଖରିଆର ରୋଡ଼ ଅଞ୍ଚଳର ବଜାରପଡ଼ାରେ ରହୁଥିଲେ । ଗିରଫପରେ ତାଙ୍କୁ ଅଦାଲତରେ ହାଜର କରାଯାଇଛି । ଏହି ଘଟଣାରେ ଜୋଙ୍କ ଥାନା ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । ନୂଆପଡ଼ା ପୁଲିସ ମାଦକ ଦ୍ରବ୍ୟ କାରବାର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରଖିବା ସହ ସାଧାରଣଲୋକଙ୍କୁ ଏଭଳି ଅପରାଧ ସମ୍ପର୍କରେ ସୂଚନା ଦେବାକୁ ଆହ୍ୱାନ କରିଛି ।

### ବର୍ଷା ପରେ ବଢ଼ିଲା ଜଳବନ୍ଦୀ ଚିନ୍ତା

# ୪ ମାସ ବାହ୍ୟଜଗତରୁ ବିଚ୍ଛିନ୍ନ ୩ ଗାଁ ଲୋକେ





**ନୂଆପଡ଼ା, ୨୩।୭ (ସମିସ)**

ବର୍ଷା ଋତୁ ସମୟରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହି ଦୁଃସ୍ଥ ଜୀବନ ବିତାଇବା କୁ ପଡ଼ିଥାଏ । ଅବ୍ୟବସ୍ଥାରେ ଛନ୍ଦି ହୋଇ ଦୀର୍ଘ ୪ ମାସ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବାକୁ ପଡ଼ିଥାଏ । ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବଣପାହାଡ ଘେରା ଘାଟମାଳ ପଞ୍ଚାୟତର ଚିତାରମା, ଝୋଲାପଡ଼ା ଓ ନଙ୍ଗଳଘାଟ ଗ୍ରାମର ଜନସାଧାରଣଙ୍କୁ ଏବେ ଘାରିଛି ଜଳବନ୍ଦୀ ଚିନ୍ତା । କିଛିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ହେବା ଫଳରେ ଉଦନ୍ତୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି । ଆହୁରି ଆଗକୁ ବଡ଼ ବର୍ଷା ଆଶଙ୍କା ଥିବାରୁ ସମ୍ପୂର୍ଣ୍ଣ ଭାବରେ ଗାଁ ଲୋକେ ଜଳବନ୍ଦୀ ଜୀବନ ଅତିବାହିତ କରୁଛନ୍ତି । ଖରସ୍ରୋତା ଉଦନ୍ତୀ ନଦୀ କୂଳରେ ଆଜକୁ ୧୦୦ ବର୍ଷ ପୂର୍ବେ ଏହି ଗ୍ରାମ ଗଢ଼ି ଉଠିଥିଲା । ଚିତାରମା ଗ୍ରାମର ପଡ଼ାଗ୍ରାମ ଝୋଲାପଡ଼ା ଓ ନିକଟ ଗ୍ରାମ ହେଉଛି ନଙ୍ଗଳଘାଟ । ଏହି ଗ୍ରାମଗୁଡ଼ିକ ପାଇଁ ବର୍ଷାଋତୁ ସମୟରେ ବିଶେଷ ଅସୁବିଧା ହୋଇଥାଏ । ଉଦନ୍ତୀ ନଦୀରେ ବନ୍ୟା ଜଳ ପ୍ରବାହିତହେଲେ ସମ୍ପୂର୍ଣ୍ଣ ଭାବରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଥାଏ । ବର୍ଷର ୪ ମାସ ଏମାନେ ଜଳବନ୍ଦୀ ଜୀବନ ଅତିବାହିତ କରିଥାନ୍ତି । ଅତି ଜରୁରୀ ସମୟରେ ପଡ଼ୋଶୀ ଛତିଶଗଡ଼ ଉପରେ ନିର୍ଭର କରନ୍ତି । ସେମାନଙ୍କୁ ଛତିଶଗଡ଼ ଯିବାକୁ ହେଲେ ମଧ୍ୟ ମରଣଯନ୍ତା ରାସ୍ତା ସାଙ୍ଗକୁ ବଣ ପାହାଡ ପଥୁରିଆ ରାସ୍ତା ଦେଇ ବହୁ କଷ୍ଟ ରେ ଯିବାକୁ ପଡ଼ିଥାଏ ବୋଲି ଅଞ୍ଚଳର ଅଧିବାସୀ ପ୍ରକାଶ କରିଛନ୍ତି । ଏହି ଅଞ୍ଚଳଟି ଜିଲ୍ଲା ସଦରଠାରୁ ୧୨୦ କିଲୋମିଟର ଥିବା ବେଳେ ସିନାପାଲି ବ୍ଲକ ସଦର ମହକୁମା ଠାରୁ ଦୀର୍ଘ ୩୦ କିଲୋ ମିଟର ଦୂରରେ ଅବସ୍ଥିତ । ଆଜିବି ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବିକା ନିର୍ବାହ କରୁଛନ୍ତି । ଅନେକ ଗରୀବ ଶ୍ରେଣୀର ହୋଇଥିବା ବେଳେ ମୁଖ୍ୟତଃ ସରକାରଙ୍କ ଦ୍ୱାରା ଦିଆଯାଉଥିବା ପିଡିଏସ ଚାଉଳ ଓ ଲଘୁବନଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି । କିନ୍ତୁ ଜଳବନ୍ଦୀ ଯୋଗୁଁ ଏହି ଚାଉଳ ଆଣିବା ପାଇଁ ସମ୍ଭବ ହୋଇ ପାରେନାହିଁ । ଯାହାଫଳରେ ଲୋକେ ବର୍ଷା ଋତୁ ସମୟ ରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ୩ ଗାଁ ଲୋକଙ୍କ ପାଇଁ ପ୍ରଶାସନ ତତ୍ପରତା ଦେଖାଇ ଆଗତୁରା ଚିତାରମା ଗ୍ରାମରେ ପିଡିଏସ୍ ଚାଉଳ ଗଚ୍ଛିତ ରଖି ଦେବାର ବ୍ୟବସ୍ଥା ସାଙ୍ଗକୁ ବିଭିନ୍ନ ସାମଗ୍ରୀ ମହଜୁଦ ରଖିବା ପାଇଁ ଗ୍ରାମର ଲୋକେ ଦାବି କରିଛନ୍ତି । ପ୍ରତିବର୍ଷ ବର୍ଷା ଋତୁ ଆସିଲେ ସେମାନଙ୍କ ଜୀବନ ଜୀବିକା ବିପନ୍ନ ହେଉଥିବାବେଳେ ପରିବାର ପ୍ରତିପୋଷଣରେ ବିଶେଷ ଅସୁବିଧା ହେଇଥାଏ । ଗ୍ରାମର ଜନସାଧାରଣ ବ୍ଲକ କାର୍ଯ୍ୟାଳୟ ତଥା ପଞ୍ଚାୟତ, ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ଅନେକ ଜରୁରୀ କାମ ହୋଇପାରେ ନାହିଁ । ବିଗତ ଦିନ ମାନଙ୍କରେ ଭରା ନଦୀ ରେ ପ୍ରସୂତି ତଥା ଗର୍ଭବତୀ ମହିଳା ଓ ରୋଗୀ ମାନଙ୍କୁ ଖଟିଆ ରେ ବହୁ ଅସୁବିଧାରେ ପାରି କରିବା ନଜିର ରହିଛି । ଚିତାରମା ଗ୍ରାମ ଠାରୁ ସିନ୍ଦୂରଶିଲ ଗ୍ରାମକୁ ସଂଯୋଗ କରି ସେତୁ ନିର୍ମାଣ କରିବା ପାଇଁ ଗ୍ରାମର ଜନସାଧାରଣ ପ୍ରାଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବହୁ ନେତା ମନ୍ତ୍ରୀଙ୍କୁ ଅନୁରୋଧ କରିବାପରେ ପୂର୍ବ ବିଜେଡି ସରକାର ଗୁରୁତର ସହିତ ବିଚାର କରି ସେତୁ ନିର୍ମାଣ ପାଇଁ ୨୦୨୩ ମସିହାରେ ଜାଗା ଚିହ୍ନଟ କରି ସେତୁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଗ୍ରାମରେ ଅନେକ ସମସ୍ୟା ରହିଥିବା ବେଳେ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ କରିବା ପାଇଁ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଉଦନ୍ତୀ ଭରା ନଦୀରେ ପାରିହୋଇ ନିଜ ସହକର୍ମୀଙ୍କ ସହ ଗତବର୍ଷ ଯାଇଥିଲେ । ସେଠାରେ ଗ୍ରାମର ଜନସାଧାରଣଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଘାଟମାଳ ସରପଞ୍ଚ ଟେକରାମ ମାଝୀଙ୍କୁ ପଚାରିବାରୁ ଏହି ଗ୍ରାମ ରେ ଜଳବନ୍ଦୀ ସମସ୍ୟା ରହିଛି । ସେତୁ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ଆସନ୍ତା ବର୍ଷ କୌଣସି ଅସୁବିଧା ହେବନାହିଁ ଓ ପଞ୍ଚାୟତ ତରଫରୁ ଖାଉଟି ସାମଗ୍ରୀ ଆଗତୁରା ମହଜୁଦ୍ ରଖାଯାଇଛି ବୋଲି ପ୍ରକାଶ କରିଥିଲେ ।

### ସରିଲାନି ଉଦନ୍ତୀ ସେତୁ ନିର୍ମାଣ କାର୍ଯ୍ୟ

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୭୯୩- ଫ୍ରାନ୍ସ କପିରାଇଟ୍ ଆଇନ ଆଣିଲା।
- ୧୮୨୩- ଚିଲିରେ ଦାସତ୍ୱ ପ୍ରଥାର ଉଚ୍ଛେଦ ହେଲା।
- ୧୮୭୦- ଆମେରିକାରେ ପ୍ରଥମ ରେଳସେବା ଆରମ୍ଭ।
- ୧୯୩୨- ରାମକୃଷ୍ଣ ମିଶନ ସେବା ପ୍ରତିଷ୍ଠାନର ଆରମ୍ଭ ହେଲା।
- ୧୯୬୯-ଆପୋଲୋ-୧୧ ମହାକାଶଯାନ ପୃଥିବୀ ପୃଷ୍ଠକୁ ଫେରିଲା।
- ୨୦୦୦-ଏସ୍.ବିଜୟଲକ୍ଷ୍ମୀ ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର୍ ହେଲେ।



## ବାପାଙ୍କ ପାଇଁ ଗଛରେ ସିଡ଼ି


ପରିବାରର ଗୁଜୁରାଣ ମେଣ୍ଟାଇବା ଏବଂ ନିଜର ପିଲାଙ୍କୁ ମଣିଷ କରିବା ପାଇଁ ଅନେକ ଲୋକ ନିଜ ଜୀବନକୁ ବାଜି ଲଗାଇ ଅତି ବିପଜ୍ଜନକ କାର୍ଯ୍ୟ କରିଥାନ୍ତି। ଏମିତି ଏକ ହୃଦୟସ୍ପର୍ଶୀ କାହାଣୀ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିରେ ଜଣେ ପୁଅ ତାଙ୍କ ୭୦ ବର୍ଷୀୟ ବାପାଙ୍କ ପାଇଁ ଏମିତି କିଛି କରିଛନ୍ତି, ଯାହାକୁ ଦେଖି ସମସ୍ତେ ପ୍ରଶଂସା କରୁଛନ୍ତି। ତାମିଲନାଡୁର ସଲାଇପୁଥୁର ଗାଁରେ ଜଣେ ପୁଅ ନିଜର ୭୦ ବର୍ଷର ବାପାଙ୍କ କଷ୍ଟ ଦୂର କରିବା ପାଇଁ ତାଳ ଗଛର ଚାରିପାଖରେ ପାହାଚ ଲଗାଇ ଦେଇଛନ୍ତି। ଏହି ଭିଡିଓ ଏବେ ଇଣ୍ଟରନେଟରେ ଲୋକଙ୍କ ମନ ଜିତୁଛି। ଦିନାକରଙ୍କ ପରିବାର ପିଢ଼ି ପିଢ଼ି ଧରି ତାଳ ଗଛରୁ ନିଜର ପରିବାର ପ୍ରତିପୋଷଣ କରିଆସୁଛନ୍ତି। ତାଙ୍କ ବାପା ପିଲାଦିନରୁ ଏହି କାମ କରିଆସୁଛନ୍ତି। ଏହି ବୟସରେ ଏତେ ଉଚ୍ଚ ଗଛକୁ ଚଢ଼ିବା ତାଙ୍କ ପାଇଁ ବିପଜ୍ଜନକ ହୋଇପାରେ ଅନୁଭବ କରି ପୁଅ ଜଣକ ବାପାଙ୍କ ସୁରକ୍ଷା ପାଇଁ ଗଛର ଚାରିପାଖରେ ଲୁହାର ଏକ ସଶକ୍ତ ସିଡ଼ି ନିର୍ମାଣ କରିଛନ୍ତି। ଏହାଦ୍ୱାରା ତାଙ୍କ ବାପା ସୁରକ୍ଷିତ ଭାବେ ତାଳ ଗଛ ଉପରକୁ ଚଢ଼ିପାରିବେ। ପୁଅ ଜଣକ ଏହି ସିଡ଼ି ତିଆରି କରିବା ପାଇଁ ପାଖାପାଖି ୫-୫ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ଦିନାକରଙ୍କ ଏହି ଅଭିନବ ପ୍ରଚେଷ୍ଟା ଏବେ ଚର୍ଚ୍ଚାର ବିଷୟ ହୋଇଛି।

## ଶେଷ ପର୍ଯ୍ୟାୟରେ 'କିଙ୍ଗ୍'ର ସୁଟିଂ



ବଲିଉଡ୍ ବାଦଶାହ ଶାହରୁଖ୍ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଆକ୍ସନ ଚଳଚ୍ଚିତ୍ର 'କିଙ୍ଗ୍'ର ସୁଟିଂ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ଅଭିଷେକ ବଚ୍ଚନ ଖଳନାୟକ ଭାବେ ଦେଖାଯିବେ। ଏହାସହିତ ଶାହରୁଖ୍‌ଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଏହି ସିନେମା ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିବେ। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର ପାଖାପାଖି ଅଧାରୁ ଅଧିକ ସୁଟିଂ ସରି ଯାଇଛି। ଫିଲ୍ମର ଏକ ବଡ଼ ଅଂଶର ସୁଟ୍ ଜର୍ଜିଆରେ କରାଯାଇଛି। ଏହାବାଦ୍ ମୁମ୍ବାଇସ୍ଥିତ ଯଶରାଜ ଷ୍ଟୁଡିଓରେ ମଧ୍ୟ ଏହାର ସୁଟିଂ କରାଯାଇଛି। ଏବେ ଏହାର ଶେଷ ସେଡ୍ୟୁଲର ସୁଟିଂ ବିଦେଶରେ କରିବା ପାଇଁ ଯୋଜନା ଚାଲିଛି। ଶାହାରୁଖ ଏବଂ ସିଦ୍ଧାର୍ଥ ଏକ ସ୍ପେଶାଲ୍ ଆକ୍ସନ ସିକ୍ୱେନ୍ସ ପାଇଁ ଏଭଳି ଏକ ସ୍ଥାନ ଚାହୁଁଛନ୍ତି, ଯାହା ପୂର୍ବରୁ କୌଣସି ଫିଲ୍ମରେ ଦେଖାଯାଇ ନ ଥିବ। ବର୍ତ୍ତମାନ ଫିଲ୍ମର ଏକ ସ୍ପେଶାଲ୍ ଟିମ୍ ଆମେରିକା ଗସ୍ତ କରି ଏଭଳି ଏକ ସ୍ଥାନ ଖୋଜୁଛି। ଲୋକେସନ୍ ଫାଇନାଲ୍ ହେବା ମାତ୍ରେ, ଆସନ୍ତା ଅଗଷ୍ଟ ମାସରେ ପୂରା ଟିମ୍ ବିଦେଶ ଗସ୍ତ କରିବେ। ଏହାପରେ ଫିଲ୍ମର ପୋଷ୍ଟ-ପ୍ରଡକ୍ସନ ଏବଂ ହାଇ-ଲେଭଲ୍ ଭିଏଫ୍ଏକ୍ସ କାମ ଚାଲିବ। ଏହାର ଭିଏଫ୍ଏକ୍ସ ଏବଂ ପୋଷ୍ଟ-ପ୍ରଡକ୍ସନ କାମ ରେଡ୍ ଚିଲିଜ୍ ଏଣ୍ଟରଟେନମେଣ୍ଟ ଦ୍ୱାରା କରାଯାଉଛି। ଏହା ଖ୍ରୀଷ୍ଟମାସ ଅବସରରେ ଆସନ୍ତା ଡିସେମ୍ବର ୨୪ରେ ମୁକ୍ତିଲାଭ କରିବ।

## ଅଜଗର ବଦଳରେ ପିଜା



ପିଜାକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଫର୍ ଦେଖିବାକୁ ମିଳିଥାଏ। ଏହି କ୍ରମରେ ସାମାଜିକ ଗଣମାଧ୍ୟମରେ ଏବେ ଏକ ରେଷ୍ଟୋରାଁର ମାଗଣା ପିଜା ଅଫର୍ ଖୁବ୍ ଚର୍ଚ୍ଚା ସାଉଁଟୁଛି। ଫ୍ଲୋରିଡାରେ ବିଷାକ୍ତ ବର୍ମିଜ୍ ଅଜଗର ଧରୁଥିବା ଲୋକଙ୍କୁ ଏକ ରେଷ୍ଟୋରାଁ ମାଗଣାରେ ପିଜା ଦେଉଛି। ପରିବେଶକୁ ବିପଦମୁକ୍ତ କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ଅଫର୍ ଫ୍ଲୋରିଡାର ଏଭରଗ୍ଲେଡ୍ସ ସିଟିରେ ଥିବା 'ୱାଇଲଡ୍‌ମ୍ୟାନ୍‌ସ ପିଜା, ପାସ୍ତା ଆଣ୍ଡ ପାଇଥନ ରେଷ୍ଟୁରାଣ୍ଟ' ପକ୍ଷରୁ ଦିଆଯାଇଛି। ଏହାର ମାଲିକ ତଥା ପେସାଦାର ସାପ ଧରାଳି ଡଷ୍ଟିନ କ୍ରମ୍ ପିଜା ବଦଳରେ ଅଜଗର ସାପକୁ ଟଙ୍କା ବଦଳରେ ଭାବେ ଗ୍ରହଣ କରିଛନ୍ତି। ଅଫର୍ ଅନୁସାରେ, ଯଦି କେହି ଏକ ବର୍ମିଜ୍ ଅଜଗର ଧରି ରେଷ୍ଟୁରାଣ୍ଟକୁ ଆଣିବେ, ତେବେ ତାଙ୍କୁ ୨୪ ଡଲାର ମୂଲ୍ୟର ଏକ ବଡ଼ ସ୍ପେଶାଲ ପିଜା ସମ୍ପୂର୍ଣ୍ଣ ମାଗଣାରେ ମିଳିବ। ରେଷ୍ଟୁରାଣ୍ଟ ମାଲିକ ସାପର କୌଣସି ଅଂଶକୁ ନଷ୍ଟ କରନ୍ତି ନାହିଁ। ସାପର ଚର୍ବିରୁ ଦ୍ରବା ପାଇଁ ତେଲ, କ୍ରିମ୍ ଏବଂ ସାବୁନ ଆଦି ସେ ପ୍ରସ୍ତୁତ କରନ୍ତି। ତେବେ ରେଷ୍ଟୋରାଁର ଏହି ଅଫର୍ 'ଫ୍ଲୋରିଡା ପାଇଥନ ଚ୍ୟାଲେଞ୍ଜ' ସହ ଜଡ଼ିତ। ଏହି ଚ୍ୟାଲେଞ୍ଜ ଅନୁସାରେ, ସବୁଠାରୁ ଅଧିକ ଅଜଗର ଧରୁଥିବା ବ୍ୟକ୍ତିଙ୍କୁ ପ୍ରାୟ ୮ ଲକ୍ଷରୁ ଅଧିକ ଟଙ୍କାର ପୁରସ୍କାର ମିଳିଥାଏ। ଅପରପକ୍ଷରେ ବର୍ମିଜ୍ ଅଜଗରଗୁଡ଼ିକ ଫ୍ଲୋରିଡାର ପ୍ରାକୃତିକ ପରିବେଶ ଏବଂ ସ୍ଥାନୀୟ ଜୀବଜନ୍ତୁଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ସାବ୍ୟସ୍ତ ହୋଇଛନ୍ତି, ସେଥିପାଇଁ ସେମାନଙ୍କୁ ସେଠାରୁ ହଟାଇବା ପାଇଁ ସରକାର ଏହି ଚ୍ୟାଲେଞ୍ଜ ପ୍ରତିବର୍ଷ ଆୟୋଜନ କରନ୍ତି। ଏଠାରେ ପ୍ରକାଶ ଥାଉ କି, ବର୍ମିଜ୍ ଅଜଗରଗୁଡ଼ିକୁ ୧୯୭୦ ଦଶକରେ ପୋଷା ଜୀବ ଭାବେ ଫ୍ଲୋରିଡା ଅଣାଯାଇଥିଲା, କିନ୍ତୁ ପରେ ଏମାନେ ଜଙ୍ଗଲକୁ ଚାଲିଗଲେ। ଏଭରଗ୍ଲେଡ୍ସ ଜଙ୍ଗଲରେ ଥିବା ପଶୁପକ୍ଷୀ ଏପରିକି କୁମ୍ଭୀରମାନଙ୍କୁ ମଧ୍ୟ ଏମାନେ ଗିଳି ଦେଉଛନ୍ତି। ଏଠାରେ ସାପମାନଙ୍କୁ ମାରିବା ପାଇଁ ଅନ୍ୟ କୌଣସି ବଡ଼ ଜୀବ ନାହାଁନ୍ତି, ତେଣୁ ଏମାନଙ୍କ ସଂଖ୍ୟା ହଜାର ହଜାର ସଂଖ୍ୟାରେ ବଢ଼ିଚାଲିଛି, ଯାହାକୁ ସମ୍ପୂର୍ଣ୍ଣ ଶେଷ କରିବା ଅସମ୍ଭବ ମନେହେଉଛି। ୟୁଏସ୍ ଜିଓଲୋଜିକାଲ୍ ସର୍ଭେ ଅନୁଯାୟୀ, ଏହି ଅଜଗରମାନଙ୍କ ଯୋଗୁଁ ଏଭରଗ୍ଲେଡ୍ସରେ ସ୍ତନ୍ୟପାୟୀ ପ୍ରାଣୀଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇବାକୁ ଲାଗିଲାଣି। ଫ୍ଲୋରିଡା ପାଇଥନ ଚ୍ୟାଲେଞ୍ଜ ମାଧ୍ୟମରେ ସ୍ଥାନୀୟ ସରକାର ଏହି ବିଷାକ୍ତ ସାପଗୁଡ଼ିକୁ ହଟେଇ ଜଙ୍ଗଲର ସୁରକ୍ଷା କରିବା ଏହାର ଉଦ୍ଦେଶ୍ୟ।

## ଷ୍ଟେଣ୍ଟ ଲଗାଇବା ପରର ଯତ୍ନ



ଅଧୁନା ହୃଦ୍‌ଘାତର ଆଧୁନିକ ଚିକିତ୍ସା ପଦ୍ଧତି ବାଇପାସ୍ ସର୍ଜରୀ ସହ ଯୋଡ଼ି ହୋଇଛି 'ଆଞ୍ଜିଓପ୍ଲାଷ୍ଟି'। ହୃଦ୍‌ଘାତ ପରେ ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତର ଆଞ୍ଜିଓପ୍ଲାଷ୍ଟି ଜରିଆରେ ଷ୍ଟେଣ୍ଟ ଲଗାଇଥାନ୍ତି। ଏହି ଷ୍ଟେଣ୍ଟ ବନ୍ଦ କିମ୍ବା ସଂକୀର୍ଣ୍ଣ ହୋଇଥିବା କୋରୋନାରୀ ଧମନୀ ଖୋଲିବା କାର୍ଯ୍ୟ କରିଥାଏ। ଏହାଦ୍ୱାରା ହୃତ୍‌ପିଣ୍ଡକୁ ରକ୍ତ ସଞ୍ଚାଳନ ସହଜ ହୁଏ। ଅନେକଙ୍କର ଧାରଣା ଥାଏ ଯେ, ଷ୍ଟେଣ୍ଟ ଲାଗିଲା ପରେ ହୃଦ୍‌ଘାତ ହେବା ଅସମ୍ଭବ। ହେଲେ ଷ୍ଟେଣ୍ଟ ଲଗାଇବା ପରେ ବି ପୀଡ଼ିତଙ୍କୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ।

ସାଧାରଣତଃ ଷ୍ଟେଣ୍ଟ କେବଳ ଅବରୋଧ ଥିବା ଧମନୀର ଚିକିତ୍ସା କରେ। ସମୟକ୍ରମେ ଅନ୍ୟ କରୋନାରୀ ଧମନୀଗୁଡ଼ିକରେ କୋଲେଷ୍ଟ୍ରଲ ଏବଂ ପ୍ଲାକ୍ ଜମା ହୋଇ ନୂତନ ଅବରୋଧ ସୃଷ୍ଟି କରି ହୃଦ୍‌ଘାତ ଆଶଙ୍କା ବୃଦ୍ଧି କରେ। କିଛି ମାମଲାରେ ଷ୍ଟେଣ୍ଟ ମଧ୍ୟରେ ଅତିରିକ୍ତ ଟିସୁ ସୃଷ୍ଟି ହେଉଥିବାରୁ ଧମନୀ ପୁନର୍ବାର ସଂକୀର୍ଣ୍ଣ ହୋଇପାରେ। ସେହିପରି ଡାକ୍ତରଙ୍କ ଦ୍ୱାରା ଦିଆଯାଇଥିବା ଔଷଧ ଖାଇବାରେ ଅବହେଳା କଲେ ଷ୍ଟେଣ୍ଟ ଭିତରେ ରକ୍ତ ଜମାଟ ବାନ୍ଧି ଅଚାନକ ହୃଦ୍‌ଘାତ କରିପାରେ। ଏହାସହ ଷ୍ଟେଣ୍ଟ ଲଗାଇବା ପରେ ମଧୁମେହ, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରଲ ବୃଦ୍ଧି, ମେଦବହୁଳତା, ଧୂମପାନ ପରି ସମସ୍ୟା ହୃଦୟକୁ କ୍ଷତି ପହଞ୍ଚାଇଥାଏ। ତେଣୁ ଷ୍ଟେଣ୍ଟ ଲାଗିବା ପରେ ଧୂମପାନ, ଅତ୍ୟଧିକ ତେଲମସଲାଯୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଡାକ୍ତରଙ୍କ ପରାମର୍ଶରେ ହାଲୁକା ବ୍ୟାୟାମ କରି ପାରିବେ। ହୃଦ୍‌ରୋଗ ବିଶେଷଜ୍ଞଙ୍କଠାରୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଆବଶ୍ୟକ। ସୁସ୍ଥ ଜୀବନଶୈଳୀ ଆପଣାଇବା ସହ ସନ୍ତୁଳିତ ଖାଦ୍ୟଗ୍ରହଣ, ଓଜନ ନିୟନ୍ତ୍ରଣ, ଏବଂ ଡାକ୍ତରଙ୍କ ଦ୍ୱାରା ଦିଆଯାଇଥିବା ଔଷଧ ସେବନ କରିବା ଆବଶ୍ୟକ। ରକ୍ତଚାପ, ରକ୍ତ ଶର୍କରା ଏବଂ କୋଲେଷ୍ଟ୍ରଲ ଯାଞ୍ଚ କରିବା ଉଚିତ।




## 'ସକାଳ'ର ସ୍ୱାସ୍ଥ୍ୟ



### ନଖରୁ ଜଣାପଡ଼ିବ ସ୍ୱାସ୍ଥ୍ୟ ସମସ୍ୟା

**ନଖ ଶରୀରର ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥାଏ। ନଖର ରଙ୍ଗ ବଦଳିବା ତଥା ନଖରେ କଳା ରେଖା ପଡ଼ିବା ବିଭିନ୍ନ ରୋଗର ପ୍ରାଥମିକ ଲକ୍ଷଣ ହୋଇପାରେ।**

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ନଖରେ ଆଘାତ ଲାଗିବା, ଶରୀରରେ ପୋଷକତତ୍ତ୍ୱର ଅଭାବ, କିଛି ଔଷଧର ପାର୍ଶ୍ୱପ୍ରତିକ୍ରିୟା, ହରମୋନ୍ ପରିବର୍ତ୍ତନ କିମ୍ବା ମେଲାନିନ୍ ଅଧିକ ତିଆରି ହେବାରୁ ନଖରେ କଳା ରେଖା ଦେଖାଯାଏ। ଅଚାନକ ଯଦି ନଖରେ ଏହି ପରିବର୍ତ୍ତନ ହୋଇ ବଢ଼ିଥାଏ କିମ୍ବା ଏହା ତ୍ୱଚାକୁ ବ୍ୟାପିଲେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ। କାରଣ ଏହା କର୍କଟର ସଙ୍କେତ ହୋଇପାରେ। ନଖର ରଙ୍ଗ ପରିବର୍ତ୍ତନ ସହ ନଖ ଭାଙ୍ଗିବା, ଆଖପାଖରେ ଯନ୍ତ୍ରଣା, ନଖ ଘା ହୋଇ ରକ୍ତ ବା ପୂଜ ବାହାରିବା ଲକ୍ଷଣକୁ ଅଣଦେଖା କରିବା ଅନୁଚିତ। ଏପରି ସ୍ଥିତିରେ ଡାକ୍ତର ଗମ୍ଭୀର ସମସ୍ୟା ଆଶଙ୍କା କରି ପୀଡ଼ିତଙ୍କୁ ବାୟୋପ୍ସି କରାଇବାକୁ ପରାମର୍ଶ ଦିଅନ୍ତି। ନଖରୁ ଚୋପା ଉଠି ଖୋଳ ହୋଇଗଲେ ବା କଳା ରେଖା ଦେଖାଦେଲେ ଚର୍ମ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଆବଶ୍ୟକ।

## ଏକ୍‌ମୋ ଚିକିତ୍ସା



ଏକ୍‌ମୋ ତଥା ଏକ୍ସଟ୍ରାକର୍ପୋରିୟଲ ମେମ୍ବ୍ରାନ ଅକ୍ସିଜେନେଶନ ଏକ ଜୀବନ ରକ୍ଷକ ଚିକିତ୍ସା ପ୍ରକ୍ରିୟା। ଗମ୍ଭୀର ନିମୋନିଆ, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ କିମ୍ବା ଫୁସ୍‌ଫୁସ୍ ଠିକ୍ ଭାବେ କାମ କରୁନଥିବା ପୀଡ଼ିତଙ୍କ ପାଇଁ ଏକ୍‌ମୋ ଚିକିତ୍ସା ଉପଯୋଗୀ। ବିଭିନ୍ନ ପ୍ରକାରର ଏକ୍‌ମୋ ଚିକିତ୍ସା ପଦ୍ଧତି ଗୁରୁତର ରୋଗୀଙ୍କ ପାଇଁ ଉପଲବ୍ଧ। ଏହି ଚିକିତ୍ସାରେ ଏକ ସ୍ୱତନ୍ତ୍ର ମେସିନ୍ ଶରୀରର ବାହାରେ ଏକ କୃତ୍ରିମ ଫୁସ୍‌ଫୁସ୍ ପରି କାର୍ଯ୍ୟ କରିଥାଏ। ଏହା ରୋଗୀଙ୍କ ଶରୀରରୁ ଦୂଷିତ ରକ୍ତ ବାହାର କରି ସେଥିରେ ଅମ୍ଳଜାନ ମିଶାଇ ଅଙ୍ଗାରକାମ୍ଳକୁ ବାହାର କରିଥାଏ। ଏହାଦ୍ୱାରା ଶୁଦ୍ଧ ରକ୍ତ ସଂଚାଳନ ହୋଇ ପୁଣି ଶରୀରକୁ ଫେରିଯାଏ। ଏହାଦ୍ୱାରା ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍‌କୁ ଆରାମ ମିଳୁଥିବାରୁ ପ୍ରାକୃତିକ ରୂପେ ଠିକ୍ ହେବାକୁ ସମୟ ମିଳିଥାଏ। ଏହାଦ୍ୱାରା ରୋଗୀଙ୍କୁ ଆଶ୍ୱସ୍ତି ମିଳିଥାଏ। ଫୁସ୍‌ଫୁସ୍ ପ୍ରତିରୋପଣ ପରେ ଏକ୍‌ମୋ ଚିକିତ୍ସା ପଦ୍ଧତି ପୀଡ଼ିତଙ୍କ ପାଇଁ ବରଦାନ ସଦୃଶ।

## ଘର ବଇଦ

### ପରିସ୍ରା ବେଳେ ଯନ୍ତ୍ରଣା ହେଉଥିଲେ...

- ଅଙ୍କରାନ୍ତି ଗଛର ରସ ଦୁଇ ତୋଳା ମହୁ ଏକ ଚାମଚ ମିଶାଇ ଖାଇବେ।
- ଗରମ ବେମାରି ହେତୁ ମୂତ୍ରକୃଚ୍ଛ୍ର (ପରିସ୍ରା ବେଳେ ଯନ୍ତ୍ରଣା) ହୋଇଥିଲେ ଶ୍ୱେତ ଚନ୍ଦନ, କବାବଚିନି, ଗୋଖରା, ଅନନ୍ତ ମୂଳ, ଦାରୁ ହଳଦୀ, ଅଁଳା, ହରିଡ଼ା, ବାହାଡ଼ା ପ୍ରତ୍ୟେକରୁ ଅଧ ତୋଳା ଆଣି ଏକ ସେର ପାଣିରେ ସିଝାଇ ଅଧପା ରହିଲେ ଦିନକୁ ୩/୪ଥର ପିଇବେ।
- ହରିଡ଼ା, ଗୋଖରା, ଫଣଫଣା, ପାଉଁଶିଆ ଓ ଦୁରାଲଭା ଏମାନଙ୍କର କ୍ୱାଥ ମହୁ ସଙ୍ଗେ ଖାଇବେ।
- ଗୁଡ଼ ଓ ଅଁଳା ସମାନ ଭାଗରେ ଖାଇଲେ ମୂତ୍ରକୃଚ୍ଛ୍ର, ରକ୍ତପିତ୍ତ, ଦାହ ଓ ଶୂଳ ଶାନ୍ତ ହୁଏ।
- ଅଁଳା ରସ ଓ ଆଖୁ ଦୋରୁଅ ସମାନ ଭାଗରେ ଆଣି ତହଁରେ ମହୁ ମିଶାଇ ସେବନ କଲେ ଯନ୍ତ୍ରଣାଦାୟକ ରକ୍ତମୂତ୍ର ପ୍ରଶମିତ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ବର୍ଷାଦିନେ ପିଲାଙ୍କ ଆଖିଧରା




ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ


ବର୍ଷାଋତୁରେ ଆଖିଧରା ରୋଗ ବା ଆଖି ସଂକ୍ରମଣ ଦେଖା ଦେଇଥାଏ। ବିଶେଷକରି ପିଲାମାନଙ୍କ ଆଖିଧରା ଯନ୍ତ୍ରଣାଦାୟକ ହୋଇଥାଏ। କାରଣ ପିଲାମାନେ ଆଖି ଭଳି ଏକ ସମ୍ବେଦନଶୀଳ ଅଙ୍ଗର ଯନ୍ତ୍ରଣା ସହି ପାରିନଥାନ୍ତି। ତେବେ ଆଖିର ଦୁଇ ପତାର ଭିତର ପାର୍ଶ୍ୱ ଏବଂ ଡୋଳାକୁ ବାହ୍ୟ ଧୂଳିମଳି ଏବଂ ଜୀବାଣୁଠାରୁ ସୁରକ୍ଷା ଦେବା ପାଇଁ ଏକ ସ୍ୱଚ୍ଛ ଏବଂ ସୂକ୍ଷ୍ମ ପରଦା ଆବୃତ୍ତ କରି ରଖିଛି, ଯାହାକୁ କଞ୍ଜକ୍ଟିଭା କୁହାଯାଏ। କେବେ କେବେ ଜୀବାଣୁ, ଭୂତାଣୁ, କେମିକାଲ, ଗ୍ୟାସ୍, ଆଘାତ, ପୋକ ପଡ଼ିବା କିମ୍ବା ତୀକ୍ଷ୍ଣ ଆଲୋକ ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ପ୍ରଭାବିତ ହୋଇଥାଏ। ଏଥିରୁ ସୃଷ୍ଟି ହେଉଥିବା ରୋଗକୁ କଞ୍ଜକ୍ଟିଭାଇଟିସ ବା ଆଖିଧରା ରୋଗ କୁହାଯାଇଥାଏ।

ଆଖିଧରାର ଲକ୍ଷଣ ହେଉଛି, ଆଖିରୁ ଲୁହ ସଙ୍ଗେ ଅଳ୍ପ ପୂଜ ନିର୍ଗତ ହେବା, ଆଖି ଲାଲ ପଡ଼ିବା ସହ କେବେ କେବେ ସୂକ୍ଷ୍ମ କ୍ଷତ ମଧ୍ୟ ସୃଷ୍ଟି ହୋଇଥାଏ। ଆଖିରୁ ହଳଦିଆ ରଙ୍ଗର ଲେଞ୍ଜରା ବାହାରେ । ଆଖି ଭିତରେ ଧୂଳି ପଡ଼ିବା ଭଳି ଅନୁଭବ ହୋଇଥାଏ। ଆଖି ଖୋଲିବା ଏବଂ ଲାଇଟ୍‌କୁ ଚାହିଁଲେ କଷ୍ଟ ହୁଏ। ୭୦ଭାଗ କ୍ଷେତ୍ରରେ ଏହା ରୋଗୀର ଦ୍ୱିତୀୟ ଆଖିକୁ ବି ସଂକ୍ରମିତ ହୋଇଥାଏ। ଏହା ବଢ଼ିଗଲେ ଆଖି ଫୁଲିଯିବା ସହ କାନ ପାଖ ଫୁଲିବା, ଜ୍ୱର ହେବା, ମୁଣ୍ଡ ବିନ୍ଧିବା, ହାଲିଆ ଲାଗିବା ଭଳି ଲକ୍ଷଣ ଦେଖାଦିଏ। ଏମିତିକି ଏହା ଚକ୍ଷୁର ଧମନି ଏବଂ ମସ୍ତିଷ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରିପାରେ। ଏଡିନୋ ଭୂତାଣୁ ଆଖିଧରା ରୋଗର କାରଣ। ଆଖିଧରା ୫-୭ ଦିନ ପର୍ଯ୍ୟନ୍ତ ରହିଥାଏ। କିଛି ଲୋକଙ୍କ କ୍ଷେତ୍ରରେ ମାସେ ପର୍ଯ୍ୟନ୍ତ ଦେଖାଯାଏ। ଆଖି ନାଲି ପଡ଼ିବା ସହିତ କୁଣ୍ଡେଇ ହୋଇ କିଛି ପିଲାଙ୍କ ଆଖି ମଧ୍ୟ ଫୁଲିଯାଏ। ପିଲା ଏଥିରେ ଆକ୍ରାନ୍ତ ହେଲେ ପରିଷ୍କାର ପରିଚ୍ଛନ୍ନତାକୁ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ପିଲାଙ୍କ ବ୍ୟବହୃତ ପୋଷାକ, ତକିଆ, ଚାଦର ଆଦିକୁ ଅନ୍ୟମାନେ ବ୍ୟବହାର କରିବା ଅନୁଚିତ। ଆଖିକୁ ପାଣି ଛାଟିବା ଅନୁଚିତ। ଖରାରେ କଳା ଚଷମା ବ୍ୟବହାର କରିବା ଭଲ। ନିୟମିତ ବ୍ୟବଧାନରେ ହାତ ଧୋଇବାର ଆବଶ୍ୟକତା ରହିଛି। ବର୍ତ୍ତମାନ ବ୍ୟାପୁଥିବା ଆଖିଧରା ରୋଗ ଭୂତାଣୁ (ଆଡେନୋ ଭାଇରସ୍) ଜନିତ। ଏହା ଏକ ମାରାତ୍ମକ ଡିଆଁରୋଗ ଯାହାର ଚିକିତ୍ସା ଅପେକ୍ଷା ପ୍ରତିଷେଧକ ଭଲ। ଏହି ଭୂତାଣୁ ରୋଗୀର ଲାଳ, କଫ, ଛିଙ୍କ ଦ୍ୱାରା ବ୍ୟାପିଥାଏ। ପିଲା ବାହାରୁ ଆସିଲେ ହାତ, ଗୋଡ଼ ଭଲ ଭାବେ ଧୋଇବା ସହ ପିନ୍ଧିଥିବା ପୋଷାକ ମଧ୍ୟ ସଫା କରିବା ଜରୁରି। ଆଖି ଧରିଲେ ପିଲାମାନେ ବାରମ୍ବାର ଆଖିରେ ହାତ ମାରିବା ଦ୍ୱାରା ସଂକ୍ରମଣ ଭୟ ଥିବାରୁ ସଫା ରୁମାଲରେ ଧୀରେ ଧୀରେ ପୋଛିବାକୁ କୁହନ୍ତୁ। ନିୟମିତ ସମୟ ଅନ୍ତରାଳରେ ଆଇଡ୍ରପ ଏବଂ ଅଏଣ୍ଟମେଣ୍ଟ ବ୍ୟବହାର କରନ୍ତୁ। ଧୂଳି, ଧୂଆଁ ଓ ବିଷାକ୍ତ ପଦାର୍ଥଠାରୁ ଆଖିକୁ ଦୂରେଇ ରଖିବା ଜରୁରି। ବିନା ଡାକ୍ତରୀ ପରାମର୍ଶରେ କୌଣସି ଚଷମା ପିନ୍ଧନ୍ତୁନାହିଁ ବା କୌଣସି ଘରୋଇ ଡ୍ରପ ବା ହାତ ତିଆରି ଔଷଧ ବ୍ୟବହାର କରନ୍ତୁନି। ପନିପରିବା, ଶାଗ ଓ ଫଳ ପିଲାର ଖାଦ୍ୟ ତାଲିକାରେ ରଖନ୍ତୁ। କୌଣସି ଚକ୍ଷୁ ସଂକ୍ରାନ୍ତୀୟ ସମସ୍ୟା ହେଲେ ଚକ୍ଷୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ।




ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬

# ମହିଳା ଲନ୍ ବଲ୍‌ରୁ ଭାରତର ବିଜୟ ଅଭିଯାନ

ଗ୍ଲାସ୍‌ଗୋ,୨୩।୭ (ଏଜେନ୍ସି)

ସ୍କଟ୍‌ଲାଣ୍ଡର ରାଜଧାନୀ ଗ୍ଲାସ୍‌ଗୋ ସହରରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସମାରୋହରେ ବ୍ରିଟେନ ରାଜା କିଙ୍ଗ୍‌ସ ଚାର୍ଲସ ତୃତୀୟ ଓ କ୍ୱିନ କାମିଲଶଙ୍କ ଦ୍ୱାରା ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଯାଇଛି। ୧୧ ଦିନ ଧରି ହେବାକୁ ଥିବା ଏହି ମେଗା ଇଭେଣ୍ଟରେ ମୋଟ ୧୦ଟି କ୍ରୀଡ଼ା ଶୃଙ୍ଖଳାରେ ୩୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେମାନେ ୨୧୫ଟି ସ୍ୱର୍ଣ୍ଣ ପଦକ ଲାଗି ପରସ୍ପର ସହ ଲଢ଼ିବେ। ଭାରତରୁ ୮ଟି ନିୟମିତ ଓ ୫ଟି ପାରା ସ୍ପୋର୍ଟ୍ସରେ ୧୨୬ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ଅଲିମ୍ପିକ୍ ପଦକ ବିଜୟିନୀ ଭାରୋତ୍ତୋଳିକା ମିରାବାଈ ଚାନୁ ଉଦ୍‌ଘାଟନୀ ଉତ୍ସବ ପରେଡ୍‌ରେ ଭାରତର ଜାତୀୟ ପତାକା ଧରିଥିଲେ। ମହିଳା ମୁଷ୍ଟିଯୋଦ୍ଧା ଲଭଲିନା ବୋରୋଗୋହାଇଁ ବାଟନ ଧରିଥିଲେ। ଚଳିତ ପ୍ରତିଯୋଗିତାରେ ଖେଳାଯିବାକୁ ଥିବା ୧୦ଟି ଇଭେଣ୍ଟ ହେଲା ଲନ୍ ବଲ, ବାସ୍କେଟବଲ, ଜିମ୍ନାଷ୍ଟିକ୍ସ, ଆଥଲେଟିକ୍ସ, ବକ୍ସିଂ, ସାଇକ୍ଲିଂ, ଜୁଡୋ, ନେଟ୍‌ବଲ, ସନ୍ତରଣ ଓ ଭାରୋତ୍ତୋଳନ।



ଲଭଲିନା ବୋରୋଗୋହାଇଁ



ଲନ୍ ବଲ୍ ଖେଳାଳି ରୂପାରାଣୀ ତିର୍କୀ

## ରିଙ୍ଗକୁ ନ ଓହ୍ଲାଇ ଲଭଲିନାଙ୍କୁ ସଫଳତା

ଭାରତକୁ ମହିଳା ମୁଷ୍ଟିଯୁଦ୍ଧରୁ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପ୍ରଥମ ପଦକ ଜିତିବା ସ୍ପଷ୍ଟ ହୋଇଛି। ଅଲିମ୍ପିକ୍ ପଦକ ବିଜୟିନୀ ଲଭଲିନା ବୋରୋଗୋହାଇଁ ଭାରତ ପାଇଁ ଏହି ସଫଳତା ଆଣିଛନ୍ତି। ମହିଳା ୭୫ କିଗ୍ରା ବିଭାଗରେ ମୋଟ୍ ୫ ଜଣ ଅଂଶଗ୍ରହଣ କରିଛନ୍ତି। ର୍‌ୟାଙ୍କିଙ୍ଗ୍ ଅନୁଯାୟୀ ଲଭଲିନାଙ୍କ ସମେତ ଅଷ୍ଟ୍ରେଲିଆର ଇମା ଓ ଟୁଭାଲୁ ସିଧାସଳଖ ସେମିଫାଇନାଲ ଖେଳିବେ। ଅପରପକ୍ଷରେ ଇଂଲଣ୍ଡର ମ୍ୟାରୀ କେଟ୍ ସ୍ମିଥ ଓ ନାଇଜେରିଆର ପାଟ୍ରିସିଆଙ୍କ ମଧ୍ୟରେ ଏକମାତ୍ର କ୍ୱାର୍ଟର ଫାଇନାଲ ଖେଳାଯିବ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ନିୟମ ଅନୁଯାୟୀ ବକ୍ସିଂରେ ସେମିଫାଇନାଲରେ ପ୍ରବେଶ କଲେ ଅତିକମ୍‌ରେ କାଂସ୍ୟ ପଦକ ମିଳିବ। ଫଳରେ ରିଙ୍ଗ୍‌କୁ ନ ଓହ୍ଲାଇ ଲଭଲିନା ପଦକ ଜିତିବା ସ୍ପଷ୍ଟ କରିଛନ୍ତି। ପୁରୁଷ ଲନ୍ ବଲରେ ଭାରତର ପୁତୁଲ ସୋନୱାଲ ୨୦୨୩ ସଂସ୍କରଣ ସ୍ୱର୍ଣ୍ଣ ବିଜେତା କାନାଡାର ର୍‌ୟାନ ବେଷ୍ଟରଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି।

## ମହିଳା ଲନ୍ ବଲ୍ ଦଳ ଜିତିଲା

ମହିଳା ଲନ୍ ବଲ୍‌ରେ ଭାରତୀୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତୀୟ ମହିଳା ଦଳ ପ୍ରଥମ ମ୍ୟାଚରେ ଟାଇବ୍ରେକ୍‌ରେ ୟୁରୋପୀୟ ରାଷ୍ଟ୍ର ମାଲଟାକୁ ପରାସ୍ତ କରିଛି। ରୂପାରାଣୀ ତିର୍କୀ ଓ ପିଙ୍କିଙ୍କୁ ନେଇ ଗଠିତ ଭାରତୀୟ ଦଳ ପ୍ରଥମ ସେଟକୁ ୭-୧ରେ ସହଜରେ ଜିତିନେଇଥିଲେ। ଏହାପରେ ମାଲଟା ଯୋଡ଼ି ୪-୩ରେ ଦ୍ୱିତୀୟ ସେଟରେ ବିଜୟୀ ହୋଇଥିଲେ। ଏହାପରେ ଟାଇବ୍ରେକରେ ପିଙ୍କି ଭାରତକୁ ବିଜୟୀ କରାଇଥିଲେ।

## ଆଜି ତପନ ଓ ତପେଶ୍ୱରଙ୍କ ଉପରେ ନଜର

ଗ୍ଲାସଗୋ, ୨୩।୭ (ଏଜେନ୍ସି): ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଦ୍ୱିତୀୟ ଦିବସରେ ପୁରୁଷ ଜିମ୍ନାଷ୍ଟିକ୍ସ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ତପନ ମହାନ୍ତି ଓ ତପେଶ୍ୱର ଦାସଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର

**ପ୍ରସାରଣ ସୋନି ସ୍ପୋର୍ଟ୍ସ**
**ଆରମ୍ଭ: ସକାଳ ୭ଟା ୩୦**

ରହିଛି। ଓଡ଼ିଶା ଏଏମ/ଏନଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚପିସି'ରେ ପ୍ରଶିକ୍ଷଣ ନେଉଥିବା ତପନ ଓ ତପେଶ୍ୱର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସରେ ଭାଗନେଉଛନ୍ତି। ସେହିଭଳି ଶୁକ୍ରବାର ଭାରତୀୟ କ୍ରୀଡ଼ାବିତଙ୍କ ମଧ୍ୟରେ ମହିଳା ଲନ୍ ବଲ୍ (ଭାରତ ବନାମ ଦକ୍ଷିଣ ଆଫ୍ରିକା), ପୁରୁଷ ବକ୍ସିଂ ୫୫ କିଗ୍ରାରେ ଯଦୁମଣୀ ସିଂ, ସନ୍ତରଣରେ ଶ୍ରୀହରି ନଟରାଜନ ଏବଂ ପାରା ପାୱାରଲିଫ୍ଟିଂରେ ଅଶୋକ, ପରମଜିତ୍, ଜସପ୍ରୀତ କୌର, କସ୍ତୁରୀ ରାଜମଣି ଓ ଝଣ୍ଟୁ କୁମାର ସୁଧୀରଙ୍କ ଖେଳ ଦେଖିବାକୁ ମିଳିବ।

● ପ୍ରଥମ ଟି-୨୦: ବୈଭବଙ୍କ ବିସ୍ଫୋରଣ, ଜିମ୍ବାୱେ ପରାସ୍ତ

# ଅଧିନାୟକ ଆୟରଙ୍କ ପ୍ରତୀକ୍ଷିତ ବିଜୟ



ହରାରେ, ୨୩।୭ (ଏଜେନ୍ସି): ଜିମ୍ବାୱେ ଗସ୍ତରେ ଯାଇଥିବା ଭାରତୀୟ କ୍ରିକେଟ୍ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗୁରୁବାର ହରାରେ କ୍ଲବରେ ଅନୁଷ୍ଠିତ ଟି-୨୦ ସିରିଜର ପ୍ରଥମ ମୁକାବିଲାରେ ଭାରତ ୭ ୱିକେଟରେ ଘରୋଇ ଜିମ୍ବାୱେକୁ ମାତ୍ ଦେଇଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜିମ୍ବାୱେ ୭ ୱିକେଟରେ ୧୨୫ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ୱେସଲୀ ମାଧଭେରା ସର୍ବାଧିକ ୩୯, ତାଡିୱାନସି ମାରୁମାନି ୨୭ ଓ ର୍‌ୟାନ ବର୍ଲ ୨୬ ରନ କରିଥିଲେ। ଅଧିନାୟକ ସିକନ୍ଦର ରାଜା ୪, ବେନ କରନ ୧୦ ଓ ବ୍ରାଏନ ବେନେଟ ଖାତା ଖୋଲିପାରି ନ ଥିଲେ। ଭାରତ ପକ୍ଷରୁ ୨୧ ମାସ ପରେ ଦଳକୁ ଫେରିଥିବା ସ୍ପିଡ ଷ୍ଟାର୍ ମୟଙ୍କ ଯାଦବ ଓ ପ୍ରିନ୍ସ ଯାଦବ ୨ଟି ଲେଖାଏ ଏବଂ ଶିବମ ଦୁବେ ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ଏଠାରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ରାଜସ୍ଥାନ ଦ୍ରୁତ ବୋଲର ଅଶୋକ ଶର୍ମା (୪-୦-୨୯-୦) ୱିକେଟ୍‌ଶୂନ୍ୟ ରହିଥିଲେ।

## ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ଅର୍ଦ୍ଧଶତକ ହାସଲକାରୀ

ଜବାବରେ ଯୁବ ବାମହାତୀ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରଥମ ଟି-୨୦ ଅର୍ଦ୍ଧଶତକ ବଳରେ ଭାରତ ୪୦ଟି ବଲ୍ ବଳକା ଥାଇ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ନିଜର ପ୍ରଥମ ଅନ୍ତର୍ଜାତୀୟ ଅର୍ଦ୍ଧଶତକୀୟ ପାଳିରେ ବୈଭବ ୧୯ଟି ବଲରେ ୪ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଶାନ କିଶାନ ୩୫ ଓ ଅଧିନାୟକ ଶ୍ରେୟସ ଆୟର ୨୮* ରନ କରିଥିଲେ। ଓପନର୍ ଅଭିଷେକ ଶର୍ମା ୧ ରନ କରି ନିରାଶ କରିଥିବାବେଳେ ତିଳକ ବର୍ମା ୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଘରୋଇ ଦଳର ବ୍ଲେସିଂ ମୁଜରବାନୀଙ୍କୁ ସର୍ବାଧିକ ୨ଟି ୱିକେଟ୍ ମିଳିଥିଲା। ଅଧିନାୟକ ଭାବେ ଆୟର ୮ଟି ମ୍ୟାଚରେ ନେତୃତ୍ୱ ନେବା ପରେ ପ୍ରଥମ ବିଜୟ ସ୍ୱାଦ ଚାଖିଛନ୍ତି। ସେହିଭଳି ବୈଭବ (୧୫ ବର୍ଷ ୧୧୮ ଦିନ) ଅନ୍ତର୍ଜାତୀୟ କ୍ରିକେଟରେ ସର୍ବକନିଷ୍ଠ ପୁରୁଷ ବ୍ୟାଟର୍ ଭାବେ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଏହିକ୍ରମରେ ସେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଛନ୍ତି। ସଚିନ ୧୬ ବର୍ଷ ୨୧୩ ଦିନ ବୟସରେ ପାକିସ୍ତାନ ବିପକ୍ଷ ଟେଷ୍ଟରେ ୫୯ ରନ କରି ଏହି ରେକର୍ଡର ଅଧିକାରୀ ରହିଥିଲେ। ଭାରତ ଓ ଜିମ୍ବାୱେ ମଧ୍ୟରେ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍ ଶନିବାର ଖେଳାଯିବ।

**FOR RENT**

Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:

**8249526803**

## ବାଂଲାଦେଶ-ଇଂଲଣ୍ଡ ମହିଳା ଦଳ ମଧ୍ୟରେ ଐତିହାସିକ ଦ୍ୱିପାକ୍ଷିକ ସିରିଜ

ଲଣ୍ଡନ, ୨୩।୭ (ଏଜେନ୍ସି): ବାଂଲାଦେଶ ଓ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ମଧ୍ୟରେ ସର୍ବପ୍ରଥମ ଦ୍ୱିପାକ୍ଷିକ ସିରିଜ ଆସନ୍ତାବର୍ଷ ଖେଳାଯିବ। ବାଂଲାଦେଶ ମହିଳା ଦଳ ଇଂଲଣ୍ଡ ଗସ୍ତରେ ଯାଇ ୬ଟି ସୀମିତ ଓଭର ମ୍ୟାଚ୍ ଖେଳିବ। ଯେଉଁଥିରେ ୩ଟି ଲେଖାଏ ଦିନିକିଆ ଓ ଟି-୨୦ ମ୍ୟାଚ୍ ଅନ୍ତର୍ଭୁକ୍ତ ରହିଛି। ୨୦୨୭ ସେପ୍ଟେମ୍ବର ୮ ତାରିଖରେ ନର୍ଥାମ୍ପଟନରେ ପ୍ରଥମ ଟି-୨୦ ମ୍ୟାଚ ଖେଳି ବାଂଲାଦେଶ ମହିଳା କ୍ରିକେଟ୍ ଦଳ ଏହି ଐତିହାସିକ ଗସ୍ତ ଆରମ୍ଭ କରିବ। ସେପ୍ଟେମ୍ବର ୧୭ରୁ ଦିନିକିଆ ସିରିଜ ଖେଳାଯିବ ବୋଲି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି।

## ସିନ୍ଧୁ, ଲକ୍ଷ୍ୟ ଓ ଆୟୁଷଙ୍କ ବିଦାୟ

ଚାଙ୍ଗଝୋଉ, ୨୩।୭ (ଏଜେନ୍ସି): ଚାଇନା ଓପନ୍ ବ୍ୟାଡ୍‌ମିଣ୍ଟନରେ ଗୁରୁବାର ଭାରତ ପାଇଁ ନୈରାଶ୍ୟଜନକ ରହିଥିଲା। ପିଭି ସିନ୍ଧୁଙ୍କ ସମେତ ଲକ୍ଷ୍ୟ ସେନ ଓ ଆୟୁଷ ସେଟ୍ଟୀ ପରାଜୟ ସହ ବିଦାୟ ନେଇଛନ୍ତି। ସିନ୍ଧୁ ପ୍ରି-କ୍ୱାର୍ଟରରେ ୧୬-୨୧, ୨୨-୨୦, ୨୧-୧୮ ଗେମରେ ଘରୋଇ ଖେଳାଳି ଚେନ ୟୁଫେଇ'ଙ୍କ ନିକଟରୁ ହାରିଯାଇଥିଲେ।

# ଫିଫା ବିଶ୍ୱକପ୍ ଡ୍ରିମ୍ ଟିମ୍‌ରେ ଭୋଜିନା, ହଲାଣ୍ଡ

**ଡଲାସ,୨୩।୭ (ଏଜେନ୍ସି):** ଶେଷ ହୋଇଥିବା ଫିଫା ବିଶ୍ୱକପ୍‌ରେ ଫ୍ୟାନ୍‌ମାନଙ୍କ ଦ୍ୱାରା ଶ୍ରେଷ୍ଠ ଖେଳାଳି ଚୟନ କରାଯାଇଛି। ଏଥିରେ କେପ୍ ଭର୍ଡର ଗୋଲରକ୍ଷକ ଭୋଜିନା ଓ ନରୱେର ଏର୍ଲିଙ୍ଗ ହଲାଣ୍ଡ ସ୍ଥାନ ପାଇଛନ୍ତି। ଗୋଲ୍ଡେନ ଗ୍ଲୋଭ୍ ପୁରସ୍କାର ଜିତିଥିବା ସ୍ପେନ୍‌ର ୟୁନାଇ ସାଇମନଙ୍କଠାରୁ ଯଥେଷ୍ଟ ଅଧିକ ତଥା ୩୯.୬ ଶତକଡ଼ା ଭୋଟ ପାଇଥିଲେ ଭୋଜିନା। ସ୍ପେନ୍ ବିପକ୍ଷ ମ୍ୟାଚ୍‌ରେ ୭ଟି ସେଭ୍ କରିବା ଫଳରେ କେପ ଭର୍ଡେ ଚଳିତ ବିଶ୍ୱକପ୍‌ରେ ପଦାର୍ପଣ କରି ପ୍ରଥମ ମ୍ୟାଚ୍ ଡ୍ର ରଖିଥିଲା। କିଲିଆନ୍ ଏମ୍‌ବାପେ, ଲିଓନେଲ ମେସି ଓ ଜୁଡ୍ ବେଲିଂହାମ୍‌ଙ୍କୁ ଏହି ଡ୍ରିମ୍ ଟିମ୍‌ରେ ସାମିଲ କରାଯାଇଛି।

**ଫିଫା ଡ୍ରିମ୍ ଇଲେଭେନ୍:** **ଗୋଲକିପର:** ଭୋଜିନା (କେପ୍ ଭର୍ଡ), **ଡିଫେଣ୍ଡର:** ପେଡ୍ରୋ ପୋରୋ (ସ୍ପେନ୍), ଲିସାଣ୍ଡ୍ରୋ ମାର୍ଟିନେଜ୍ (ଆର୍ଜେଣ୍ଟିନା), ଡାୟଟ ଉପାମେକାନୋ (ଫ୍ରାନ୍ସ) ଓ ମାର୍କ କୁକୁରେଲା (ସ୍ପେନ୍), **ମିଡ୍ ଫିଲ୍ଡର:** ରୋଡ୍ରି (ସ୍ପେନ୍), ମାଇକେଲ ଓଲିସେ (ଫ୍ରାନ୍ସ), ଜୁଡ୍ ବେଲିଂହାମ୍ (ଇଂଲଣ୍ଡ), **ଫରୱାର୍ଡ:** ଲିଓନେଲ ମେସି (ଆର୍ଜେଣ୍ଟିନା), ଏର୍ଲିଂ ହଲାଣ୍ଡ (ନରୱେ), କିଲିଆନ୍ ଏମ୍‌ବାପେ (ଫ୍ରାନ୍ସ)।




## ୧୯ ବର୍ଷରୁ କମ୍ ଯୁବ ଟେଷ୍ଟ ସିରିଜ୍ ଜିତିଲା ଭାରତ

କଲମ୍ବୋ,୨୩।୭ (ଏଜେନ୍ସି): ଲେଗ୍ ସ୍ପିନର ରୋହିତ ଯାଦବଙ୍କ ୪ ୱିକେଟ ଓ ଫାଷ୍ଟ ବୋଲର ସି ଭେଙ୍କଟ ୩ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ଗୁରୁବାର ଶେଷ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ଭାରତ ୨୧୧ ରନ୍‌ରେ ଜିତିନେଇଛି। ଫଳରେ ଦୁଇ ଦେଶ ମଧ୍ୟରେ ଶେଷ ହୋଇଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଭାରତ ୧-୦ରେ ବିଜୟୀ ହୋଇଛି। ସିରିଜ୍‌ର ପ୍ରଥମ ଟେଷ୍ଟ ଡ୍ର ରହିଥିଲା। ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍‌ରେ ଶ୍ରୀଲଙ୍କା ୨-୧ରେ କବ୍‌ଜା କରିଥିଲା। ଭାରତ ଟେଷ୍ଟ ସିରିଜ୍ ଜିତି ପ୍ରତ୍ୟାବର୍ତ୍ତନ କରିଥିଲା।

## ଦିଲ୍ଲୀରେ ଭାରତ-ଆଫଗାନିସ୍ତାନ ଟି-୨୦ ସିରିଜ୍

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ନୂଆଦିଲ୍ଲୀରେ ଖେଳାଯିବ। ଏହି ସିରିଜ୍‌ର ଆୟୋଜକ ରହିବ ଆଫଗାନିସ୍ତାନ। ଫଳରେ ଭାରତରେ ଭାରତ ସହ ଆଫଗାନିସ୍ତାନ ଏକ ସିରିଜ୍ ଆୟୋଜନ କରିବ। ପୂର୍ବରୁ ଲକ୍ଷ୍ନୌ, ଡେରାଡୁନ୍ ଓ ଗ୍ରେଟର ନଏଡାରେ ଆଫଗାନିସ୍ତାନ ଘରୋଇ ଟିମ୍ ଭାବେ ଭିନ୍ନ ଭିନ୍ନ ଅନ୍ତର୍ଜାତୀୟ ସିରିଜ୍ ଆୟୋଜନ କରିଛି। କିନ୍ତୁ ଭାରତ ବିପକ୍ଷରେ କେବେ ଖେଳିନାହିଁ। ଏହି ସିରିଜ୍‌ର ସମସ୍ତ ମ୍ୟାଚ୍ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯିବ। ଏହାର କାର୍ଯ୍ୟସୂଚୀ ଘୋଷଣା କରା ଯାଇ ନ ଥିଲାବେଳେ ସେପ୍ଟେମ୍ବର ୧୩, ୧୫ ଓ ୧୭ରେ ଏହା ଆୟୋଜିତ ହେବ ବୋଲି ଆଶା କରାଯାଉଛି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ର ଦୁଇସପ୍ତାହ ପରେ ଓ ଏସିଆନ ଗେମ୍ସ ଆରମ୍ଭ ହେବାର ଏକ ସପ୍ତାହ ପୂର୍ବରୁ ଏହି ସିରିଜ୍ ଖେଳାଯିବ।




ସକାଳ
THE SAKALA
www.thesakala.in

The Sakala require the following post for Head Office urgently.

**ADVERTISEMENT EXECUTIVE**

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS